


ପଶ୍ଚିମ ଓଡ଼ିଶାର ଗଣପର୍ବ
ନୂଆଁଖାଇ ଅବସରରେ
'ସକାଳ' ପରିବାର ପକ୍ଷରୁ
ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-82 •TUESDAY •15 SEPTEMBER 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୪ •ସଂଖ୍ୟା-୮୨ •ମଙ୍ଗଳବାର •୧୫ ସେପ୍ଟେମ୍ବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


### କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ରିପୋର୍ଟ

# ଜାତୀୟ ହାରଠୁ ଓଡ଼ିଶାରେ ଦରବୃଦ୍ଧି ଅଧିକ

## ଦେଶର ୫ ମହଙ୍ଗା ରାଜ୍ୟ ମଧ୍ୟରେ ଓଡ଼ିଶା

■ ଭୁବନେଶ୍ୱର, ୧୪।୯ (ସମିସ): ପୁଣି ଖାଉଟିଙ୍କ ଉପରେ ପଡ଼ିଛି ମହଙ୍ଗା ପାହାର। ଅଗଷ୍ଟ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି ଓ ଏହାର ପ୍ରଭାବ ମୂଲ୍ୟବୃଦ୍ଧି ଉପରେ ପଡ଼ିଛି। ଜୁଲାଇରେ ମୁଦ୍ରାସ୍ଫୀତି ୪.୪୫% ଥିବାବେଳେ ଅଗଷ୍ଟରେ ଏହା ୪.୮୨%ରେ ପହଞ୍ଚିଛି । ତେବେ ବିଡ଼ମ୍ବନା ହେଉଛି ଦେଶର ହାରାହାରି ଅନୁପାତ ତୁଳନାରେ ଓଡ଼ିଶାରେ ମୁଦ୍ରାସ୍ଫୀତି ଯଥେଷ୍ଟ ଅଧିକ ରହିଛି। ସାରା ଦେଶରେ ଓଡ଼ିଶା ଶୀର୍ଷ ୫ ମହଙ୍ଗା ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ୫୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ତେଲଙ୍ଗାନାରେ ଅଗଷ୍ଟରେ ସର୍ବାଧିକ ୬.୨୭ ପ୍ରତିଶତ ମୁଦ୍ରାସ୍ଫୀତି ରହିଛି। ଏହା ପରେ ତାମିଲନାଡୁରେ ୫.୯୨ ପ୍ରତିଶତ, ମଧ୍ୟପ୍ରଦେଶରେ ୫.୫୫ ପ୍ରତିଶତ, ଆନ୍ଧ୍ରପ୍ରଦେଶରେ ୫.୫୩ ପ୍ରତିଶତ ଏବଂ ଓଡ଼ିଶାରେ ୫.୫୨ ପ୍ରତିଶତ ମୁଦ୍ରାସ୍ଫୀତି ରେକର୍ଡ ହୋଇଛି।

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟଣ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପିଆଇ) ପ୍ରକାଶିତ ତଥ୍ୟ ଅନୁସାରେ ଅଗଷ୍ଟରେ ଦେଶର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟ ସ୍ଥାନରେ ମୁଦ୍ରାସ୍ଫୀତି ବଢ଼ିଛି। ଗ୍ରାମାଞ୍ଚଳରେ ଜୁଲାଇର ୪.୮୪ ପ୍ରତିଶତରୁ ବୃଦ୍ଧି ପାଇ ଅଗଷ୍ଟରେ ୫.୨୩ ପ୍ରତିଶତ ହୋଇଛି। ସହରାଞ୍ଚଳରେ ମଧ୍ୟ ଏହା ୩.୯୬ ପ୍ରତିଶତରୁ ବଢ଼ି ▶ପୃଷ୍ଠା-୭

## ପାଇକାରୀ ମୁଦ୍ରାସ୍ଫୀତି ୯.୯୨ %

■ ନୂଆଦିଲ୍ଲୀ: ଅଗଷ୍ଟ ମାସରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧିପାଇ ୯.୯୨ ପ୍ରତିଶତରେ ପହଞ୍ଚିଛି। ସୋମବାର କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟରେ ଏହା ଉଲ୍ଲେଖ କରାଯାଇଛି। ୨୦୨୨-୨୩ ଆଧାର ବର୍ଷ ଅନୁଯାୟୀ ଏହା ଦ୍ୱିତୀୟ ସର୍ବୋଚ୍ଚ ମୁଦ୍ରାସ୍ଫୀତି ବୋଲି କୁହାଯାଇଛି। ବିଶେଷକରି ଇନ୍ଧନ ଓ ବିଦ୍ୟୁତ୍ କ୍ଷେତ୍ରରେ ମୁଦ୍ରାସ୍ଫୀତି ମାସକ ମଧ୍ୟରେ ପାଖାପାଖି ୩% ବୃଦ୍ଧି ପାଇ ୨୨.୯୩ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ସୂଚକାଙ୍କ ଭିତ୍ତିକ ମହଙ୍ଗାଇ ଅଗଷ୍ଟରେ ୭.୦୫ ପ୍ରତିଶତରେ ପହଞ୍ଚିଛି। ଜୁଲାଇରେ ଏହା ୬.୬୫ ପ୍ରତିଶତ ଥିଲା। ଖାଦ୍ୟ ସାମଗ୍ରୀ, ଖାଦ୍ୟ ଉତ୍ପାଦ ନିର୍ମାଣ, ଖଣିଜ ତେଲ, ମୌଳିକ ଧାତୁ, ଅଣଖାଦ୍ୟ ସାମଗ୍ରୀ ଏବଂ ରାସାୟନିକ ଉତ୍ପାଦର ମୂଲ୍ୟ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିବା କୁହାଯାଇଛି ।

### ଖଣି ଆଇନ ସଂଶୋଧନ

# ଅର୍ଥନୈତିକ ଅବରୋଧ କରିବ ବିଜେଡି

■ ଭୁବନେଶ୍ୱର,୧୪।୯ (ସମିସ): ରାଜ୍ୟର ସ୍ୱାର୍ଥ କ୍ଷୁଣ୍ଣ କରୁଥିବା ଏମଏମଡିଆର ଆଇନ ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିରବତା ଅତ୍ୟନ୍ତ ରହସ୍ୟମୟ। ଖଣିମାଲିକମାନଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସ୍ୱାର୍ଥକୁ କେନ୍ଦ୍ର ସରକାର ବଳି ଦେଇଛନ୍ତି । ଆଙ୍ଗୁଳିଗଣତି କେଇଜଣ ଖଣି ପଟ୍ଟାଦାରଙ୍କ ପାଇଁ ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଛି। ତେଣୁ ଏହି ଆଇନ ପ୍ରତ୍ୟାହାର ନ ହେଲେ ଅର୍ଥନୈତିକ ଅବରୋଧ କରିବାକୁ ଧମକ ଦେଇଛି ବିଜେଡି



■ ଖଣି ମାଲିକଙ୍କ ପାଇଁ ଏମଏମଡିଆର ଆଇନ ସଂଶୋଧନ
■ ଆଇନ ମାଧ୍ୟମରେ ରାଜ୍ୟର ଅଧିକାର ଛଡାଇ ନିଆଯାଇଛି

ସୋମବାର ଶଙ୍ଖ ଭବନରେ ଦଳର ବିଧାୟକ ଡଃ ଅରୁଣ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏମଏମଡିଆର ଆଇନ ସଂଶୋଧନ ରାଜ୍ୟର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ବିଧାନସଭାର ବିଶେଷ ଅଧିବେଶନ ଓ ଏକ ସର୍ବଦଳୀୟ ବୈଠକ ଡାକିବା ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଏଯାବତ ଏହି ଚିଠିର ଉତ୍ତର ରଖିବାକୁ ଉଚିତ ମଣିଲେ ନାହିଁ। ଏମଏମଡିଆର ଆଇନ ସଂଶୋଧନ ମାଧ୍ୟମରେ ଖଣିର ମାଲିକାନା ରାଜ୍ୟ ହାତରୁ ଛଡେଇ ନିଆଯାଇଛି। ଖଣି ହାତରେ ନ ଥିବା ବେଳେ, କେନ୍ଦ୍ର ସରକାରଙ୍କ ହାତ ଟେକା ଦାନକୁ ଅପେକ୍ଷା କରି ରହିଥିବା ରାଜ୍ୟ ସରକାର କେଉଁ ଅଧିକାର ନେଇ ୟୁଏଇ ଗସ୍ତ କରି ପୁଞ୍ଜିନିବେଶ ପାଇଁ ଆହ୍ୱାନ କରୁଛନ୍ତି? ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି କ୍ଷେତ୍ରରୁ ଆଦାୟ ହେବାକୁ ଥିବା ବକେୟା ଟିକସ ବାବଦକୁ ଓଡ଼ିଶା ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିଲା। ଏଥି ସହିତ ଖଣିରୁ ରାଜସ୍ୱ ବାବଦକୁ ରାଜ୍ୟ ବାର୍ଷିକ ୧୨,୦୦୦ କୋଟି ଟଙ୍କା କ୍ଷତି ସହିବ। କିନ୍ତୁ ଓଡ଼ିଶାର ଏତେବଡ଼ ଆର୍ଥିକ କ୍ଷତିକୁ ରାଜ୍ୟ ବିଜେପି ସରକାର ନିରବରେ ସମର୍ଥନ ଦେଉଛନ୍ତି। କାହା ସ୍ୱାର୍ଥରେ ଏମଏମଡିଆର ଆଇନର ସଂଶୋଧନ ▶ପୃଷ୍ଠା-୭

### ଓଲଟ ପାଲଟ



ଗୋପ ନଗରୀରେ ବାଜୁଛି ବାଜଣା
ଟଙ୍କାଗୁଡ଼ା ଗୋଡ଼ି-ମାଟି ,
ସରକାରୀ କାମ ନାମରେ କେବଳ
ନେଇଗଲେ ବାଣ୍ଟିକୁଣ୍ଟି ।
ପାସ୍ ହୁଏ କୋଟି କୋଟି,
ଦିନ ବେଳେ ଛାତ ପଡ଼ିଲା ବେଳକୁ
ରାତିରେ କାମୁଡ଼େ ମାଟି ।
ନେତ୍ରୀ-ଠିକାଦାର ମଧୁଚନ୍ଦ୍ରିକାରେ
ବରବାଦ କରେ ବଟି !!
- ଯାଯାବର

# ପୌର ନିର୍ବାଚନ ପାଇଁ ପାଗ ଭିଡ଼ା

## ୧୯ରେ ୱାର୍ଡ ପୁନର୍ଗଠନ ବିଜ୍ଞପ୍ତି, ୨୮ ଯାଏଁ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ

■ ଭୁବନେଶ୍ୱର,୧୪।୯ (ସମିସ): ରାଜ୍ୟରେ ପଞ୍ଚାୟତ ନିର୍ବାଚନ ସହ ପୌର ନିର୍ବାଚନ ୨୦୨୭ରେ ହେବ। ପୌର ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ୨୦୨୭ ଏପ୍ରିଲ୍ ୬ରେ ଶେଷ ହେବ। ଏହା ପୂର୍ବରୁ ରାଜ୍ୟ ନିର୍ବାଚନ କମିସନ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ଆରମ୍ଭ କରିଛନ୍ତି। ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଗ ଭିଡ଼ିଛି। ଏହି କ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ (ବୌଦ୍ଧ ଜିଲ୍ଲା ବ୍ୟତୀତ) ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଚିଠି ଲେଖି ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାକୁ କହିଛନ୍ତି।

**ଅକ୍ଟୋବର ୩୧ରେ ଚୂଡ଼ାନ୍ତ ବିଜ୍ଞପ୍ତି**

ବିଭାଗର ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟର ୯୯ଟି ପୌର ସଂସ୍ଥାରେ ▶ପୃଷ୍ଠା-୭






ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ,
ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ
ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା
ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର




TPWODL
TP WESTERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

15001/97/2627

ସତ୍ୟମେବ ଜୟତେ



ନୂଆଁଖାଇ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ନୂଆଁଖାଇ ତିହାର୍ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


OIPR-15001/15001/2/26-27/0097




ସକାଳ
www.sakalaepaper.com

# ଆତ୍ମସମର୍ପଣ ପରେ ଜେଲ୍ ଗଲେ ତେଜ୍‌ପାଲ୍

ନୂଆଦିଲ୍ଲୀ/ପଣଜୀ, ୧୪।୯(ଏଜେନ୍ସି): ୨୦୧୩ ମସିହାର ବଳାତ୍କାର ମାମଲାରେ ୧୦ ବର୍ଷର ଜେଲ୍ ଦଣ୍ଡ ପାଇଥିବା 'ତେହେଲକା'ର ପୂର୍ବତନ ଏଡିଟର-ଇନ୍-ଚିଫ୍ ତରୁଣ ତେଜପାଲ ସୋମବାର ଗୋଆ ପୁଲିସ ନିକଟରେ



ଆତ୍ମସମର୍ପଣ କରିଛନ୍ତି। ପରେ ତାଙ୍କୁ ଉତ୍ତର ଗୋଆର କୋଲଭାଲେ କେନ୍ଦ୍ରୀୟ କାରାଗାରକୁ ପଠାଯାଇଛି। ବମ୍ବେ ହାଇକୋର୍ଟର ଗୋଆ ଖଣ୍ଡପୀଠ ଅଗଷ୍ଟ ୬ରେ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କଠୋର କାରାଦଣ୍ଡ ଦେଇଥିଲେ। ଏହା ପୂର୍ବରୁ ୨୦୨୧ରେ ଗୋଆର ଏକ ସେସନ୍ସ କୋର୍ଟ ତାଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଥିଲେ। ଅଗଷ୍ଟ ୨୫ରେ ସୁପ୍ରିମକୋର୍ଟ ତେଜପାଲଙ୍କୁ ଦୁଇ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କହିଥିଲେ। ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ ପରେ ତାଙ୍କ ଦଣ୍ଡ ବିରୋଧୀ ଆବେଦନର ଶୁଣାଣି ହେବ ବୋଲି ଅଦାଲତ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୨ରେ ଏହି ଆବେଦନର ଶୁଣାଣି ହେବାକୁ ତାଲିକାଭୁକ୍ତ ହୋଇଛି। କୋର୍ଟରୁ ବାହାରିବା ସମୟରେ ତେଜପାଲ କହିଛନ୍ତି ଯେ ସେ ସୁପ୍ରିମକୋର୍ଟରେ ଆଇନଗତ ଲଢେଇ ଜାରି ରଖିବେ ଏବଂ ସେଠାରୁ ନ୍ୟାୟ ମିଳିବ ବୋଲି ତାଙ୍କର ଆଶା ରହିଛି। ଏହି ମାମଲା ୨୦୧୩ ନଭେମ୍ବରର। 'ତେହେଲକା'ର ଜଣେ ପୂର୍ବତନ ମହିଳା କର୍ମଚାରୀ ଗୋଆର ଏକ ହୋଟେଲର ଲିଫ୍ଟ ଭିତରେ ତେଜପାଲ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ମାମଲାରେ ତେଜପାଲଙ୍କୁ ୨୦୧୩ ନଭେମ୍ବର ୩୦ରେ ଗିରଫ କରାଯାଇଥିଲା।

# ପାକିସ୍ତାନର ନାଟକବାଜି

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଜୈଶ-ଏ-ମହମ୍ମଦ ମୁଖ୍ୟ ମସୁଦ ଅଜହରଙ୍କ ସମ୍ପର୍କରେ ସୂଚନା ଦେଲେ ମିଳିବାକୁ ଥିବା ପୁରସ୍କାର ରାଶିକୁ ୫୦ ଲକ୍ଷ ପାକିସ୍ତାନୀ ଟଙ୍କାରୁ ବଢ଼ାଇ ୭୦ ଲକ୍ଷ ଟଙ୍କା କରିଛି ପାକିସ୍ତାନର ଫେଡେରାଲ୍ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି (ଏଫ୍ଆଇଏ)। ଅକ୍ଟୋବରରେ ହେବାକୁ ଥିବା ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କ ଫୋର୍ସ


**ମସୁଦକୁ ଗିରଫ ପାଇଁ ପୁରସ୍କାର ରାଶି ବଢ଼ାଇଲା**



(ଏଫ୍ଏଟିଏଫ୍)ର ପୂର୍ଣ୍ଣାଙ୍ଗ ବୈଠକ ପୂର୍ବରୁ ଏହି ପଦକ୍ଷେପକୁ ନେଇ ପ୍ରଶ୍ନ ଉଠିଛି। ଅଜହରଙ୍କ ନାମକୁ ଏଫ୍ଆଇଏର ୨୦୨୬ 'ରେଡ୍ ବୁକ୍'ରେ ସାମିଲ କରାଯାଇଛି। ପାକିସ୍ତାନର ଦାବି ଅନୁସାରେ, ଅଜହର ଆଉ ଦେଶରେ ନାହାନ୍ତି ଏବଂ ଆଫଗାନିସ୍ତାନରେ ଲୁଚିଛନ୍ତି। ତେବେ ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକର ଆକଳନ ଅନୁସାରେ, ସେ ସିନ୍ଧର ନୱାବଶାହରେ ଥିବା ସମ୍ଭାବନା ରହିଛି। ସୂତ୍ରଙ୍କ ମତରେ, ଆତଙ୍କବାଦୀ ନେଟୱର୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିବା ଦେଖାଇ ଏଫ୍ଏଟିଏଫ୍‌ର ନଜରରୁ ବଞ୍ଚିବା ପାଇଁ ପାକିସ୍ତାନ ଏଭଳି ପଦକ୍ଷେପ ନେଇଥାଇପାରେ। ଭାରତରେ ୨୦୧୯ ପୁଲୱାମା ଆକ୍ରମଣ ସମେତ ଅନେକ ଆତଙ୍କବାଦୀ ଘଟଣାରେ ଅଜହର ଅଭିଯୁକ୍ତ ଅଛନ୍ତି। ଏହାଛଡ଼ା, ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ଜଡ଼ିତ ୧୯ ଜଣଙ୍କ ନାମ ମଧ୍ୟ ଏଫ୍ଆଇଏର ନୂଆ ରେଡ୍ ବୁକ୍‌ରେ ରହିଛି। ରେଡ୍ ବୁକ୍‌ରେ ଥିବା ଆତଙ୍କବାଦୀଙ୍କ ସଂଖ୍ୟା ୨୦୨୧ର ୧, ୩୩୦ରୁ ବଢ଼ି ଏବେ ୧, ୮୦୪ରେ ପହଞ୍ଚିଛି।

# ଦିଲ୍ଲୀରେ ଜିମ୍ ଟ୍ରେନର୍‌ଙ୍କୁ ଗୁଳିକରି ହତ୍ୟା

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଦକ୍ଷିଣ ଦିଲ୍ଲୀର ଫତେହପୁର ବେରୀ ଅଞ୍ଚଳରେ ସୋମବାର ସକାଳେ ଜଣେ ୨୮ ବର୍ଷୀୟ ଜିମ୍ ଟ୍ରେନରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଆୟାନଗର ଗାଁରେ ଘଟିଥିବା ଏହି ଘଟଣାରେ ପ୍ରାୟ ୧୫ ରାଉଣ୍ଡ ଗୁଳି ଫୁଟିଥିବା ପୁଲିସ କହିଛି। ମୃତକଙ୍କୁ ବିଜୟ ଭାବେ ଚିହ୍ନଟ କରାଯାଇଛି। ସୋମବାର ସକାଳ ପ୍ରାୟ



୧୦ଟାରେ ବାଇକ୍‌ରେ ଆସିଥିବା ୨ ଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାପରେ ଉଭୟେ ବାଇକ୍‌ରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁଳିଚାଳନା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ଭାବେ ବ୍ୟକ୍ତିଗତ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଆକ୍ରମଣକାରୀଙ୍କ ପରିଚୟ ଓ ଗୁଳିକାଣ୍ଡର ପ୍ରକୃତ କାରଣ ଜାଣିବାକୁ ପୁଲିସ ତଦନ୍ତ ଚଳାଇଛି। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ ଅନ୍ୟାନ୍ୟ ପ୍ରମାଣ ମଧ୍ୟ ସଂଗ୍ରହ କରାଯାଉଛି। ସୂଚନା ଅନୁସାରେ, କିଛି ମାସ ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଗୁଳିଚାଳନା ଘଟିଥିଲା। ଏହି ଘଟଣା ପରେ ଆୟାନଗରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି ଏବଂ ଆଇନଶୃଙ୍ଖଳା ବଜାୟ ରଖିବାକୁ ସୁରକ୍ଷାକର୍ମୀ ମୁତୟନ କରାଯାଇଛି।

# ଟିଏମ୍‌ସି ବିଦ୍ରୋହୀ ଗୋଷ୍ଠୀ ଛଟପଟ

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପରେ ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ କରିଥିବା ୨୦ ଜଣ ଲୋକସଭା ସାଂସଦଙ୍କୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଏବେ ବି ତୁଟିନାହିଁ। ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)ରେ ସେମାନଙ୍କର ମିଶ୍ରଣକୁ ବାଚସ୍ପତି ଏପର୍ଯ୍ୟନ୍ତ ସ୍ୱୀକୃତି ଦେଇ ନାହାନ୍ତି। ପୁଣି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ପିଟିସନ ସୁପ୍ରିମ କୋର୍ଟରେ ରହିଛି। ଏହି ଝାମେଲା ତୁଟିନଥିବା ବେଳେ ଏହି ଗୋଷ୍ଠୀର ଜଣେ ସାଂସଦ ଆଜି ଘୋଷଣା କରିଛନ୍ତି ଯେ ଦୁର୍ଗାପୂଜା ପୂର୍ବରୁ ୨୦ ଜଣଙ୍କ ମଧ୍ୟରୁ ୧୭ ଜଣ ବିଜେପିରେ ଯୋଗଦେବେ। କୁଚବିହାର ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ବସୁନିଆ ଆଜି ଏଭଳି ବୟାନ ଦେବା ପରେ ବିଦ୍ରୋହୀ ଗୋଷ୍ଠୀର ଅନ୍ୟ ସାଂସଦ ଏହାକୁ ଖଣ୍ଡନ କରିଛନ୍ତି। ସେମାନେ କହିଛନ୍ତି ଯେ ବିଜେପିରେ ଯୋଗଦେବା ଲାଗି ସେମାନେ ମିଳିତ ନିଷ୍ପତ୍ତି ନେଇ ନାହାନ୍ତି। ପଶ୍ଚିମ ବଙ୍ଗ ରାଜ୍ୟ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ ମଧ୍ୟ ଏଭଳି ଖବରକୁ ଖଣ୍ଡନ କରିଛନ୍ତି।

- ଦୁର୍ଗାପୂଜା ପୂର୍ବରୁ ବିଜେପିରେ ଯୋଗ ଦେବେ ୧୭ ସାଂସଦ!
- ବର୍ମାଙ୍କ ଦାବିକୁ ବିରୋଧ କଲେ ଅନ୍ୟ ବିଦ୍ରୋହୀ
- ଏମିତି କିଛି ନିଷ୍ପତ୍ତି ହୋଇନାହିଁ



ସେ କହିଛନ୍ତି ଯେ ଟିଏମସି ବିଦ୍ରୋହୀଙ୍କୁ ନେବାଲାଗି ଏବେ କୌଣସି ଯୋଜନା ନାହିଁ।

ଅକ୍ଟୋବରରେ ଦୁର୍ଗାପୂଜା ପୂର୍ବରୁ କିମ୍ବା ପରେ ଏନ୍‌ସିପିଆଇର ୨୦ ଜଣ ସାଂସଦଙ୍କ ମଧ୍ୟରୁ ୧୭ ଜଣ ବିଜେପିରେ ଯୋଗ ଦେଇପାରନ୍ତି ବୋଲି ବିଦ୍ରୋହୀ ତୃଣମୂଳ କଂଗ୍ରେସ ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ଆଜି ସକାଳେ ବୟାନ ଦେଇ ହଟଚମଟ ସୃଷ୍ଟି କରିଥିଲେ। ସେ କହିଥିଲେ ଯେ ୧୭ ଜଣ ସାଂସଦ ଏକାଠି ଦଳ ପରିବର୍ତ୍ତନ କରିବେ। ଏହି ସଂଖ୍ୟା ୨୦ ଜଣିଆ ଗୋଷ୍ଠୀର ଦୁଇ-ତୃତୀୟାଂଶରୁ ଅଧିକ ହୋଇଥିବାରୁ ଦଳବଦଳ ନିରୋଧୀ ଆଇନ ସେମାନଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ। ଜୁନ୍ ୧୪ରେ ଟିଏମ୍‌ସିର ୨୦ ଜଣ ବିଦ୍ରୋହୀ ସାଂସଦ ଅପରିଚିତ ଏନ୍‌ସିପିଆଇ ସହ ମିଶିବା ଘୋଷଣା କରିଥିଲେ। ଏହା ସହ ସେମାନେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ସମର୍ଥନ ମଧ୍ୟ ଘୋଷଣା କରିଥିଲେ। ଦଳବଦଳ ନିରୋଧୀ ଆଇନ ଅନୁଯାୟୀ, କୌଣସି ବିଧାୟକ ଦଳର ଅତି କମ୍‌ରେ ଦୁଇ-ତୃତୀୟାଂଶ ସଦସ୍ୟ ମିଶି ଅନ୍ୟ ଦଳରେ ବିଲୟ ହେଲେ ସେମାନଙ୍କ ଉପରେ ଦଳବଦଳ ନିରୋଧୀ ନିୟମ ଲାଗୁ ହୁଏନାହିଁ। ୨୦ ଜଣିଆ ଏନ୍‌ସିପିଆଇ ଗୋଷ୍ଠୀ କ୍ଷେତ୍ରରେ ଏହି ସଂଖ୍ୟା ୧୪ ରହିଛି। ତେବେ ୨୦ ଜଣଙ୍କ ମଧ୍ୟରୁ ତିନିଜଣ ସାଂସଦ ବିଜେପିରେ ଭାବେ ଯୋଗ ଦେବେ ନାହିଁ ବୋଲି ବସୁନିଆ କହିଛନ୍ତି। ସେମାନେ ହେଲେ ଅବୁ ତାହେର ଖାନ୍, ଖଲିଲୁର ରହମାନ ଓ ୟୁସୁଫ ପଠାନ।

## ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲେ ଦୁଇ ଗୋଷ୍ଠୀ

କୋଲକାତା, ୧୪।୯(ଏଜେନ୍ସି): ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ଉପନିର୍ବାଚନ ପାଇଁ ପ୍ରମୁଖ ଦଳଗୁଡ଼ିକ ପ୍ରାର୍ଥୀ ଘୋଷଣା କରିଛନ୍ତି। ମମତା ବାନାର୍ଜୀଙ୍କ ଟିଏମ୍‌ସି ନନ୍ଦିଗ୍ରାମ ଆସନରୁ ସଞ୍ଚିତା ପ୍ରଧାନ ଦେ ଏବଂ ରେଜିନଗରରୁ ରବିଉଲ ଆଲମ ଚୌଧୁରୀଙ୍କୁ ପ୍ରାର୍ଥୀ କରିଛି। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ, ମମତା ନନ୍ଦୀଗ୍ରାମ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଦଳ ସ୍ପଷ୍ଟ କରିଛି। ସେହିଭଳି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ନନ୍ଦିଗ୍ରାମରେ ମହମ୍ମଦ ଏହତସାମୁଲ ହକ ଏବଂ ରେଜିନଗରରେ ସଫିଉଦ୍ଦିନ ଶେଖଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ନିର୍ବାଚନରେ ପ୍ରଥମ ଥର ଲାଗି ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଇତିମଧ୍ୟରେ କଂଗ୍ରେସ ପକ୍ଷରୁ ମହମ୍ମଦ ଅବଦୁଲ୍ଲାହିଲ କାଫିଙ୍କୁ ରେଜିନଗର ଏବଂ ମିଳନ ପ୍ରଧାନଙ୍କୁ ନନ୍ଦିଗ୍ରାମ ଆସନ ପାଇଁ ପ୍ରାର୍ଥୀ କରାଯାଇଛି। ଆସନ୍ତା ଅକ୍ଟୋବର ୬ ରେ ମତଦାନ ଏବଂ ଅକ୍ଟୋବର ୯ ରେ ଭୋଟ ଗଣତି ହେବ।

# ଫସିଲେ ଠାକ୍‌ରେ, ରିୟା



ଦିଶା ସାଲିଆନ ମୃତ୍ୟୁ ମାମଲା

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ସିବିଆଇ ସୋମବାର ଏଫ୍ଆଇଆର୍ ରୁଜୁ କରିଛି। ଏଫ୍ଆଇଆର୍‌ରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ, ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ସମେତ ଅନେକ ବ୍ୟକ୍ତିଙ୍କ ନାମ ରହିଛି। ରୋହନ ରୟ, ଅଭିନେତା ଡିନୋ ମୋରିଆ ଓ ସୂରଜ ପାଞ୍ଚଲି, ଆଦିତ୍ୟଙ୍କ ସୁରକ୍ଷାକର୍ମୀ, ଶୋଭିକ ଚକ୍ରବର୍ତ୍ତୀ, ପୂର୍ବତନ ପୁଲିସ ଅଧିକାରୀ ସଚିନ ୱାଜେ, ପୂର୍ବତନ ମୁମ୍ବାଇ ପୁଲିସ କମିସନର ପରମବୀର ସିଂହ, ଡିସିପି ବିଶାଳ ଠାକୁରଙ୍କ ନାମ ମଧ୍ୟ ରହିଛି। ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଓ ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ନାମ ମଧ୍ୟ ଦସ୍ତାବିଜରେ ଉଲ୍ଲେଖ ହୋଇଛି।

ସିବିଆଇ ଏଫ୍ଆଇଆର୍‌ରେ ଅପରାଧିକ ଷଡ଼ଯନ୍ତ୍ର, ମିଥ୍ୟା ଆତ୍ମହତ୍ୟା କାହାଣୀ ସୃଷ୍ଟି ଓ ପ୍ରଚାର କରିବା ସହ ପ୍ରମାଣ ଦମନ, ନଷ୍ଟ କିମ୍ବା ଜାଲିଆତି କରାଯାଇଥିବା ଅଭିଯୋଗର ତଦନ୍ତ କରାଯିବ ବୋଲି କୁହାଯାଇଛି। ଚଳିତ ମାସ ଆରମ୍ଭରେ ବମ୍ବେ ହାଇକୋର୍ଟ ଦିଶାଙ୍କ ମୃତ୍ୟୁର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମୁମ୍ବାଇ ପୁଲିସ ଦୀର୍ଘ ସମୟ ଧରି ଏଫ୍ଆଇଆର୍ ରୁଜୁ ନକରିଥିବା ନେଇ ମଧ୍ୟ ଅଦାଲତ ପ୍ରଶ୍ନ ଉଠାଇଥିଲେ। ତଦନ୍ତରେ ଥିବା କେତେକ ଅସଙ୍ଗତି ନେଇ ମଧ୍ୟ କୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ୨୦୨୦ ଜୁନ୍ ୮ ରେ ମୁମ୍ବାଇର ମାଲାଡ୍ ଅଞ୍ଚଳର ଏକ ଆବାସିକ କୋଠାରୁ ଖସି ଦିଶାଙ୍କ ମୃତ୍ୟୁ



ହୋଇଥିଲା। ଏହାକୁ ନେଇ ମୁମ୍ବାଇ ପୁଲିସ ଏକ ଦୁର୍ଘଟଣାଜନିତ ମୃତ୍ୟୁ ରିପୋର୍ଟ ରୁଜୁ କରିଥିଲା। ଦିଶାଙ୍କ ମୃତ୍ୟୁର ଛଅ ଦିନ ପରେ, ଜୁନ୍ ୧୪ରେ ସୁଶାନ୍ତ ସିଂହ ରାଜପୁତଙ୍କ ମୃତଦେହ ବାନ୍ଦ୍ରାସ୍ଥିତ ତାଙ୍କ ବାସଭବନରୁ ମିଳିଥିଲା। ଦୁଇ ଘଟଣା ମଧ୍ୟରେ ସମୟର ନିକଟତାକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲେ ମଧ୍ୟ ଦୁଇଟି ମାମଲାର ତଦନ୍ତ ପୃଥକ ଭାବେ ହୋଇଥିଲା। ସୁଶାନ୍ତଙ୍କ ମୃତ୍ୟୁ ମାମଲାରେ ସିବିଆଇ ତଦନ୍ତ ପରେ ତାଙ୍କ ମୃତ୍ୟୁ ଆତ୍ମହତ୍ୟା ବୋଲି ଦର୍ଶାଇଥିଲା। ଦିଶାଙ୍କ ପିତା ସତୀଶ ସାଲିଆନ ପୂର୍ବରୁ ଆଦିତ୍ୟ ଠାକରେ ଓ ଅଭିନେତା ଡିନୋ ମୋରିଆଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ, ମୁମ୍ବାଇ ପୁଲିସର ପୂର୍ବ ତଦନ୍ତ ଅନୁଯାୟୀ ଦିଶାଙ୍କ ମୃତ୍ୟୁ ଆତ୍ମହତ୍ୟା ଥିଲା।

## ଦକ୍ଷିଣ ଆଫ୍ରିକାରେ ଦୁର୍ଘଟଣା; ୨୧ ମୃତ

କେପ୍‌ଟାଉନ, ୧୪।୯(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପଶ୍ଚିମ କେପ୍ ରାଜ୍ୟରେ ରବିବାର ରାତିରେ ତିନିଟି ଗାଡ଼ି ମଧ୍ୟରେ ଭୟଙ୍କର ଧକ୍କା ହୋଇ ଅତି କମ୍‌ରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଆଉ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ରୋଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ କର୍ପୋରେସନ୍‌ର ସୂଚନା ଅନୁଯାୟୀ, ପ୍ରିନ୍ସ ଆଲବର୍ଟ ଓ ଲିଉ-ଗାମ୍କା ନାମକ ଦୁଇଟି ଛୋଟ ସହର ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ଏହି ସ୍ଥାନ କେପ୍‌ଟାଉନଠାରୁ ପ୍ରାୟ ୩୮୦ କିଲୋମିଟର ଦୂରରେ ରହିଛି। ପ୍ରାଥମିକ ତଦନ୍ତ ଅନୁସାରେ, ଦୁଇଟି ମିନିବସ୍ ଟ୍ୟାକ୍ସି ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଏହାପରେ ଏକ ଏସ୍‌ୟୁଭି ଆସି ଦୁଇଟି ଯାନକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ତିନି ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

**ରାଜସ୍ଥାନ ପୌର ନିର୍ବାଚନ**

# ସ୍ୱାଧୀନ ପ୍ରାର୍ଥୀଙ୍କ ଦବ୍‌ଦବା

ଜୟପୁର, ୧୪।୯(ଏଜେନ୍ସି): ରାଜସ୍ଥାନରେ ଅନୁଷ୍ଠିତ ପୌର ନିର୍ବାଚନରେ ବିଜେପି, କଂଗ୍ରେସ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଛି। ମୋଟ୍ ୩୦୯ ପୌର ସଂସ୍ଥାର ୧୦ ହଜାର ୨୪୪ ୱାର୍ଡ ମଧ୍ୟରୁ ଘୋଷିତ ଫଳାଫଳରେ ବିଜେପି ୪ହଜାର ୧୭୧ଟି ୱାର୍ଡରେ ବିଜୟୀ ହୋଇଥିବା ବେଳେ

- ବିଜେପି ଖାତାରେ ୩୫୮୭ ୱାର୍ଡ
- କଂଗ୍ରେସକୁ ମିଳିଛି ୩୦୫୦
- ୨୦୨୪ରେ ସ୍ୱାଧୀନ କାଉନସିଲର



କଂଗ୍ରେସ ୩ହଜାର ୫୯୭ଟି ୱାର୍ଡ ଦଖଲ କରିଛି। ଦୁଇ ହଜାରରୁ ଅଧିକ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୧୦ଟି ପୌର ନିଗମ, ୫୧ଟି ପୌର ପରିଷଦ ଏବଂ ୨୪୮ଟି ପୌରାଞ୍ଚଳରେ ୧୦ ହଜାର ୨୪୫ କାଉନସିଲରଙ୍କୁ ନିର୍ବାଚିତ କରିବା ଲାଗି ହୋଇଥିଲା ମତଦାନ।

ମୋଟ୍ ୧୦ଟି ପୌର ନିଗମ ମଧ୍ୟରୁ ବିଜେପିକୁ ଜୟପୁର, ଉଦୟପୁର, କୋଟା ଏବଂ ଭେଲୱାରାରେ ସ୍ପଷ୍ଟ ବହୁମତ ମିଳିଥିବା ବେଳେ କଂଗ୍ରେସକୁ ବିକାାନେରରେ ବିଜୟ ମିଳିଛି। ତେବେ ଯୋଧପୁର, ଅଲୱାର, ଅଜମୀର ଏବଂ ପାଲି ପୌର ନିଗମରେ କାହାରିକୁ ସ୍ପଷ୍ଟ ବହୁମତ ମିଳିନାହିଁ। ପୌର ନିଗମରେ ସ୍ୱାଧୀନ କାଉନସିଲଙ୍କର ନିର୍ଣ୍ଣାୟକ ଭୂମିକା ରହିଛି। ଯୋଧପୁରରେ ବିଜେପି ଓ କଂଗ୍ରେସ ୪୪ଟି ଲେଖାଏଁ ୱାର୍ଡ ଜିତିଛନ୍ତି। ସେହିଭଳି ଅଜମେର ଓ ପାଲିରେ କଂଗ୍ରେସ ଆଗୁଆ ରହିଥିବା ବେଳେ ଅଲୱାରରେ ବିଜେପି ଆଗୁଆ ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଭରତପୁରରେ ୬୮ଟି ୱାର୍ଡ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ୩୮ଟିରେ ବିଜୟୀ ହୋଇ ବିଜେପି (୨୦)କୁ ପଛରେ ପକାଇଦେଇଛନ୍ତି।

# ଦୂଷିତ ପାଣିରୁ ସଂକ୍ରମଣ; ଗଲାଣି ୩୦ ଆଦିବାସୀ ଶିଶୁଙ୍କ ଜୀବନ

ବାଲାଘାଟ, ୧୪।୯(ଏଜେନ୍ସି): ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲାରେ ସଂକ୍ରାମକ ରୋଗ ଯୋଗୁଁ ୩୦ରୁ ଅଧିକ ଆଦିବାସୀ ଶିଶୁଙ୍କ ମୃତ୍ୟୁ ହୋଇଛି। କକ୍ରୋଚ୍ ଜନତା ପାର୍ଟିର ସଂସ୍ଥାପକ ଅଭିଜିତ୍ ଦୀପକେ ପ୍ରଭାବିତ ଅଞ୍ଚଳ ଯାଇ ଯେଉଁ ତଥ୍ୟ ଦେଇଛନ୍ତି, ତାହା ସମସ୍ତଙ୍କୁ ବିସ୍ମିତ କରିଛି। ବାଲାଘାଟ ଜିଲ୍ଲାର ଆଡୋରୀ, କୋରକା ଏବଂ ବୋଣ୍ଡାରୀ ଗ୍ରାମରେ ଲୋକମାନେ ଏବେ ନାଳରୁ ଦୂଷିତ ପାଣି ପିଉଛନ୍ତି। ନଳକୂଅରୁ ହଳଦିଆ ଦୂଷିତ ଜଳ ବାହାରୁଛି, ଲୋକେ ନଦୀ ନିକଟ ଚୁଆରୁ ଦୂଷିତ ଜଳ ସଂଗ୍ରହ କରୁଛନ୍ତି। ଅଞ୍ଚଳରେ ଡାକ୍ତରଖାନାର ସୀମିତ କ୍ଷମତା ସ୍ୱାସ୍ଥ୍ୟସେବାରେ ପ୍ରତିବନ୍ଧକ ହୋଇଛି। ଦୀପକେ କହିଛନ୍ତି ଯେ, ସରକାର ଶିଶୁ ମୃତ୍ୟୁ ସଂଖ୍ୟା ସ୍ୱୀକାର କରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କିନ୍ତୁ ସରକାର ଦ୍ୱାରା ପ୍ରଭାବିତ ହୋଇ ଗଣମାଧ୍ୟମ

**ମଧ୍ୟପ୍ରଦେଶ ବାଲାଘାଟର ଭୟଙ୍କର ଚିତ୍ର ଦେଖାଇଲେ ଦୀପ୍‌କେ**

ଶିଶୁମୃତ୍ୟୁ ପାଇଁ ଆଦିବାସୀଙ୍କୁ ଦାୟୀ କରୁଛନ୍ତି। ଆଦିବାସୀ ଡାକ୍ତରଖାନା ଆସିବା ପରିବର୍ତ୍ତେ ପାରମ୍ପରିକ ଚିକିତ୍ସା ଉପରେ ନିର୍ଭର କରୁଥିବା ସରକାରୀ ଅଧିକାରୀ କହୁଛନ୍ତି। ତେବେ ଏଥିପାଇଁ କିଏ ଦାୟୀ ବୋଲି ଦୀପକେ ପ୍ରଶ୍ନ କରିଛନ୍ତି।



# ଭିକାରୀ ବେଶରେ ବୁଲିଲେ ୩୩୮୩ କୋଟିର ମାଲିକ ବିଜେପି ବିଧାୟକ

ମୁମ୍ବାଇ, ୧୪।୯(ଏଜେନ୍ସି): ମହାରାଷ୍ଟ୍ରର ସବୁଠାରୁ ଧନୀ ରାଜନେତାଙ୍କ ମଧ୍ୟରେ ଥିବା ବିଜେପି ବିଧାୟକ ପରାଗ ଶାହ ଏକ ଅଭିନବ ଅନୁଭୂତି ପାଇଁ ମୁମ୍ବାଇର ଘାଟକୋପରରେ ଦିନଟିଏ ଭିକାରୀ ବେଶରେ ବୁଲିଛନ୍ତି। ତାଙ୍କ ଏହି ଅଭିନବ ପ୍ରୟାସର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଜୈନ ଚତୁର୍ମାସ ସମୟରେ ଜୈନ ଧର୍ମଗୁରୁ ନମ୍ରମୁନି ମହାରାଜଙ୍କ ପରାମର୍ଶରେ ଶାହ ଏହି ପ୍ରୟୋଗ କରିଥିବା ଜଣାପଡ଼ିଛି। ସେ ନିଜ ସୁରକ୍ଷାକର୍ମୀ, ଗାଡ଼ି ଓ ମୂଲ୍ୟବାନ ସାମଗ୍ରୀ ଛାଡ଼ି ମେକଅପ୍ ଓ ପୋଷାକ ବଦଳାଇ ଭିକାରୀଙ୍କ ଭଳି ଘାଟକୋପରର ରାସ୍ତାରେ ବୁଲିଥିଲେ। ସେ ରାସ୍ତାକଡ଼ରେ ବସିବା ସହ ଲୋକଙ୍କୁ ଭିକ୍ଷା ମାଗିଥିଲେ। ତାଙ୍କୁ ଚିହ୍ନିପାରି ନଥିଲେ ସାଧାରଣ ଲୋକ। ପରେ ମେକଅପ୍ ହଟାଇ ସେ ସେହି ସ୍ଥାନଗୁଡ଼ିକୁ ପୁଣି ଯାଇ ପୂର୍ବରୁ ଦେଖା ହୋଇଥିବା ଲୋକଙ୍କୁ ଭେଟିଥିଲେ। ଏହି ଅନୁଭୂତି ମାଧ୍ୟମରେ ଅନ୍ୟମାନଙ୍କ ଦୟା ଓ ଭିକ୍ଷା ଉପରେ ନିର୍ଭର କରି ଜୀବନଯାପନ କରୁଥିବା ଲୋକଙ୍କ ସମସ୍ୟା ଓ ଜୀବନଶୈଳୀକୁ ନିକଟରୁ ବୁଝିବାର ସୁଯୋଗ ପାଇଥିବା କୁହାଯାଇଛି। ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସତ୍ୟପାଠରେ ପରାଗ ଶାହ ୩, ୩୮୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଘୋଷଣା କରିଥିଲେ। ତାଙ୍କର ପ୍ରମୁଖ ବ୍ୟବସାୟିକ ରୁଚି ରିଅଲ୍ ଇଷ୍ଟେଟ୍ ସହ ଜଡ଼ିତ। ବିଧାୟକ ହେବା ପୂର୍ବରୁ ସେ ବୃହନ୍‌ମୁମ୍ବାଇ ମହାନଗର ନିଗମର କର୍ପୋରେଟର ମଧ୍ୟ ଥିଲେ।



## ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ମିଳିଲା ମାତ୍ର ଗୋଟିଏ ଭୋଟ୍

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ରାଜସ୍ଥାନର ପୌର ନିର୍ବାଚନରେ ବିଜେପି ପ୍ରାର୍ଥୀ କୈଳାସଚନ୍ଦଙ୍କୁ ମିଳିଛି ମାତ୍ର ଗୋଟିଏ ଭୋଟ୍। ପୌରପାଳିକାର ୧୩ ନମ୍ବର ୱାର୍ଡରୁ ସେ ପ୍ରାର୍ଥୀ ହୋଇଥିଲେ। ଏହି ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ୩୭୬ ଭୋଟ୍ ପାଇ ବିଜୟୀ ହୋଇଥିବାବେଳେ ବିଜେପି ପ୍ରାର୍ଥୀଙ୍କୁ ମିଳଛି ମାତ୍ର ଗୋଟିଏ ଭୋଟ୍।

# ଆମେରିକା ଗାଁରେ ଭାରତୀୟ ଆତ୍ମା
## ୧୮୦ ଘର, ଜୈବିକ ଚାଷ, ମନ୍ଦିର ଘଣ୍ଟିର ଧ୍ୱନି

ୱିନ୍‌ଷ୍ଟନ୍-ସେଲମ୍,୧୪।୯(ଏଜେନ୍ସି):ଆମେରିକାର ନର୍ଥ କାରୋଲିନାରେ ଗଢ଼ିଉଠୁଛି ଏକ ନିଆରା 'ବୈଦିକ ଗାଁ', ଯେଉଁଠି ଆଧୁନିକ ଆମେରିକୀୟ ଜୀବନଶୈଳୀ ସହ ଭାରତୀୟ ଗ୍ରାମୀଣ ଜୀବନର ଛାପ ଦେଖିବାକୁ ମିଳିବ। ପ୍ରାୟ ୨୧୫ ଏକର ଜମିରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପରେ ୧୮୦ଟି ଘର, ଜୈବିକ ଚାଷ, ଆଧ୍ୟାତ୍ମିକତା ଓ ସ୍ୱାସ୍ଥ୍ୟସେବା ସୁବିଧା ସହ ସାମୂହିକ ଜୀବନର ବ୍ୟବସ୍ଥା ରହିବ। ଏଠାରେ ଶଙ୍ଖଧ୍ୱନି ଓ ମନ୍ଦିର ଘଣ୍ଟି ସହ ପଡ଼ୋଶୀଙ୍କ ସହ ମିଳାମିଶା, ସାମୂହିକ ଉତ୍ସବ ଏବଂ ନିଜସ୍ୱ ଜୈବିକ ଖାଦ୍ୟ ଉତ୍ପାଦନ ଭଳି ଭାରତୀୟ ଗାଁର ପରିବେଶ ସୃଷ୍ଟି କରାଯିବ। ଦ୍ରୁତ ଜୀବନଶୈଳୀ, ଏକାକୀପଣ ଓ ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସରୁ ମୁକ୍ତି ପାଇଁ ଏଭଳି ଜୀବନଶୈଳୀ ପ୍ରତି ଆମେରିକାରେ ଆଗ୍ରହ ବଢୁଥିବା କୁହାଯାଉଛି। ଭାରତୀୟ-ଆମେରିକୀୟ ଉଦ୍ୟୋଗୀ ପ୍ରକାଶ ବୁଟିରେଡ୍ଡୀ ଏହି ପ୍ରକଳ୍ପର ପ୍ରତିଷ୍ଠାତା। ତିରୁପତି ନିକଟ ପ୍ରକୃତିକେନ୍ଦ୍ରିକ ପରିବେଶରେ ବଢ଼ିଥିବା ବୁଟିରେଡ୍ଡୀଙ୍କ ମତରେ, ଭାରତୀୟ ଗ୍ରାମୀଣ ଜୀବନର ମୂଲ୍ୟବୋଧ ଆମେରିକାର ସାମାଜିକ ସମସ୍ୟାର ସମାଧାନରେ ସହାୟକ ହୋଇପାରେ। ତାଙ୍କ କହିବା ଅନୁସାରେ, ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମର ଲୋକଙ୍କ ପାଇଁ ସୀମିତ ଅଞ୍ଚଳ ନୁହେଁ। ବରଂ ଆଧୁନିକ ସୁବିଧା ସହ ଶାନ୍ତିପୂର୍ଣ୍ଣ ସାମୂହିକ ଜୀବନର ଏକ ନୂଆ ପ୍ରୟାସ। ଗାଁର କିଛି ଅଟ୍ଟାଳିକାର ନାମ 'ମୋକ୍ଷ' ଓ 'ସନ୍ତୋଷ' ଭଳି ସଂସ୍କୃତ ଶବ୍ଦରେ ରଖାଯାଇଛି। ପ୍ରାୟ ୧୫୦ ଏକର ଅଞ୍ଚଳରେ ସବୁଜିମା, ଚାଷ ଓ ମନୋରଞ୍ଜନ ସୁବିଧା ରହିବ। ମାର୍ଚ୍ଚ ସୁଦ୍ଧା ୧୧୦ଟି ଘର ବୁକ୍ ହୋଇସାରିଥିବା ବୁଟିରେଡ୍ଡୀଙ୍କ ପକ୍ଷରୁ କୁହାଯାଇଛି। ୨୦୨୮ ଶେଷ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ଆଶା ରହିଛି। ପ୍ରାୟ ୭୧୭ କୋଟି ଟଙ୍କାର ଏହି ପ୍ରକଳ୍ପରୁ ପ୍ରାୟ ୩୭୮ଟି ସ୍ଥାୟୀ ନିଯୁକ୍ତି ସୃଷ୍ଟି ହେବ। ଚାଷ ଓ ପଶୁପାଳନ ସହିତ ବିଭିନ୍ନ କାର୍ଯ୍ୟରେ ଏହି ନିଯୁକ୍ତି ରହିବ। ନର୍ଥ କାରୋଲିନାର ମଡେଲ୍‌କୁ ଅନୁସରଣ କରି ଜର୍ଜିଆରେ 'ବୃନ୍ଦାବନ' ଓ ଟେନେସିରେ 'ବାନପ୍ରସ୍ଥ' ନାମରେ ଆଉ ଦୁଇଟି ବୈଦିକ ଗାଁ ନିର୍ମାଣର ଯୋଜନା ରହିଛି। ବିଶେଷକରି 'ବାନପ୍ରସ୍ଥ'ରେ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯିବ।



# ମେଡିକାଲ୍ ସାର୍ଟିଫିକେସନ୍‌ରେ ଖସିଲା ଓଡ଼ିଶା

## ୮୦ ପ୍ରତିଶତ ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ

ଭୁବନେଶ୍ୱର,୧୪।୯ (ସମିସ): ଓଡ଼ିଶାରେ ପ୍ରତି ୧୦୦ଟି ମୃତ୍ୟୁ ମଧ୍ୟରୁ ପ୍ରାୟ ୮୦ ଜଣଙ୍କ ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ । ରାଜ୍ୟରେ ପଞ୍ଜିକୃତ ହେଉଥିବା ମୃତ୍ୟୁ ମଧ୍ୟରୁ ମାତ୍ର ୨୦.୪ ପ୍ରତିଶତ କ୍ଷେତ୍ରରେ ଡାକ୍ତରୀ କାରଣ ସହ ମୃତ୍ୟୁ ପ୍ରମାଣପତ୍ର ଜାରି ହେଉଛି। ପଞ୍ଜିକୃତ ମୃତ୍ୟୁ ସଂଖ୍ୟାର ପ୍ରାୟ ୮୦ ପ୍ରତିଶତ ମୃତକଙ୍କ ମୃତ୍ୟୁର ଡାକ୍ତରୀ କାରଣ ସରକାରୀ ରେକର୍ଡରେ ରହୁନାହିଁ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନ ଜନଗଣନା କମିଶନରଙ୍କ କାର୍ଯ୍ୟାଳୟ (ଓଆର୍‌ଜିଆଇ) ପକ୍ଷରୁ ପ୍ରକାଶିତ "ମେଡିକାଲ୍ ସାର୍ଟିଫିକେସନ୍ ଅଫ୍ କଜ୍ ଅଫ୍ ଡେଥ୍' (ଏମ୍‌ସିସିଡି) ରିପୋର୍ଟରେ ଏଭଳି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ପଞ୍ଜିକୃତ ମୃତ୍ୟୁ ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ଏଥିରେ ଏହି ବର୍ଷକ ମଧ୍ୟରେ ରାଜ୍ୟରେ ୪.୧୫ ଲକ୍ଷ ମୃତକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲେ ମଧ ମାତ୍ର ୮୪,୫୬୨ ଜଣଙ୍କ ମୃତ୍ୟୁର କାରଣ ସହ ପ୍ରମାଣ ପତ୍ର ଜାରି କରାଯାଇଛି। ମୋଟ ପଞ୍ଜିକୃତ ମୃତ୍ୟୁ ତୁଳନାରେ ମେଡିକାଲ୍ ସାର୍ଟିଫିକେସନ୍ ହାର ୨୦.୪ ପ୍ରତିଶତ ହୋଇଥିବାବେଳେ ପ୍ରାୟ ୭୯.୬ ପ୍ରତିଶତ ମୃତ୍ୟୁ ଡାକ୍ତରୀ କାରଣ ବିନା ପଞ୍ଜିକୃତ ହୋଇଛି। ବଡ଼ କଥା ହେଉଛି ଯେ ଏହି କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଅବନତି ଦେଖାଇଛି।୨୦୨୨ରେ ରାଜ୍ୟର "ମେଡିକାଲ୍ ସାର୍ଟିଫିକେସନ୍ ଅଫ୍ କଜ୍ ଅଫ୍ ଡେଥ୍' ହାର ୨୧.୯ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୨୩.୪ ପ୍ରତିଶତକୁ ବୃଦ୍ଧି ପାଇଥିଲା। କିନ୍ତୁ ୨୦୨୪ରେ ଏହା ହ୍ରାସ ପାଇ ୨୦.୪ ପ୍ରତିଶତରେ ପହଞ୍ଚିଛି। ଫଳସ୍ୱରୂପ ଦେଶର ୨୧ଟି ପ୍ରମୁଖ ବଡ଼ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ୨୦୨୩ରେ ଷଷ୍ଠ ଥିବାବେଳେ ୨୦୨୪ରେ ଏହା ୧୧ତମ ସ୍ଥାନକୁ ଖସିଛି। ସେହିପରି ଦେଶର ମୋଟ୍ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ

**■ ୪.୧୫ ଲକ୍ଷ ମୃତ୍ୟୁରୁ ଡାକ୍ତରୀ ପ୍ରମାଣପତ୍ର ୨୦%**
**■ ଷଷ୍ଠରୁ ୧୧ତମ ସ୍ଥାନକୁ ଖସିଲା ଓଡ଼ିଶା**

ହୋଇଥିବା ତାଲିକାରେ ଓଡ଼ିଶାର ସ୍ଥାନ ୨୧ରେ ରହିଛି। ସବୁଠୁ ବଡ଼ କଥା ହେଉଛି, ଏହି କ୍ଷେତ୍ରରେ ଜାତୀୟ ହାର ୨୩.୧ ରହିଛି। ୨୦୨୩ରେ ଓଡ଼ିଶା ଜାତୀୟ ହାରଠାରୁ ଉପରେ ରହିଥିବା ବେଳେ ୨୦୨୪ରେ ଓଡ଼ିଶାର ହାର ଜାତୀୟ ହାରଠାରୁ ତଳକୁ ଖସିଛି।

ଜାରି ହୋଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଡାକ୍ତରୀ କାରଣ ପ୍ରମାଣିତ ହୋଇଥିବା ମୃତ୍ୟୁ କ୍ଷେତ୍ରରେ ହୃଦ୍‌ରୋଗ ଓ ରକ୍ତ ସଞ୍ଚାଳନ ପ୍ରଣାଳୀ ସମ୍ପର୍କିତ ସମସ୍ୟା ଯୋଗୁଁ ଅଧିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ହାର ୨୮.୨ ପ୍ରତିଶତ। ଏହାସହିତ ୧୭.୮ ପ୍ରତିଶତ ମୃତ୍ୟୁର କାରଣ ଅସ୍ପଷ୍ଟ ଲକ୍ଷଣ ବା ଅଜ୍ଞାତ ବୋଲି ରେକର୍ଡ କରାଯାଇଛି। ଏହି ମାମଲାରେ ଦେଶରେ ଓଡ଼ିଶାର ସ୍ଥାନ ୬ ନମ୍ବରରେ ରହିଛି। ଡାକ୍ତରୀ ଭାବେ ପ୍ରମାଣିତ ମୃତ୍ୟୁର ଅନ୍ୟାନ୍ୟ କାରଣ ମଧ୍ୟରେ ଶ୍ୱାସକ୍ରିୟାଜନିତ ରୋଗ ୮.୯ ପ୍ରତିଶତ, ସଂକ୍ରାମକ ରୋଗ ୮.୪ ପ୍ରତିଶତ, କର୍କଟ ୪.୯ ପ୍ରତିଶତ, ମୂତ୍ର ଓ ପ୍ରଜନନ ପ୍ରଣାଳୀ ସମ୍ପର୍କିତ ରୋଗ ୪.୭ ପ୍ରତିଶତ, ପାଚନତନ୍ତ୍ରଜନିତ ରୋଗ ୪.୧ ପ୍ରତିଶତ, ଦୁର୍ଘଟଣା ଓ ବିଷକ୍ରିୟା ଭଳି ବାହ୍ୟ କାରଣ ୩.୮ ପ୍ରତିଶତ ଏବଂ ମଧୁମେହ ୩ ପ୍ରତିଶତ ରହିଛି। ମୃତ୍ୟୁର ଡାକ୍ତରୀ କାରଣ ପ୍ରମାଣିତ କରିବାର ବ୍ୟବସ୍ଥା ମୁଖ୍ୟତଃ ସହରାଞ୍ଚଳ ଓ ବଡ଼ ଡାକ୍ତରଖାନାକୁ କେନ୍ଦ୍ର କରି ରହିଥିବା ରିପୋର୍ଟରୁ ସ୍ପଷ୍ଟ ହେଉଛି। ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ଆଇନ, ୨୦୨୩ ଅନୁସାରେ ସରକାରୀ ଓ ଘରୋଇ ଡାକ୍ତରଖାନା ସମେତ ଚିକିତ୍ସା କରୁଥିବା ଡାକ୍ତରଙ୍କ ଦ୍ୱାରା ମୃତ୍ୟୁର କାରଣ ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ତେଣୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ମୃତ୍ୟୁର ଡାକ୍ତରୀ କାରଣ ପ୍ରମାଣିତ କରିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବେ ରାଜ୍ୟ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି।

**ସୁନ୍ଦରଗଡ଼ ପୁଲିସର ଚଢ଼ଉ**

## ସାଇବର ଠକେଇ ମାମଲାରେ ବାରିପଦାରୁ ଦମ୍ପତି ଗିରଫ

ବାରିପଦା, ୧୪।୯ (ସମିସ): ସାଇବର ଠକେଇ ମାମଲାରେ ସୁନ୍ଦରଗଡ଼ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ମାମଲାରେ ଅଭିନାଶ ଗ୍ରହାଚାର୍ଯ୍ୟ ଓ ତାଙ୍କ ସ୍ତ୍ରୀ ଇନ୍ଦୁ ଲେଖା ଓଝାଙ୍କୁ ପୁଲିସ ବାରିପଦା ଟାଉନଥାନା ଅଧୀନ ପ୍ରଫୁଲ୍ଲ ନଗର ଅଞ୍ଚଳରୁ ଗିରଫ କରି ସୁନ୍ଦରଗଡ଼ ନେଇଯାଇଥିବା ଜଣାପଡ଼ିଛି। ବାରିପଦା ଟାଉନ ପୁଲିସ ସୂଚନା ମୁତାବକ, ଏହି ଘଟଣା ସମ୍ପର୍କରେ ସୁନ୍ଦରଗଡ଼ ସାଇବର ଥାନାରେ କେସ୍ ନମ୍ବର ୫,୧୭।୪।୨୦୨୪ରେ ମାମଲା ରୁଜୁ ହୋଇଥିଲା। ଏହାପରେ ଘଟଣାର ତଦନ୍ତ ଜାରି ରହିଥିଲା। ଗିରଫ ଦମ୍ପତିଙ୍କ ପ୍ରକୃତ ଘର ବାଲେଶ୍ୱର ଜିଲ୍ଲାର ବରହମପୁର ଅଞ୍ଚଳରେ ବୋଲି ପୁଲିସ ଜାଣିବାକୁ ପାଇଛି।

**କୋଲକାତାରେ ରହି ଚଳାଉଥିଲେ ଠକେଇ କାରବାର**

ସେମାନେ କୋଲକାତାରେ ରହି ସାଇବର ଠକେଇ କାରବାର ଚଳାଇଥିବା ଅଭିଯୋଗ ରହିଛି। ପୁଲିସ ସେମାନଙ୍କୁ ଖୋଜୁଥିବା ଜାଣିବା ପରେ ସେମାନେ ସୁନ୍ଦରଗଡ଼ରୁ ଆସି ବାରିପଦା ପ୍ରଫୁଲ୍ଲ ନଗର ଅଞ୍ଚଳରେ ରହୁଥିଲେ। ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏହି ନେଟୱର୍କରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୁଲିସ ଖୋଳତାଡ଼ କରୁଛି।

## ୧୯ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର,୧୪।୯ (ସମିସ): ଦେଶରେ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହୋଇଛି। ଆସନ୍ତା ୧୯ରୁ ମୌସୁମୀ ପଶ୍ଚିମ ରାଜସ୍ଥାନ ପଟୁ ଅପସାରଣ ଆରମ୍ଭ ହେବ। ଏନେଇ ଆଜି ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ଏବେ ଦେଶର ବିଭିନ୍ନ ସ୍ଥାନରେ ମୌସୁମୀ ବାୟୁ ପ୍ରବାହ ଦୁର୍ବଳ ରହିଛି। ତେଣୁ ଗତ ୧୫ଦିନ ଧରି ପଶ୍ଚିମ ରାଜସ୍ଥାନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଦୌ ବର୍ଷା ଅନୁଭୂତ ହୋଇନାହିଁ। ଏଥିପାଇଁ ଉତ୍ତରପଶ୍ଚିମ ଭାରତରୁ ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି ବୋଲି ଆଇଏମ୍‌ଡି କହିଛି।




ସାଧାରଣତଃ ଦେଶରେ ରାଜସ୍ଥାନ ଓ ପଞ୍ଜାବ ପଟୁ ପ୍ରଥମେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସାରଣ ଆରମ୍ଭ ହୋଇଥାଏ। ମୌସୁମୀ ଓଡ଼ିଶା ଛାଡ଼ିବା ବେଳକୁ ପ୍ରାୟ ଅକ୍ଟୋବର ଦ୍ୱିତୀୟ ସପ୍ତାହ ହୋଇଥାଏ। ରାଜ୍ୟରେ ମଧ ଧୀରେ ଧୀରେ ବର୍ଷାର ପ୍ରଭାବ କମୁଛି। ମାତ୍ର ମୌସୁମୀ ଟ୍ରଫ୍‌ର ପ୍ରଭାବ ହେତୁ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଅନୁଭୂତ ହେଉଛି। ସୋମବାର ଗଣେଶ ପୂଜା ଅବସରରେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ସକାଳୁ ସକାଳୁ କୋହଲା ପାଗ ସାଙ୍ଗକୁ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଛି। ଉତ୍ତର-ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପଟି ବର୍ତ୍ତମାନ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ରାଜସ୍ଥାନ ନିକଟରେ ପହଞ୍ଚିଛି। ହେଲେ ମୌସୁମୀ ନିମ୍ନଚାପ ରେଖା ଏବଂ ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପ ଯୋଗୁଁ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ କାଁ ଭାଁ ବର୍ଷା ଆଶଙ୍କା ରହୁଛି। ତେବେ ୨୦ ତାରିଖ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଥିବାରୁ ରାଜ୍ୟରେ ୧୮-୧୯ ତାରିଖରୁ ପୁଣି ପାଗରେ ପରିବର୍ତ୍ତନ ଆସିବ ବୋଲି ବର୍ଷା ବଢ଼ିବା ନେଇ ଆଶଙ୍କା କରାଯାଉଛି।


## ଆଜି ନୂଆଁଖାଇ: ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୯ (ସମିସ): ନୂଆଁଖାଇ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମ୍ବଲପୁରୀ ଭାଷାରେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, "ଜୟ ଜଗନ୍ନାଥ, ଜୟ ମାଁ ସମ୍‌ଲେଇ, ସମ୍‌କୁ ମୋର ନୂଆଁଖାଇ ଜୁହାର୍। ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ, ସବୁ ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣଉଛେଁ। ନୂଆଁଖାଇ, ଖାଲି ଗୁଟେ ପରବ୍ ନାଇଁସେ, ଇଟା ଆମର୍ ମାଟି, ସଂସ୍କୃତି, ଚାଲିଚଲନ୍ ଆର୍ ସାମାଜିକ ଏକତାର୍ ପ୍ରାଣସ୍ପନ୍ଦନ୍ ଆଏ। ଇ ଆନନ୍ଦମୟ ପରବ୍‌ନେ, ମନର୍ ସବୁ ଭେଦଭାବ, ତିକ୍ତତା ଆର୍ ଅହଂକାରକେ ପଛେ ପକେଇ କରି, ଆମେ ବଡ୍ ଗୁରୁ-ଗୁରୁଜନ୍ ମାନକର୍ ପାହାତଲେ "ଜୁହାର୍- ମୁଁଡିଆ' ଜନେଇଥିସୁଁ, ଆର୍ ସାନ ମାନଙ୍କୁ ଭଲପାଏବାର୍ ଆର୍ ଆଶୀର୍ବାଦ୍ ଦେଇଥିସୁଁ। ଇ ସୁନ୍ଦର୍ ପରମ୍ପରା ଆମର୍ ପରିବାର୍, ସମାଜ୍ ଆର୍ ଭାଇଚାରାର୍ ବନ୍ଧନ୍‌କେ, ଆହୁରି ମଜବୁତ୍ କର୍‌ସି। ୨୦୩୬ ତକ୍, ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ତକ୍, ବିକ୍‌ଶିତ୍ ଭାରତ ଗଠନ୍ ଲାଗି ସମସ୍ତେ ନିଜର୍ ନିଜର୍ କର୍ତ୍ତବ୍ୟ ପାଲନ୍ କରୁନ୍ ବଲି, ଆଜି ଇ ଶୁଭ୍ ଦିନ୍ ରେ ଛାତ୍ର ଛାତ୍ରୀ, ଯୁବକ୍ ଯୁବତୀ, ଶ୍ରମିକ୍ କିଶାନ୍ ଜୱାନ୍, ସମ୍‌କୁ ଅନୁରୋଧ୍ କରୁଛେଁ। ନୂଆଁଖାଇ ସମସ୍ତଙ୍କର ଜୀବନରେ, ନୂଆଁ ଆଶା ଆନି ଦେଉ। ମାଁ ସମଲେଇ, ସମସ୍ତଙ୍କର୍ ଜୀବନ ଥି ହସ୍ ଖୁସି, ସୁଖ୍ ଶାନ୍ତି, ଉନ୍ନତି ପ୍ରଗତି ସଫଳତା ଭରି ଦେଉଁନ୍ ବୋଲି ପ୍ରାର୍ଥନା କରୁଛେଁ।

## ରାସ୍ତା ଡିଭାଇଡର୍‌ରେ ପିଟିହୋଇ ଦୁଇ ମୃତ

ଜଟଣୀ, ୧୪।୯ (ସମିସ): ଜଟଣୀ ହରିଭାଇନା ଛକ ନିକଟରେ ରାସ୍ତା ଡିଭାଇଡରରେ ଲାଗିଥିବା ଲୁହା ବାଡ଼ରେ ଏକ ସ୍ପୋର୍ଟ୍ସ ବାଇକ ପିଟି ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଜଟଣୀ କୁଦିଆରୀ ଅଞ୍ଚଳର ଶକ୍ତିରଞ୍ଜନ ବେହେରା (୧୯) ଏବଂ ଓମପ୍ରକାଶ ସିଂ (୧୭)। ଗତକାଲି ବିଳମ୍ବିତ ରାତି ପ୍ରାୟ ୩ ଟାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ନିଜ ଗାଁରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗଣେଶ ପୂଜା ପ୍ରସ୍ତୁତି ସରିବା ପରେ ଉଭୟ ଏକ ସ୍ପୋର୍ଟ୍ସ ବାଇକରେ ଦ୍ରୁତ ଗତିରେ ଜଟଣୀ ପଟରୁ ଖୋର୍ଦ୍ଧା ପଟକୁ ଯିବା ବେଳେ ଏହି ଦୁର୍ଘଟଣା ଘଟିଥିବା ପୁଲିସ ସୂଚନା ଦେଇଛି । ଘଟଣା ସ୍ଥଳରେ ହିଁ ଉଭୟଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ଦୁର୍ଘଟଣା ପରେ ପିସିଆର ଭ୍ୟାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଛି।




# ଶିକ୍ଷାନୁଷ୍ଠାନ, କ୍ଲବ୍, ମଣ୍ଡପରେ ଅଗ୍ରପୂଜ୍ୟଙ୍କୁ ଆରାଧନା









**ପଟ୍ଟାମୁଣ୍ଡାଇ, ୧୪।୯ (ସମିସ):** ବିଘ୍ନବିନାଶକ ଅଗ୍ରପୂଜ୍ୟ ବିଦ୍ୟାଦାତା ପ୍ରଭୁ ଗଣେଶଙ୍କ ପୂଜା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ୍ ଓ ମଣ୍ଡପରେ ହୋଇଛି। ଅଗ୍ରପୂଜ୍ୟଙ୍କ ପୂଜା ପାଇଁ ସମଗ୍ର ପଟ୍ଟାମୁଣ୍ଡାଇ ଉତ୍ସବ ମୁଖର ହୋଇପଡିଛି। ସମାଜର ସବୁବର୍ଗର ଲୋକ ଗଣେଶ ପୂଜାରେ ମାତିଛନ୍ତି। ଆଜି ପ୍ରତ୍ୟୁଷରୁ ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ ନୂଆ ପୋଷାକ ପିନ୍ଧି ବହି ଖାତା କଲମ ଧରି ଗଣେଶ ପୂଜା ପାଇଁ ସ୍କୁଲ କଲେଜ ଯିବା ଦେଖାଯାଇଛି। ସେଠାରେ ବିଦ୍ୟାଦାତା ପ୍ରଭୁ ଗଣେଶଙ୍କ ପୂଜା କରି ସଂକଳ୍ପ କରିବା ସହିତ ବହି ଖାତା ଓ କଲମ ପ୍ରଭୁ ନିକଟରେ ରଖି ବିଦ୍ୟାର ଆଶୀର୍ବାଦ ଭିକ୍ଷା କରିଛନ୍ତି। ଗଣେଶ ପୂଜା ଯୋଗୁଁ ପଟ୍ଟାମୁଣ୍ଡାଇ ସହରରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ, ଦାଣ୍ଡିସାହି ବ୍ରାହ୍ମଣୀ କଲେଜ, ମଦନପୁର ଯୁକେ ମହାବୀର କଲେଜ, ଅଣ୍ଡରା ଉଷାଦେବୀ ମହିଳା କଲେଜ, ଏମଏନ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ଦାଣ୍ଡିସାହି ହାଇସ୍କୁଲ, କଷଣଅଣ୍ଟା ହାଇସ୍କୁଲ, ନିମପୁର -ଶାସନ ହାଇସ୍କୁଲ, ଖଡ଼ିଅଣ୍ଟା ହାଇସ୍କୁଲ, ଗୋବିନ୍ଦପୁର ହାଇସ୍କୁଲ, ବାଲିପାଟଣା ହାଇସ୍କୁଲ, ଡାମରପୁର ହାଇସ୍କୁଲ, ଚନ୍ଦନନଗର ହାଇସ୍କୁଲ, ମଦନପୁର ହାଇସ୍କୁଲ ଆଦି ବିଭିନ୍ନ କଲେଜ ହାଇସ୍କୁଲ ଓ ପ୍ରାଥମିକ ସ୍କୁଲରେ ଗଣେଶ ପୂଜା ହୋଇଥିବାବେଳେ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଆଦି ଘରୋଇ ସ୍କୁଲରେ ମଧ୍ୟ ଗଣେଶ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏଥିସହ ବାଲିପଡ଼ା ଗଣପତି କ୍ଲବରେ ବମ୍ବେ ଲାଲବାଗ ଡିଜାଇନ ନିଆରା ଗଣେଶ ମୂର୍ତ୍ତି ଅପୂର୍ବ ସାଜସଜ୍ଜା ସହ ପୂଜା ହେଉଛି। ପୋଖରୀଆପଡାର ବିଭିନ୍ନ କ୍ଲବ ଗଣେଶ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଜସଜ୍ଜା ସହ ଗଣେଶ ପୂଜା ଉତ୍ସବ ପାଳିତ ହେଉଥିବାବେଳେ କଷଣଅଣ୍ଟା ନ୍ୟୁ ଜେନେରେସନ ଓ ଗ୍ରୀନ ଗୋଲା ୟୁଥ କ୍ଲବ ପକ୍ଷରୁ ବିଭିନ୍ନ ସାଜସଜ୍ଜା ସହ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, କ୍ଲବ ଓ ଯୁବକ ସଂଘ ପକ୍ଷରୁ ମହାସମାରୋହରେ ଗଣେଶ ପୂଜା ପାଳିତ ହୋଇଛି। ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ଥିବା ପ୍ରଭୁ ଗଣେଶଙ୍କ ନିକଟରେ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ଦେବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପୂଜା ଓ ପୁଷ୍ପାଞ୍ଜଳି ବ୍ୟବସ୍ଥା କରିବା ସହିତ ସମସ୍ତଙ୍କୁ ପ୍ରଭୁଙ୍କ ଭୋଗ ବଣ୍ଟନ କରିଥିଲେ।

**⏭ ରାଜନଗର:** ବିଦ୍ୟା, ବୁଦ୍ଧି, ସିଦ୍ଧିର ପ୍ରତୀକ ଶ୍ରୀଗଣେଶ। ୪ ଯୁଗରେ ଶ୍ରୀଗଣେଶ ବିଭିନ୍ନ ନାମାନୁସାରେ ପୂଜା ପାଇ ଆସୁଥିବାବେଳେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥ ତିଥିରେ ଗାଁଠାରୁ ସହର, ପଲ୍ଲୀଠୁ ଦିଲ୍ଲୀ ସବୁ ସ୍ଥାନରେ ହିନ୍ଦୁ ଧର୍ମର ପ୍ରଧାନ ମୁଖ୍ୟ ଦେବତା ବିଘ୍ନରାଜ ଗଣେଶଙ୍କ ପୂଜା କରାଯାଇଛି। ଏ ପରିପ୍ରେକ୍ଷୀରେ ରାଜନଗର ବ୍ଲକ୍ ଓ ଏହା ଆଖପାଖ ଅଞ୍ଚଳରେ ଧୂମଧାମରେ ଶ୍ରୀଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ସୁସଜ୍ଜିତ ମଣ୍ଡପରେ ସ୍ଥାପନ କରାଯାଇ ବେଦମନ୍ତ୍ର ଧ୍ୱନିରେ ପୂଜାପାଠ କରାଯାଇଛି। ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ରାଜନଗର ହାଇସ୍କୁଲ, ମାଇନ ସ୍କୁଲ, ୟୁପି ସ୍କୁଲ, ଜାଭିୟର ସ୍କୁଲ, ଶିବାନନ୍ଦ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ସତ୍ୟମ କମ୍ପ୍ୟୁଟର, ଭାରତ ମାତା କୋଚିଂ ସେଣ୍ଟର, ବିଦ୍ୟାର୍ଥୀ ଟୁଇଟରଲା ସହିତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଯୁବକ ସଂଘ ଓ ଗାଁ କମିଟିରେ ଦେବତାଙ୍କ ଅଗ୍ରଜ ଗଣେଶଙ୍କୁ ଆରାଧନା କରାଯାଉଛି।

**⏭ ପଟ୍ଟାମୁଣ୍ଡାଇ:** କଷଣଅଣ୍ଟା ନ୍ୟୁ ଜେନେରେସନ ପୂଜା କମିଟି ପକ୍ଷରୁ ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ବିଧି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ ସମ୍ପନ୍ନ ହୋଇଛି। ପୂଜା ଅବସରରେ କମିଟି ସଦସ୍ୟ, ଯୁବକ ବନ୍ଧୁ ଓ ଅଞ୍ଚଳବାସୀଙ୍କ ସହଯୋଗରେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଭୁ ଶ୍ରୀଗଣେଶଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂଜାକୁ ସଫଳ ଓ ସୁରୁଖୁରୁରେ ସମ୍ପନ୍ନ କରିବାରେ ତାପସ ପ୍ରଧାନ, ସତ୍ୟପ୍ରିୟ ସାମଲ, ବିଶ୍ୱଜିତ ଭଦ୍ର, ରଶ୍ମିରଞ୍ଜନ ସାହୁ, ରଶ୍ମିରଞ୍ଜନ ଜେନା, ଜ୍ଞାନଜିତ ସ୍ୱାଇଁ, କାହ୍ନା ପ୍ରଧାନ ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

**ଡେରାବିଶ:** ସ୍ଥାନୀୟ ଅଞ୍ଚଳରେ ଆଜି ବିଘ୍ନବିନାଶକ ଶ୍ରୀଗଣେଶଙ୍କ ପୂଜା ସମ୍ପନ୍ନ ହୋଇଛି। ଏ ଉପଲକ୍ଷେ ପୂର୍ବାହ୍ନରୁ ସମସ୍ତ ପ୍ରାଥମିକ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତା ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ସମ୍ପନ୍ନ ହୋଇଥିବାବେଳେ ଛାତ୍ରଛାତ୍ରୀ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ପ୍ରସାଦ ସେବନ କରିଥିଲେ। ଏଥିସହ ବିଭିନ୍ନ ଗ୍ରାମ ଓ ଯୁବକ ସଂଘରେ ପ୍ରଭୁ ଶ୍ରୀଗଣେଶଙ୍କ ବଡ଼ ବଡ଼ ମୃଣ୍ମୟ ମୂର୍ତ୍ତି କରାଯାଇ ଆଡ଼ମ୍ବରରେ ସାଜସଜ୍ଜା ପୂର୍ବକ ପୂଜାର୍ଚ୍ଚନା କରାଯାଇଛି। ଏଥିପାଇଁ ପୂଜା ମଣ୍ଡପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ବୈଦ୍ୟୁତିକ ଆଲୋକ ମାଳାରେ ସଜାଯାଇଛି। ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ମଧ୍ୟ ପ୍ରଭୁ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି। ଶ୍ରୀ ଗଣେଶଙ୍କ ପୂଜା ପରେ ପରେ ବିଶ୍ୱକର୍ମା, ମା’ ଦୁର୍ଗା, ମା’ କାଳୀ, କାର୍ତ୍ତିକେଶ୍ୱର ଆଦି ବିଭିନ୍ନ ଦେବାଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ।

## ବିଦ୍ୟୁତ୍ ଆଘାତରେ ବଙ୍ଗୀୟ ରାଜମିସ୍ତ୍ରୀ ମୃତ

**ରାଜକନିକା,୧୪।୯ (ସମିସ):** ଆଜି ପୂର୍ବାହ୍ନ ୧୧ଟା ସମୟରେ ଆଳି ବ୍ଲକ୍ ଅନ୍ତର୍ଗତ ଅରଗଳ ଶାସନ ପଞ୍ଚାୟତର ଏକ କ୍ଲବ ଘରର ନୂତନ ବିଲଡିଂ ଗୃହ ନିର୍ମାଣ କରୁଥିବା ବଙ୍ଗୀୟ ରାଜମିସ୍ତ୍ରୀ ସାଇଫୁର ରହେମନ ମୋଲ୍ଲା (୩୭) ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ମୃତକ ସାଇଫୁର କାନ୍ଥ ଯୋଡ଼େଇ ପାଇଁ ବାଉଁଶଭାରା ବାନ୍ଧିବାକୁ ଏକ ବାଉଁଶ ଉପରକୁ ଟେକି ଦେବାରୁ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାରରେ ବାଉଁଶ ବାଜି ଚାର୍ଜ ହେବାରୁ ସେ ସେଠାରେ ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ଥିବା ସାଥି ଶ୍ରମିକ ତାଙ୍କୁ ରାଜକନିକା ମେଡିକାଲକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲା ଆଳି ଥାନାକୁ ଯାଇଥିବାବେଳେ ମୃତ ଶ୍ରମିକଙ୍କ ସମ୍ପର୍କୀୟ ରାଜକନିକାରେ ଶବ ଧରି ବସିଛନ୍ତି। ମୃତ ଶ୍ରମିକ ସାଇଫୁର ପଶ୍ଚିମବଙ୍ଗର ନଗରତାଲା ଜିଲ୍ଲା ହୋମରପୋଲା ଗାଁର ଜମାଲ ମୋଲ୍ଲାଙ୍କ ପୁଅ ଅଟନ୍ତି।

## ଦୁର୍ଘଟଣାରେ ପୌର ପରିଷଦ କର୍ମଚାରୀଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୧୪।୯ (ସମିସ):** ଆଜି ସନ୍ଧ୍ୟା ପ୍ରାୟ ୬ଟା ୫୦ ମିନିଟ ସମୟରେ ବିଜୁ ପଟ୍ଟନାୟକ ଛକ ନିକଟ କେନାଲ ବନ୍ଧ ପରିବା ମାର୍କେଟ ରାସ୍ତାରେ ଦୁର୍ଘଟଣା ଘଟି ପଟ୍ଟାମୁଣ୍ଡାଇ ପୌର ପରିଷଦର କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ପଟ୍ଟାମୁଣ୍ଡାଇ ଗୋବିନ୍ଦପୁର ଗ୍ରାମର ଅକ୍ଷୟ ମଲ୍ଲିକ (୫୯) ପଟ୍ଟାମୁଣ୍ଡାଇ ପୌର ପରିଷଦରେ ଟିକସ ଆଦାୟକାରୀ ଭାବେ ଚାକିରି କରନ୍ତି। ଆଜି ସନ୍ଧ୍ୟାରେ ଶ୍ରୀ ମଲ୍ଲିକ ସାଇକଲ ଯୋଗେ ଘରକୁ ଫେରୁଥିବାବେଳେ ପଟ୍ଟାମୁଣ୍ଡାଇ ବାଇପାସ ନିକଟ ପରିବା ମାର୍କେଟ ରାସ୍ତାରେ ଏକ ଅଟୋ ତାଙ୍କୁ ଧକ୍କା ଦେବା ଫଳରେ ଦୂରକୁ ଛିଟିକି ପଡିବା ସହିତ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପଟ୍ଟାମୁଣ୍ଡାଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସାନଅଡଙ୍ଗାରେ ଚାରା ରୋପଣ କାର୍ଯ୍ୟକ୍ରମ

**ଗରଦପୁର, ୧୪।୯ (ସମିସ):** ଗରଦପୁର ବ୍ଲକ୍‌ରେ ବିଭିନ୍ନ ପଞ୍ଚାୟତରେ ଏକ ପେଡ ମାଙ୍କ ନାମ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କ୍ରମରେ ଆଜି ସାନଅଡଙ୍ଗା ପଞ୍ଚାୟତ ପକ୍ଷରୁ କୋରୁଆ ସରକାରୀ ଉଚ୍ଚବିଦ୍ୟାଳୟ ଓ ଚିତ୍ରୋତ୍ପଳା ବାଳିକା ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଆଲୋକ ସେଠୀ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଏ ଅବସରରେ ସରପଞ୍ଚ ଅଭୟ ମଲ୍ଲ, କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ଦାସ, ଏଡିଓ ମିତାଞ୍ଜଳି ପଟ୍ଟନାୟକ ଉପସ୍ଥିତ ଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚୈତନ୍ୟ ବିଶ୍ୱାଳ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ନଡିଆବରାଇ ପଞ୍ଚାୟତର ଯୁବକ, ବୁଦ୍ଧିଜୀବୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟା ଓ ଜନସାଧାରଣ ଉପସ୍ଥିତ ଥିଲେ।

## ମଦନମୋହନ ପାଟଣାରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



**ରାଜକନିକା,୧୪।୯ (ସମିସ):** ନହୁଣି ପଞ୍ଚାୟତର ମଦନମୋହନ ପାଟଣା ଗାଁରେ ଦଶ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପକୁ ଆଜି ବିଧାୟକ ପ୍ରତାପ କେଶରୀ ଦେବ ଉଦଘାଟନ କରିଛନ୍ତି। ଏହି କଲ୍ୟାଣ ମଣ୍ଡପରେ ବିବାହ, ବ୍ରତ, ସଭା ଆଦି କାର୍ଯ୍ୟ ହେବ। ଏହି ଲୋକର୍ପଣ ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ ଅଧକ୍ଷତା କରିଥିଲେ। ନହୁଣି ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସମିତି ସଭ୍ୟଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଉତ୍ସବରେ ଅରବିନ୍ଦ ପରିଡା ଧନ୍ୟବାଦ ଦେଇଥିବାବେଳେ କୈଳାସ ପରିଡା, ଲକ୍ଷଣ ବେହେରା, ନାରାୟଣ ବେହେରା, ରବୀନ୍ଦ୍ର କୁଣ୍ଡ, କିସାନ ଦାସ, ଦୁର୍ଯ୍ୟୋଧନ ପରିଡା, ପ୍ରେମାନନ୍ଦ ଦାସ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ଘଡ଼ିଆମାଳ ଗାଁ ରାସ୍ତା ଶୋଚନୀୟ ▶ ୯ ଟି ପଞ୍ଚାୟତର ଲୋକେ ହୀନସ୍ତା; ମରାମତି ଦାବି



ରାଜନଗର,୧୪।୯ (ସମିସ): ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ଏକମାତ୍ର ସ୍ଥଳପଥ ରାଜନଗର-ତାଲଚୁଆ ପୂର୍ତ୍ତ ବିଭାଗ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ଶୋଚନୀୟ ହୋଇପଡିଛି। ବିଶେଷକରି ଘଡିଆମାଳ ଗ୍ରାମ ମଧ୍ୟରେ ପ୍ରାୟ ଶହେ ମିଟର ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ରହିଥିଲେ ମଧ୍ୟ ବିଭାଗ ନିଦାବିଷ୍ଟ ସାଜିଛି। ବର୍ଷାରେ ରାସ୍ତା ଉପରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ବାଇକ୍ ଓ ତିନିଚକିଆ ଗାଡ଼ି ଖାଲରେ ପଡି ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି।

ଏହି ରାସ୍ତାରେ କେବଳ ପର୍ଯ୍ୟଟକ ନୁହଁନ୍ତି, ବ୍ଲକ ସଦର ମହକୁମାକୁ ଯିବା ଆସିବା କରିବା ପାଇଁ ୯ଟି ପଞ୍ଚାୟତର ଏହା ମୁଖ୍ୟ ରାସ୍ତା। ଘଡିଆମାଳ, ଈଶ୍ୱରପୁର, ଖମାରସାହି, ଡାଙ୍ଗମାଳ, କୃଷ୍ଣନଗର, ତାଲଚୁଆ, ବାଘମାରୀ, ରଙ୍ଗଣୀ ଓ କେରୁଆଁପାଳ ପଞ୍ଚାୟତର ହଜାର ହଜାର ଲୋକ ବ୍ଲକ ସଦର ମହକୁମା ସହ ବ୍ଲକ ବାହାରକୁ ଯାଇଥା’ନ୍ତି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

## ଗ୍ରୀନ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ପକ୍ଷରୁ ତାଳମଞ୍ଜି ରୋପଣ



**ଡେରାବିଶ,୧୪।୯ (ସମିସ):** ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ କରାଣ୍ଡିଆ କେନାଲ ବନ୍ଧକଡ଼ରେ ବାରଗୋଡ଼ିଆ ନିକଟରେ ଗ୍ରୀନ ଡେଭେଲପମେଣ୍ଟ ପକ୍ଷରୁ ୧୪୦ଟି ତାଳମଞ୍ଜି ରୋପଣ କରାଯାଇଛି। ଫାଉଣ୍ଡେସନ୍‌ର ମୁଖ୍ୟ ପରିବେଶବିତ୍ ତଥା ପ୍ରକୃତିବନ୍ଧୁ ସନ୍ତୋଷ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶିଶିର ରାଉତରାୟ, କବି ଶାରଦା ପ୍ରସାଦ ସାମନ୍ତରାୟ, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ରାଉତ, ରସାନନ୍ଦ ବେହେରା, ଦେବାଶିଷ ଜେନା, ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା ପ୍ରମୁଖ ଯୋଗଦେଇ ତାଳମଞ୍ଜି ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ କରାଣ୍ଡିଆ କେନାଲର ଡାହାଣ ପାର୍ଶ୍ୱରେ ବାରଗୋଡ଼ିଆଠାରୁ ତରତ ଯାଏ ତାଳମଞ୍ଜି ରୋପଣ କରିବା ପାଇଁ ପ୍ରସ୍ତାବ ରହିଛି ବୋଲି ପରିବେଶବିତ୍ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ମହାନ୍ତି, ଗୌରୀ ମଲିକ, ମକରେନ୍ଦୁ ମଲିକ, କୈଳାସ ଜେନା ପ୍ରମୁଖ ସହଯୋଗ କରିଥିଲେ।

**ଗଣମାଧ୍ୟମ ଆଗରେ ମୁହଁ ଖୋଲିବାରୁ ଜାତିଆଣା ଆକ୍ଷେପ, ମାଡ଼ ଓ ଧମକ**

## ମାର୍ଶାଘାଇ ଥାନାରେ ଏତଲା ଦେଲେ ଦମ୍ପତି



**ମହାକାଳପଡ଼ା/ମାର୍ଶାଘାଇ,୧୪।୯ (ସମିସ):** ଗଣମାଧ୍ୟମ ଆଗରେ ମୁହଁ ଖୋଲିବାରୁ ତିନିଜଣ ବ୍ୟକ୍ତି ବିଳମ୍ବିତ ରାତିରେ ଦମ୍ପତିଙ୍କ ଘରେ ପଶି ଜାତିଆଣ ଆକ୍ଷେପ, ମାଡ଼, ଜୀବନରୁ ମାରିଦେବାକୁ ଧମକ ଦେବା ସହ ଘର ପୋଡ଼ି ଦେବାକୁ ଧମକ ଦେଇଥିବା ନେଇ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦମ୍ପତି। କରଞ୍ଜ ଗ୍ରାମର ପିଙ୍କି ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, କରଞ୍ଜ ପଞ୍ଚାୟତରେ ପିଡିଏସ ଚାଉଳ ଯୋଗାଣରେ ବ୍ୟାପକ ହେରଫେର କରାଯାଇଛି। ଏ ନେଇ ତାଙ୍କ ସ୍ୱାମୀ ଜନକର ଜେନା ଓ ସ୍ୱାମୀଙ୍କ ବନ୍ଧୁ ମିଶି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଗତ ରବିବାର ଦିନ ଏକ ଚାଉଳ ବୋଝେଇ ପିକଅପ ଭ୍ୟାନ୍ ମାର୍ଶାଘାଇ ପୁଲିସ ଜବତ କରିଥିଲା। ଏହି ଖବର ପ୍ରସାରିତ ହେବା ପରେ ଗଣମାଧ୍ୟମ ପ୍ରତିନିଧି କରଞ୍ଜ ଗ୍ରାମକୁ ଯାଇ ଲୋକଙ୍କ ମତାମତ ନେଇଥିଲେ। ତାଙ୍କ ସ୍ୱାମୀ ମଧ୍ୟ ସୂଚନା ଆଧାରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିଥିଲେ। ରାତି ୧୦ଟା ସମୟରେ ପିଙ୍କି ଓ ଜନକର ଘରେ ଶୋଇଥିବା ସମୟରେ ସେହି ଗ୍ରାମର ତିନିଜଣ ବ୍ୟକ୍ତି ତାଙ୍କ କବାଟ ବାଡେଇ ଜାତିଗତ ଆକ୍ଷେପ ସହ ଅଶାଳୀନ ଭାଷା କହି ଜନକରଙ୍କୁ ବାହାରକୁ ଆସିବାକୁ କହିଥିଲେ। ସ୍ୱାମୀଙ୍କୁ ବାହାରକୁ ନ ଛାଡି ପିଙ୍କି ନିଜେ କବାଟ ଖୋଲିବାରୁ ସେମାନେ ପିଙ୍କିଙ୍କ ସହିତ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଜାତିଆଣ ଆକ୍ଷେପ କରି ମାଡ଼ ମାରି, ଜୀବନରୁ ମାରିଦେବା ସହ ଘର ପୋଡ଼ି ଦେବା ପାଇଁ ଧମକ ଦେଇଛନ୍ତି। ପିଙ୍କିଙ୍କ ଏତଲା ଆଧାରରେ ମାର୍ଶାଘାଇ ଥାନା ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ଅସୁସ୍ଥ କଣ୍ଠଶିଳ୍ପୀ ଦିବାକର ମହାନ୍ତିଙ୍କୁ ଭେଟିଲେ ଜନ୍ମୋତ୍ସବ ଭଜନ ପରିଷଦ ସଦସ୍ୟ



**କେନ୍ଦ୍ରାପଡ଼ା,୧୪।୯ (ସମିସ):** ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା କେନ୍ଦ୍ରାପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ଦିବାକର ମହାନ୍ତି ଦୀର୍ଘଦିନ ଧରି ଅସୁସ୍ଥ ଥିବା ଖବର ପାଇ ବଳଦେବଜୀଉ ସେବାୟତ ଜନ୍ମୋତ୍ସବ ଭଜନ ସମାରୋହ ପରିଷଦର ସଦସ୍ୟ ଭୁବନେଶ୍ୱରସ୍ଥ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଛନ୍ତି। ବଳଦେବଜୀଉ ସେବକ ଜନ୍ମୋତ୍ସବ ଭଜନ ସମାରୋହର ସଭାପତି ତଥା ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ସମ୍ପାଦକ ସୁଧାଂଶୁ ପଣ୍ଡା, ସଦସ୍ୟ ସଞ୍ଜୟ ସେନାପତି, କୁନା ଓ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଶ୍ରୀ ମହାନ୍ତିଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏ ଅବସରରେ ପରିଷଦ ପକ୍ଷରୁ ଶ୍ରୀଜୀଉଙ୍କ ଅଙ୍ଗବସ୍ତ୍ର ଓ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଶ୍ରୀ ମହାନ୍ତି ଖୁବ୍‌ଶୀଘ୍ର ସୁସ୍ଥ ହୋଇ ପୁଣିଥରେ ତାଙ୍କ ସୁମଧୁର କଣ୍ଠରେ ଭଜନ ଓ ସଙ୍ଗୀତ ପରିବେଷଣ କରନ୍ତୁ ବୋଲି ପରିଷଦର ସଦସ୍ୟ ପ୍ରଭୁ ବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଦିବାକର ମହାନ୍ତି ଓଡ଼ିଶା ସଙ୍ଗୀତ ଜଗତର ଜଣେ ଆଗଧାଡ଼ିର କଣ୍ଠଶିଳ୍ପୀ ଭାବେ ପରିଚିତ। ବିଶେଷକରି ବଳଦେବଜୀଉଙ୍କ ଭଜନ ସହ ତାଙ୍କ କଣ୍ଠରୁ ନିସୃତ ବହୁ ହୃଦୟସ୍ପର୍ଶୀ ଗୀତ ଓଡ଼ିଶାବାସୀଙ୍କ ମନକୁ ଛୁଇଁଆସିଛି। ଶ୍ରୀ ମହାନ୍ତି ଶଯ୍ୟାଶାୟୀ ଅବସ୍ଥାରେ ଭୁବନେଶ୍ୱରସ୍ଥ ବାସଭବନରେ ଚିକିତ୍ସିତ ହେଉଛନ୍ତି।

## ସେବା ସଂକଳ୍ପ ଅଭିଯାନ ନିମନ୍ତେ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୧୪।୯ (ସମିସ):** ରାଜ୍ୟ ସରକାର ତଥା ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ୧୭ରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେବା ସଂକଳ୍ପ ଅଭିଯାନ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ତଥା ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଆଶୀର୍ବାଦର ଦୀପ, ସ୍ୱପ୍ନର ଭାରତ, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ଆଙ୍ଗନ ବା ଉତ୍ସବ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ସେବାଜ୍ୟୋତି କଳସ ଯାତ୍ରା, ରଙ୍ଗୋଲି ରାଷ୍ଟ୍ର, ସେବାରେ ମୋର ଯୋଗଦାନ, ରାଷ୍ଟ୍ରୀୟ ନବ ସୃଜନର ଆହ୍ୱାନ, ସେବା ସେତୁ ଅଭିଯାନ ପ୍ରସ୍ତୁତି କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସଦ, ବିଧାୟକ, ଅନ୍ୟାନ୍ୟ ଜନପ୍ରତିନିଧି ଓ ଜନସାଧାରଣଙ୍କୁ ସାମିଲ କରାଯାଇ ଆୟୋଜନ କରିବାକୁ ସ୍ଥିର ହୋଇଛି। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ନୋଡାଲ ଅଫିସର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଳ୍ପ ଅଧିକାରୀ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## କାର୍ ଧକ୍କାରେ ଦୁଇ ବାଇକ୍‌ର ୩ ଗୁରୁତର

**ରାଜକନିକା,୧୪।୯ (ସମିସ):** ଆଜି ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ଅଚ୍ୟୁତପୁର ବିଶ୍ୱାଳସାହି ନିକଟରେ ଆଳି ପଟୁ ଆସୁଥିବା ଦୁଇଟି ବାଇକ୍‌କୁ କାର୍ ଧକ୍କା ଦେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ପ୍ରଥମ ବାଇକରେ ଥିବା ଗିରିୟା ଗାଁର ସୁବାସ ବିଶ୍ୱାଳଙ୍କ ମୁଣ୍ଡ ଫାଟି ଥିବାବେଳେ ଗଞ୍ଜା ଗ୍ରାମର ଚନ୍ଦ୍ରମଣି ପାତ୍ର, ଦେଉଳସାହି ଗ୍ରାମର ସ୍ୱରୂପ ବେହେରାଙ୍କ ମୁଣ୍ଡରେ ଆଘାତ ଓ ଗୋଡ଼ ଭାଙ୍ଗିଯାଇଛି। ପ୍ରଥମେ ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ରାଜକନିକା ମେଡିକାଲରେ ଭର୍ତ୍ତି କରିବା ପରେ ସମସ୍ତ ୩ ଜଣଙ୍କୁ କେନ୍ଦ୍ରାପଡ଼ା ରେଫର କରାଯାଇଛି।

# ମା’ ସିଂହବାହିନୀ ଦୁର୍ଗାପୂଜା କମିଟି ଗଠିତ

ଦିଗପହଣ୍ଡି,୧୪।୯ (ସମିସ): ଦିଗପହଣ୍ଡି ଏନ୍‌ଏସି ୧ ନମ୍ବର ୱାର୍ଡ଼ ପୁଞ୍ଜିକଂୟା ଛକ ସ୍ଥିତ ମା' ସିଂହବାହିନୀ ଦୂର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ ୟୁଥରିକ୍ରିଏସନ୍ କ୍ଲବ୍



ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅମରଦୀପ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂଜା ପରିଚାଳନା ନିମନ୍ତେ କମିଟି ଗଠନ କରାଯାଇଥିଲା। କମିଟି ଉପଦେଷ୍ଟା ଭାବେ ଆଇନଜୀବି କୁରେଶୁ ପଣ୍ଡା, ପରେଶ ଚନ୍ଦ୍ର ରଥ ମନୋରଞ୍ଜନ ପଣ୍ଡା ଏବଂ ବିଜୟ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଭାପତି ଭାବେ ମନୋଜ କୁମାର ପଟ୍ଟନାୟକ, ଉପସଭାପତି ଭାବେ ଅମରଦୀପ ପଣ୍ଡା, ସମ୍ପାଦକ ଭାବେ ପିଣ୍ଟୁ ମହାନ୍ତି, ସହସମ୍ପାଦକ ଭାବେ କିରଣ କୁମାର ପାଢ଼ୀ ଏବଂ କୋଷାଧ୍ୟକ୍ଷ ଭାବେ ରାଜ କିରଣ ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଭ୍ୟ ରୂପେ ନୀଳକଣ୍ଠ ପଟ୍ଟନାୟକ, ନୃସିଂହ ଚରଣ ବେହେରା, ରଞ୍ଜିତ ବେହେରା, ହର ପ୍ରସାଦ ସେଠୀ, ଲଡୁ କିଶୋର ପଟ୍ଟନାୟକ, ବିନୋଦ ପ୍ରଧାନ, ପଦ୍ମନ ସାହୁ, ବିଶ୍ୱ ପ୍ରକାଶ ଶର୍ମା, ସୁଶାନ୍ତ ନାୟକ, ସନ୍ଦୀପ ପାଣିଗ୍ରାହୀ, ଚିରଞ୍ଜିବୀ ରେଡ୍ଡୀ, ବିଘ୍ନରାଜ ପାଣିଗ୍ରାହୀ, ମୁନା ବିଷୋୟୀ, ମିଲୁ ପଣ୍ଡା ଙ୍କୁ ମନୋନୀତ କରାଯାଇଥିଲା। ଚଳିତବର୍ଷ ୩୪ ତମ ମା ' ଙ୍କ ପୂଜା ମହୋତ୍ସବ ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀ ତିଥି ରୁ ଖୁବ୍ ଧୁମ୍ ଧାମ ରେ ପାଳନ କରାଯିବା ନିମନ୍ତେ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୧ ତାରିଖରେ ପୂଜା ମହୋତ୍ସବ ନିମନ୍ତେ ପୂଜାମଣ୍ଡପ କୁ ଶୁଭଖୁଣ୍ଟି ଅଣାଯିବ ଏବଂ ଅକ୍ଟୋବର ୧୧ ତାରିଖ ଠାରୁ ୨୦ ତାରିଖ ଯାଏଁ ମା ' ଙ୍କ ନବଦିନାତ୍ମକ ପୂଜା ମହୋତ୍ସବ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ବୃନ୍ଦ ଜଣାଇଛନ୍ତି।

## ଗଣେଶ ପୂଜା ପାଇଁ ଘର ସଫା କରିବା ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ପୋଲସରା,୧୪।୯ (ସମିସ): ପୋଲସରା ଥାନା ଅନ୍ତର୍ଗତ ଖଇରଚଟା ଗ୍ରାମରେ ବିଦ୍ୟୁତ ଆଘାତ ଲାଗି ଜଣେ ୨୩ ବର୍ଷୀୟ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଖଇରଚଟା ଗ୍ରାମର ସିପୁନ ପ୍ରଧାନ, ବୟସ ୨୩ ବର୍ଷ। ସୂଚନା ଅନୁଯାୟୀ, ଗଣେଶ ପୂଜାକୁ ନେଇ ଘର ସଫା କରୁଥିବା ସମୟରେ ସିପୁନ ଘରର ବିଦ୍ୟୁତ ମିଟର ନିକଟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ହଠାତ୍ ବିଦ୍ୟୁତ ଆଘାତ ଲାଗିବାରୁ ସେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକେ ଏହା ଦେଖି ତୁରନ୍ତ ସିପୁନଙ୍କୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ଖବର ପାଇ ପୋଲସରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ




ମୃତଦେହ ଜବତ କରିଛି। ମଙ୍ଗଳବାର ମୃତଦେହ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ସବୁଠାରୁ ଦୁଃଖଦ ବିଷୟ, ଗଣେଶ ପୂଜାର ଖୁସିରେ ଯେଉଁ ପରିବାର ଏକାଠି ହୋଇଥିଲା, ସେହି ପରିବାର ହଠାତ୍ ନିଜ ପୁଅକୁ ହରାଇ ଗଭୀର ଶୋକରେ ବୁଡ଼ିଯାଇଛି। ଯେଉଁ ଘରେ ପର୍ବର ଖୁସି ଓ ହସ ଥିଲା, ସେହି ଘରେ ଏବେ କେବଳ କାନ୍ଦଣା ଓ ନିରବତା। ୨୩ ବର୍ଷର ଏକ ଯୁବ ଜୀବନ ଏଭଳି ଅକାଳରେ ଚାଲିଯିବା ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ପୁଅକୁ ହରାଇ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏକ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ପର୍ବର ଖୁସି ମଝିରେ ଆସିଥିବା ଏହି ଦୁଃଖଦ ଖବର ଏକ ପରିବାରର ହସକୁ ମୁହୂର୍ତ୍ତକ ମଧ୍ୟରେ ଲୁହରେ ପରିଣତ କରିଦେଇଛି।









ସକାଳ
THE SAKALA



# ସମ୍ପାଦକୀୟ



ଧର୍ମଧାରଣା ବିଶ୍ୱାସରୁ ଜନ୍ମନିଏ ଏବଂ ବିଶ୍ୱାସ ଜନ୍ମନିଏ ସୀମାବଦ୍ଧ ଚିନ୍ତାଧାରାରୁ।
-ଜିଡ୍ଡୁ କ୍ରିଷ୍ଣମୂର୍ତ୍ତି

## ଡଲାର-ଲକ୍ଷ୍ମଣରେଖା

ଭାରତ ଭୂମିରେ ସଦ୍ୟସମାପ୍ତ ବ୍ରିକ୍ସ ଶିଖର ସମ୍ମିଳନୀ ଅବ୍ୟବହିତ ପୂର୍ବରୁ ଅନେକ ଆଶା ସଞ୍ଚାର ହୋଇଥିଲା। ମୁଖ୍ୟତଃ ବିଶ୍ୱ ବାଣିଜ୍ୟରେ ଆଧିପତ୍ୟ ବିସ୍ତାର କରିଥିବା ଆମେରିକୀୟ ମୁଦ୍ରା ଡଲାରର ସମାନ୍ତରାଳ ଭାବେ ବ୍ରିକ୍ସ ମୁଦ୍ରା ପ୍ରଚଳନ ଘୋଷଣାକୁ ନେଇ ବିଶ୍ୱସ୍ତରୀୟ ଦୃଷ୍ଟି ଭାରତ ଉପରେ ନିବଦ୍ଧ ଥିଲା। କିନ୍ତୁ ସେପରି କିଛି ହୋଇନାହିଁ। ଅଧିକନ୍ତୁ ଆତଙ୍କବାଦ ବିରୋଧରେ ମିଳିତ ସଂଗ୍ରାମ ଓ ସହଯୋଗ, ଆନ୍ତଃବାଣିଜ୍ୟରେ ପାଶ୍ଚାତ୍ୟ ପ୍ରଭାବକୁ ଯଥାସମ୍ଭବ ହ୍ରାସ ଭଳି କେତେକ ଔପଚାରିକ ଓ ଅବାସ୍ତବ ଘୋଷଣାରେ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ରୁଷ୍-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ଚୀନ୍ ଓ ଭାରତ ମଧ୍ୟସ୍ଥତା କରିବେ ବୋଲି ପ୍ରସ୍ତାବ ପାରିତ ହୋଇଛି, ଯେଉଁଥିରେ ବାସ୍ତବତା ଆଦୌ ଦେଖାଯାଉନାହିଁ। ଏହାପଛର କାରଣ ତାଲିକା ବହୁଦୀର୍ଘ। ଅପରପକ୍ଷରେ ଇରାନ୍, ସାଉଦି ଆରବ, ୟୁଏଇ ଆଦି ରାଷ୍ଟ୍ରର ରାଷ୍ଟ୍ର ଓ ଶାସନ ମୁଖ୍ୟମାନେ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ ମଧ୍ୟ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କଥା ଆଦୌ ଉଠିନାହିଁ। ଏଥିପାଇଁ ଏକ ଭଲ ସୁଯୋଗ ଥିଲା। ତେଣୁ ବ୍ରିକ୍ସ ସମ୍ମିଳନୀକୁ ବହ୍ୱାଡ଼ମ୍ବରରେ ଲଘୁକ୍ରିୟା ଭାବରେ ବର୍ଣ୍ଣନା କଲେ ଭୁଲ୍ ହେବ ନାହିଁ। ସର୍ବୋପରି ଏଥିରୁ ଭାରତୀୟ ଜନସାଧାରଣ କିମ୍ବା ବ୍ରିକ୍ସ ନିବାସୀ କିଛି ଲାଭ ପାଇବା ପରି ଲାଗୁନାହିଁ।

ଏସବୁର ଊର୍ଦ୍ଧ୍ୱରେ ବ୍ରିକ୍ସର ମୁଖ୍ୟ ଆକର୍ଷଣ ବ୍ରିକ୍ସ ମୁଦ୍ରା କଥା ଆଲୋଚନା କରାଯାଉ। ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ରୁଷ୍ ଓ ଚୀନ୍ ଡଲାର ବିହୀନ ବାଣିଜ୍ୟ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ବ୍ରାଜିଲ୍ ଏ ସମ୍ପର୍କରେ ନିର୍ଭୟରେ ଘୋଷଣା ମଧ୍ୟ କରିସାରିଛି। କିନ୍ତୁ ଭାରତ ଏ ସମ୍ପର୍କରେ ସ୍ୱଷ୍ଟ ମତ ରଖୁନାହିଁ କି ଡଲାରମୁକ୍ତ ବାଣିଜ୍ୟ ସପକ୍ଷରେ ମତ ଦେଇନାହିଁ। ଏହାପଛରେ ଟ୍ରମ୍ପଙ୍କ ଭୟ ନା ଅନ୍ୟକିଛି ବାଧ୍ୟବାଧକତା ରହିଛି ତାହା ଆଲୋଚନାସାପେକ୍ଷ। ଏହି ସଂଗଠନରେ ଭାରତ ଦ୍ୱିତୀୟ ବୃହତ୍ ଅର୍ଥନୀତି। ତେଣୁ ଭାରତର ମତ ଓ ନୀତିଗତ ନିଷ୍ପତ୍ତି ଅନେକ ପ୍ରାସଙ୍ଗିକତା ବହନ କରୁଛି।

ଗୁରୁତ୍ୱପୂର୍ଣ୍ଣ ହେଉଛି ଭାରତ ଆଗରେ ଡଲାର ଆକାରରେ ଭୂରାଜନୀତି ଓ କୂଟନୀତିର ଯେଉଁ ଲକ୍ଷ୍ମଣରେଖାଟି ଆମେରିକା ଟାଣି ଦେଇଛି ତାହାକୁ ଅତିକ୍ରମ କରିବା ଭାରତ ପାଇଁ ଏତେ ସହଜ ନୁହେଁ। କିଛିଦିନ ତଳେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ଲକ୍ଷ୍ମଣରେଖାକୁ ଆହୁରି ଗାଢ଼ କରିଦେଇଛନ୍ତି। ୱାଶିଂଟନ୍‌ଠାରେ ଏକ ବୈଠକରେ ସେ ସ୍ୱଷ୍ଟ କରିଛନ୍ତି ଯେ ଡଲାର ଉପରେ ନିର୍ଭରଶୀଳତା ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଥାଇପାରେ; କିନ୍ତୁ ଏହାର ଅର୍ଥ ନୁହେଁ ଯେ ଭାରତ ଡଲାର ବିକଳ୍ପ ଚିନ୍ତା କରିବ। ଅଧିକନ୍ତୁ ଭାରତୀୟ ଅର୍ଥନୀତି, ରାଜନୀତି ଓ ରଣନୀତି ପାଇଁ ଡଲାର ଏକ ଆହ୍ୱାନ ନୁହେଁ ବୋଲି ଜୟଶଙ୍କର ସ୍ୱଷ୍ଟ କଲା ପରେ ବ୍ରିକ୍ସ ସମ୍ମିଳନୀରୁ ଡଲାର ବିହୀନ ବାଣିଜ୍ୟ ଘୋଷଣାର ଆଉ ଅବକାଶ ହିଁ ପ୍ରାୟ ନଥିଲା କହିଲେ ଚଳେ। ଏହାଛଡ଼ା ବ୍ରିକ୍ସରେ ଏବେ ଇଜିପ୍ଟ, ଇଥିଓପିଆ, ଇରାନ୍, ସାଉଦି ଆରବ, ୟୁଏଇ ଆଦି ଦେଶ ସଦସ୍ୟ ହୋଇସାରିଛନ୍ତି। ତେଣୁ ସେମାନେ ଆଦୌ ଡଲାର ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମ୍ଭାବନା ହିଁ ନାହିଁ। ଏହି ଦୃଷ୍ଟିରୁ ବ୍ରିକ୍ସ ସମ୍ମିଳନୀ କେବଳ ଏକ ଔପଚାରିକତାରେ ସୀମିତ ହେବା ସ୍ୱାଭାବିକ।

ଏହାଛଡ଼ା ଏକ ଆଞ୍ଚଳିକ ମୁଦ୍ରା ପ୍ରଚଳନ ପାଇଁ ଯେଉଁ ଗୋଷ୍ଠୀଗତ ଓ ରାଜନୈତିକ ଏକତା ଆବଶ୍ୟକ ତାହାର ପ୍ରସ୍ତୁତି ମଧ୍ୟ ବ୍ରିକ୍ସରେ ଆରମ୍ଭ ହୋଇନାହିଁ। ବ୍ରିକ୍ସ ବ୍ୟାଙ୍କର କାର୍ଯ୍ୟକଳାପ କେବଳ କାଗଜକଲମରେ ଅଟକି ରହିଯାଇଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱ ବାଣିଜ୍ୟରେ ଡଲାର ବିକଳ୍ପ ହିଁ ନାହିଁ କହିଲେ ଚଳେ। ଡଲାର ବିକଳ୍ପ ମଧ୍ୟ ଏତେ ସହଜ ନୁହେଁ। ଅନେକ କସରତ ଓ ବର୍ଷବର୍ଷର ବିଚାରବିମର୍ଶ ପରେ ୟୁରୋପୀୟ ସଂଘ ଦେଶ ମଧ୍ୟରେ ଏକକ ମୁଦ୍ରା ୟୁରୋ ପ୍ରଚଳନ ହେବା ପରେ ଯେଉଁ ଆର୍ଥିକ ସମସ୍ୟା ସୃଷ୍ଟି ହେଲା ଏବଂ ଗ୍ରୀସ୍ ପ୍ରାୟତଃ ଦେବାଳିଆ ହୋଇଗଲା ସେ ପରିସ୍ଥିତି ବ୍ରିକ୍ସରେ ସୃଷ୍ଟି ହେବା ପାଇଁ ବିଶେଷ ବିଳମ୍ବ ହେବ ନାହିଁ। କେବଳ ଭାରତର ବାଧ୍ୟବାଧକତାକୁ ଦେଖାଯାଉ। ଭାରତ-ରୁଷ୍ ମଧ୍ୟରେ ଡଲାରକୁ ବାଦ୍ ଦେଇ ଉଭୟ ଦେଶର ମୁଦ୍ରାରେ ବାଣିଜ୍ୟ ପାଇଁ ଚୁକ୍ତି ହେବା ପରେ ଏବେ ରୁଷ୍ ପାଖରେ ଯେତିକି ଭାରତୀୟ ଟଙ୍କା ଗଚ୍ଛିତ ହେଲାଣି ତାହାକୁ ନେଇ ସେ ଦେଶ ଚିନ୍ତାରେ ପଡ଼ିଯାଇଛି। ତେଣୁ ଏବେ ପୁଣି ଥରେ ଡଲାର ହିଁ ବିନିମୟର ମାଧ୍ୟମ କରିବାକୁ ଦୁଇ ଦେଶ ବାଧ୍ୟ ହୋଇଛନ୍ତି। ଆହୁରି ମଧ୍ୟ ବ୍ରିକ୍ସ ସଦସ୍ୟ ଦେଶଙ୍କ ସହିତ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ପ୍ରାୟ ୨୨୬ ବିଲିୟନ ଡଲାର। ଭାରତ ଯଦି ଡଲାରମୁକ୍ତ ବାଣିଜ୍ୟକୁ ସ୍ୱୀକୃତି ଦେବ ତେବେ ଏହି ପରିମାଣର ଡଲାର ବିନିମୟ ବନ୍ଦୋବସ୍ତ ହେବା ଦୁରୂହ ବ୍ୟାପାର।

ଭାରତର ଆଉ ଏକ ବିବଶତା ହେଲା ସେ ବ୍ରିକ୍ସ ସମେତ ଆମେରିକା ସହିତ କ୍ୱାଡ୍ ଏବଂ ଜି-୭ର ସଦସ୍ୟ ରହିଛି। ତେଣୁ ଡଲାରକୁ ଏତେଶୀଘ୍ର ବିଦାୟ ଦେବାର ସମ୍ଭାବନା କ୍ଷୀଣ। ସର୍ବୋପରି ବ୍ରିକ୍ସକୁ ଅଣଆମେରିକୀୟ ଭାବେ ଟ୍ରମ୍ପ ଅଭିହିତ କରୁଥିବାରୁ ଡଲାର ବିକଳ୍ପ ଘୋଷଣା ସ୍ଥଗିତ ପଛରେ ଟ୍ରମ୍ପଙ୍କ ଭୟ ଯେତିକି ରହିଛି, ବ୍ରିକ୍ସର ସଦସ୍ୟ ସମାପ୍ତ ସମ୍ମିଳନୀରୁ ଟ୍ରମ୍ପଙ୍କ ଆଶ୍ୱସ୍ତି ତା'ଠାରୁ ଅଧିକ ହୋଇଛି।

# ବିଦ୍ୟାଳୟରେ ଭୂତଭୟ!

ଅବଶ ପରିଡ଼ା

ଭୂତ ଅଦୃଶ୍ୟ, କିନ୍ତୁ ଭୂତର ଭୟ ସାମାଜିକ ଭାବେ ସ୍ୱଷ୍ଟ ଓ ଦୃଶ୍ୟମାନ। କିଛି ଦିନ ତଳର ଘଟଣା। ନବମ ଓ ଦଶମ ଶ୍ରେଣୀର ସାତଜଣ ଝିଅ ସ୍କୁଲ ଯିବା ବାଟରେ ଅଚେତ ହୋଇଗଲେ ଏବଂ ଅସାମାନ୍ୟ ଆଚରଣ ପ୍ରଦର୍ଶନ କଲେ। ଛାତ୍ରୀଙ୍କ ଏହି ଅସ୍ୱାଭାବିକ ବ୍ୟବହାରକୁ ଭୂତର ପ୍ରକୋପ ଭାବେ ସାଧାରଣରେ ଆଲୋଚନା ଆରମ୍ଭ ହୋଇଗଲା। ବିଦ୍ୟାଳୟରେ ଭୂତ ଅଛି - ଏହି ଧାରଣା ହୋଇଗଲା ବ୍ୟାପକ। ଫଳସ୍ୱରୂପ ଅନ୍ୟ ବିଦ୍ୟାର୍ଥୀମାନେ ବିଦ୍ୟାଳୟ ଯିବା ବନ୍ଦ କରିଦେଲେ। ପରିସ୍ଥିତି ଏପରି ହେଲା ଯେ ଡାକ୍ତର ଓ ପ୍ରଶାସକଙ୍କ ହସ୍ତକ୍ଷେପ ଲୋଡ଼ାଗଲା। ଡାକ୍ତରୀଦଳ ଛାତ୍ରୀମାନଙ୍କୁ ପରୀକ୍ଷା କରି ଜଣାଇଲେ ଯେ ଏହି ଘଟଣାଗୁଡ଼ିକ କୌଣସି ଅପ୍ରାକୃତିକ କାରଣ ଦ୍ୱାରା ନୁହେଁ ବରଂ ମାନସିକ ଚାପ ଯୋଗୁଁ ହୋଇଛି। ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଭୂତ ଗୁଜବ ଏଡ଼ାଇବାକୁ ପ୍ରଶାସନ ପରାମର୍ଶ ଦେଇଥିଲେ।

ଘଟଣାଟି କେବଳ ଓଡ଼ିଶାର ଗୋଟିଏ ସ୍କୁଲ କିମ୍ବା ଅଞ୍ଚଳର ନୁହେଁ। ଭାରତରେ ଅନେକ ସ୍କୁଲ, ହଷ୍ଟେଲ ଓ ପରିବାରରେ ଏହିପରି ଘଟଣା ରିପୋର୍ଟ କରାଯାଇଛି। ଯେଉଁଠାରେ ମୂର୍ଚ୍ଛା ହେବା, ଥରିବା, କାନ୍ଦିବା କିମ୍ବା ଅସ୍ୱାଭାବିକ ଆଚରଣ ଓ ଲକ୍ଷଣଗୁଡ଼ିକୁ ଭୂତର ନିୟନ୍ତ୍ରଣ, ପ୍ରେତାତ୍ମାର ଆକ୍ରମଣ କିମ୍ବା ଅଲୌକିକ ପ୍ରଭାବ ଭାବରେ ବ୍ୟାଖ୍ୟା କରାଯାଇଛି। ଅନେକ କ୍ଷେତ୍ରରେ, ଡାକ୍ତରୀ ତଦନ୍ତ ପରେ ଏସବୁ ମାନସିକ ଚାପ, ସାମୂହିକ ମାନସିକ ରୋଗ କିମ୍ବା ମାନସିକ ଆଘାତଜନିତ ସମସ୍ୟାର ଲକ୍ଷଣ ବୋଲି ଜଣାପଡ଼ିଛି। ତେଣୁ ଚିକିତ୍ସାଗତ କାରଣ ଚିହ୍ନଟ ସହିତ ଆମକୁ ଜାଣିବାକୁ ହେବ ଯେ ଭୂତ ଭୟ ପରି ଏକ ଅସ୍ୱଷ୍ଟ ଘଟଣାକୁ ସାମୂହିକ ଭାବେ ଏକ ନିର୍ଦ୍ଦିଷ୍ଟ ଉପାୟରେ କିପରି ଓ କାହିଁକି ବ୍ୟାଖ୍ୟା କରାଯାଏ।

ଯଦିଓ ଏହା ଶାରୀରିକ ଭାବରେ ସତ୍ୟ ନୁହେଁ, କିନ୍ତୁ ଭୂତ ହେଉଛି ଏକପ୍ରକାର ସାମାଜିକ ବାସ୍ତବତା ବୋଲି ଅନେକ ସାମାଜିକ ବିଶାରଦ ବିଶ୍ୱାସ କରନ୍ତି। ସରଳରେ ଏହାର ଅର୍ଥ ହେଉଛି ଯେ ସମ୍ପୂର୍ଣ୍ଣ ଗୋଷ୍ଠୀ ବା ଅଞ୍ଚଳର ଆଚରଣକୁ ପ୍ରଭାବିତ କରିବା ପାଇଁ ଭୂତର ବିଶ୍ୱାସ ଓ ଭୟ ଏକ ଯଥେଷ୍ଟ ଶକ୍ତିଶାଳୀ ଉପାଦାନ ହୋଇପାରେ। ଯଦି କେହି ବିଶ୍ୱାସ କରନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଭୂତପ୍ରବଣ, ତେବେ ଭୟ, ଶାରୀରିକ ଲକ୍ଷଣ, ପରିହାର ଏବଂ ଏପରିକି ଅସ୍ୱସ୍ତିକର ଅନୁଭବ କରିବା ହେଉଛି ଏକ ସାଧାରଣ ମାନସିକ ଆଚରଣ। ତେଣୁ ଭୂତର ଅସ୍ତିତ୍ୱ ଓ ତଦ୍‌ଜନିତ ଅଲୌକିକ ଦାବିଟି ହୁଏତ ବିଜ୍ଞାନସମ୍ମତ ପ୍ରମାଣିତ ହୋଇ ନ ପାରେ, କିନ୍ତୁ ଏହାକୁ ବିଶ୍ୱାସ କରିବାର ସାମାଜିକ ପରିଣାମ କେବଳ ଦୃଶ୍ୟମାନ ନୁହେଁ ବରଂ ଲୋକପ୍ରିୟ।

ପୁଣି ଫେରିବା ସେହି ଭୂତ ଭୟରେ ବନ୍ଦ ହୋଇଥିବା ବିଦ୍ୟାଳୟକୁ। ରିପୋର୍ଟ ଅନୁଯାୟୀ ବିଦ୍ୟାର୍ଥୀମାନେ ଅଳ୍ପସମୟ ମଧ୍ୟରେ ସମାନ ଘଟଣା ଅନୁଭବ କରିଥିଲେ। ତା'ପରେ ଅନ୍ୟ ପିଲାମାନଙ୍କ ମଧ୍ୟରେ ଏହି ଭୟ ଦେଖାଦେଇଥିଲା। ସମାଜଶାସ୍ତ୍ରରେ ଏହି ଭୟର ସାମାଜିକ ସଂକ୍ରମଣ ଏବଂ ଏହା କେଉଁ ମାଧ୍ୟମରେ ଯାତ୍ରା କରେ ସେ ବିଷୟରେ ଉଲ୍ଲେଖ ଅଛି। ପ୍ରଥମ ହେଉଛି ବ୍ୟକ୍ତିର ଅନୁଭୂତି। ଏହାକୁ ସହପାଠୀ ବା ସହକର୍ମୀମାନେ ଲକ୍ଷ୍ୟ କରନ୍ତି। ପରବର୍ତ୍ତୀ ସମୟରେ ଏହା ଆଲୋଚନା ହୁଏ ଏବଂ ବ୍ୟାଖ୍ୟାରେ ପରିଣତ ହୁଏ। ବ୍ୟାଖ୍ୟାଟି ଗୁଜବରେ ଅତିଶୀଘ୍ର ପରିଣତ ହୁଏ ଏବଂ ସାମାଜିକ ସ୍ତରରେ ଗୁଜବଟି ପରବର୍ତ୍ତୀ ପର୍ଯ୍ୟାୟରେ ଏକ ସାମୂହିକ ଆପେକ୍ଷିକ ବ୍ୟବହାର ହୋଇଯାଏ। ଫଳସ୍ୱରୂପ ଅଧିକ ଭୟର ପରିବେଶ ସୃଷ୍ଟି ହୁଏ। ଏହା ନିଜ ପ୍ରଭାବରେ ନିଜେ ବୃଦ୍ଧି ପାଉଥିବା ଏକ ଘଟଣା ଓ ଆଲୋଚନା ହୋଇଯାଏ। ଅନେକ ଜାଗାରେ ଗୋଷ୍ଠୀଗତ ଭୂତଭୟକୁ 'ଡୋମିନୋ ଇଫେକ୍ଟ'ରେ ନାମିତ କରାଯାଏ।

ସମାଜବିଜ୍ଞାନୀ ଏମିଲ୍ ଡୁର୍କହାଇମ୍‌ଙ୍କ 'ସାମୂହିକ ପ୍ରତିନିଧିତ୍ୱ'ର ଧାରଣା ଏଠାରେ ବିଶେଷ ଉପଯୋଗୀ। ଏହାର ଅର୍ଥ - ସମାଜ ଏପରି କିଛି ସାଧାରଣ ଧାରଣା, ପ୍ରତୀକ ଓ ବିଶ୍ୱାସ ସୃଷ୍ଟି କରେ, ଯାହା ମାଧ୍ୟମରେ ଲୋକମାନେ ନିଜ ଦୁନିଆକୁ ବୁଝିଥା'ନ୍ତି ବା ଅର୍ଥ ପ୍ରଦାନ କରିଥା'ନ୍ତି। ବିଦ୍ୟାଳୟ କେବଳ ଏକ ଭୌତିକ କୋଠାଘର ନୁହେଁ। ଛାତ୍ରଛାତ୍ରୀଙ୍କ ପାଇଁ ଏହା ହେଉଛି ଏକ ପ୍ରତୀକାତ୍ମକ ସ୍ଥାନ, ଯେଉଁଥିରେ ପିଲାମାନେ କାହାଣୀ, ଗୁଜବ, ସ୍ମୃତି, ଭୟ, ଆଚାର-ଅନୁଷ୍ଠାନ, ସ୍ଥାନୀୟ ବିଶ୍ୱାସ ଭଳି ଅନେକ ସାମାଜିକ ଓ ବ୍ୟକ୍ତିଗତ ଘଟଣାକୁ ନିଜ ଅନୁଭୂତିରେ ସାଉଁଟି ରଖନ୍ତି। ତେଣୁ ଯଦି କୌଣସି ନିର୍ଦ୍ଦିଷ୍ଟ କୋଠା, ଗଛ, ରାସ୍ତା କିମ୍ବା ସ୍ଥାନ ଭୂତ-ପ୍ରେତଙ୍କ ସହ ଜଡ଼ିତ ହୋଇଯାଏ, ସେହି ସମ୍ପର୍କ ଏକ ସାମୂହିକ ଅର୍ଥ ବହନ କରିପାରେ। ଯେତେବେଳେ ଆମେ କୌଣସି ଏକ ଦ୍ୱିଧାଜନକ ବା ଅସ୍ୱଷ୍ଟତାରେ ପୂର୍ଣ୍ଣ ଘଟଣାର ସମ୍ମୁଖୀନ ହେଉ, ସେତେବେଳେ ଆମେ ଏହାର ଏକ ବ୍ୟାଖ୍ୟା ଖୋଜୁ। ଯଦି ଏଥିରେ ବୈଜ୍ଞାନିକ ସୂଚନା ବା ଯୁକ୍ତିଯୁକ୍ତ କାରଣ ଅନୁପସ୍ଥିତ ଥାଏ, ତେବେ ଗୁଜବ ଏହି ବ୍ୟାଖ୍ୟାମୂଳକ ଶୂନ୍ୟସ୍ଥାନ ପୂରଣ କରିଦିଏ। ଉଦାହରଣ ସ୍ୱରୂପ, ଜଟିଳ ଅଲୌକିକ ବ୍ୟାଖ୍ୟାର ଗୁଜବ କ୍ଷେତ୍ରରେ 'ଭୂତ ଅଛି' ହେଉଛି ଏକ ସରଳ ଉତ୍ତର।

ଏଠାରେ ପ୍ରଶ୍ନ ଆସିପାରେ ଯେ କିଶୋରୀମାନେ କାହିଁକି ଅଧିକ ପ୍ରଭାବିତ ହୁଅନ୍ତି? ଯଥେଷ୍ଟ ବୈଜ୍ଞାନିକ ଓ ମନସ୍ତାତ୍ତ୍ୱିକ ପ୍ରମାଣରୁ ଜଣାପଡ଼େ ଯେ ପୁରୁଷଙ୍କ ତୁଳନାରେ ବାଳିକା ଓ ମହିଳାମାନେ ଅଧିକ ଭୟ ଅନୁଭବ କରନ୍ତି ଏବଂ ପ୍ରାୟ ଦ୍ୱିଗୁଣ ହାରରେ ଉଦ୍‌ବେଗଜନିତ ସମସ୍ୟା(ଏଙ୍ଗଜାଇଟି ଡିସଅର୍ଡର)ର ଶିକାର ହୁଅନ୍ତି। ଦ୍ୱିତୀୟ କଥାଟି ହେଉଛି ଭୟ ଓ ମାନସିକ ଅସ୍ଥିରତାର ପ୍ରକାଶଭଙ୍ଗୀକୁ ରୂପ ଦେବାରେ କିଶୋର ଅବସ୍ଥା, ଲିଙ୍ଗଗତ ସାମାଜିକୀକରଣ, ଅନୁଷ୍ଠାନିକ ଚାପ ଓ ସାଂସ୍କୃତିକ ବିଶ୍ୱାସ ପରସ୍ପର ସହ ଜଡ଼ିତ। ଏହାବ୍ୟତୀତ ଭୂତ ଭୟ, ଯାହାକୁ ବୈଜ୍ଞାନିକ ଭାବରେ 'ଫାସ୍ମୋଫୋବିଆ' କୁହାଯାଏ, ବ୍ୟାଖ୍ୟା କରେ ଯେ ଏହା ଏକ ଅତିପ୍ରାଚୀନ ଘଟଣା ନୁହେଁ, ବରଂ ଏକ ବିବର୍ତ୍ତନବାଦୀ, ମନସ୍ତାତ୍ତ୍ୱିକ ଓ ସ୍ନାୟୁଗତ କ୍ରିୟାପ୍ରଣାଳୀରୁ ଉତ୍ପନ୍ନ ହୋଇଥିବା ଭୟ। ଭୂତ-ପ୍ରେତ ଓ ଆତ୍ମା ଭଳି ଅଭୌତିକ ଘଟଣାବଳୀ ସମ୍ବନ୍ଧୀୟ ଭୟ ଓ ବିଶ୍ୱାସ କ୍ଷେତ୍ରରେ ମହିଳାମାନେ ଅଧିକ ପ୍ରଭାବିତ ହୁଅନ୍ତି।

ନାରୀବାଦୀ ତତ୍ତ୍ୱବାଦୀଙ୍କ ଅନୁସାରେ କୌଣସି ସାମାଜିକ ଚାପରେ ଭାଙ୍ଗି ପଡ଼ିବାର ଗୋଟିଏ ଝିଅକୁ ଦେଖି ଅନ୍ୟ ଝିଅମାନେ ନିଜକୁ ତାହା ସହ ତୁଳନା କରନ୍ତି। କାରଣ ସେମାନେ ମଧ୍ୟ ସମାନ ପ୍ରକାର ସାମାଜିକ ଆଶା ଓ ଚାପର ଶିକାର ହେଉଛନ୍ତି ବୋଲି ବିଶ୍ୱାସ କରନ୍ତି। ସେମାନଙ୍କର ଏହି ଚାପ ଗୋଷ୍ଠୀ ମାଧ୍ୟମରେ ବ୍ୟାପିପାରେ, ଯାହା ଏକ ବ୍ୟକ୍ତିଗତ ଅବସାଦକୁ ସାମୂହିକ ଅଭିବ୍ୟକ୍ତିରେ ପରିଣତ କରେ। ଯେତେବେଳେ ଏକ ସାମାଜିକ ବ୍ୟବସ୍ଥା ଯୁବତୀ, ମହିଳା ଓ କିଶୋରୀମାନଙ୍କୁ ସେମାନଙ୍କ ମାନସିକ ଚାପ ବିଷୟରେ ମୁକ୍ତ ଭାବେ ପ୍ରକାଶ କରିବାର ସୁଯୋଗ କିମ୍ବା ଅଧିକାର ଦିଏନାହିଁ, ସେତେବେଳେ ସେମାନଙ୍କ ମନ ଓ ଶରୀର ଏହାକୁ ବ୍ୟକ୍ତ କରିବା ପାଇଁ ଏକ ବିକଳ୍ପ ତଥା ଅନିୟନ୍ତ୍ରିତ ପନ୍ଥା ବାଛିନିଏ। ଏହାକୁ 'ସୋମାଟାଇଜେସନ୍' କୁହାଯାଏ। ଏହାର ଅର୍ଥ ହେଉଛି ଶାରୀରିକ ଲକ୍ଷଣ ମାଧ୍ୟମରେ ମାନସିକ ଓ ସାମାଜିକ ଦୁଶ୍ଚିନ୍ତା ବା କଷ୍ଟର ପ୍ରକାଶ କରିବା। ତେଣୁ ଯାହା ଅଯୌକ୍ତିକ ଆଚରଣ ପରି ମନେହୁଏ, ତାହା କେତେକ କ୍ଷେତ୍ରରେ ପ୍ରକୃତ ଯନ୍ତ୍ରଣାର ଏକ ସାମାଜିକ ଭାବେ ଗଠିତ ଅଭିବ୍ୟକ୍ତି ହୋଇପାରେ।

ସ୍କୁଲରେ ଭୂତଭୟକୁ କେବଳ ଅନ୍ଧବିଶ୍ୱାସ କହି ଖାରଜ କରିଦେଲେ କିମ୍ବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିକ୍ରିୟା ପାଇଁ ଦାୟୀ କରିଦେଲେ ହେବ ନାହିଁ। ଏଗୁଡ଼ିକ ହେଉଛି ସାମାଜିକ, ଭାବପ୍ରବଣ ଓ ସାଂଗଠନିକ ଚାପର ସଙ୍କେତ। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଭୟ ପରିଚାଳନା ସହ ସାମାଜିକ ନିବାରଣ ଆବଶ୍ୟକ। ବିଦ୍ୟାଳୟଟି ଏପରି ହେବା ଉଚିତ, ଯେଉଁଠାରେ ଛାତ୍ରଛାତ୍ରୀମାନେ ନିରାପଦରେ ନିଜ ଚିନ୍ତା, ଘର କଥା, ଶିକ୍ଷାଗତ ଚାପ ଏବଂ ବ୍ୟକ୍ତିଗତ ଅସୁବିଧାକୁ କୌଣସି ବିନାସଙ୍କୋଚରେ ପ୍ରକାଶ କରିପାରିବେ। ପରାମର୍ଶଦାତାମାନଙ୍କ ସହିତ, ଶିକ୍ଷକ ତାଲିମ, ଅଭିଯୋଗ ପ୍ରଣାଳୀ, ସହକର୍ମୀ-ସହାୟତା ଗୋଷ୍ଠୀ ଏବଂ ଗୋପନୀୟ ରିପୋର୍ଟିଂ ଭଳି ବ୍ୟବସ୍ଥାକୁ ମଜବୁତ କରିବା ଉଚିତ। ଆବାସିକ ଓ ଦୂରବର୍ତ୍ତୀ ସ୍କୁଲଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ, ଯେଉଁଠାରେ ପରିବାରଠାରୁ ବିଚ୍ଛିନ୍ନତା ଯୋଗୁଁ ପିଲାମାନଙ୍କ ମାନସିକ ଦୁର୍ବଳତା ବୃଦ୍ଧି ପାଉଛି। ପିତାମାତା ଓ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟ ଭୟର ଉତ୍ସ ନୁହେଁ, ବରଂ ସାମାଜିକ ନିବାରଣର ଅଂଶୀଦାର ହେବା ଉଚିତ। ଦାୟିତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣ ଏକ ଭୀତ ସମ୍ପ୍ରଦାୟକୁ ଶାନ୍ତ କରିପାରେ ଏବଂ ଚାଞ୍ଚଲ୍ୟକର ଖବର ସମ୍ପ୍ରଦାୟକୁ ଭୟଭୀତ କରିପାରେ। ତେଣୁ ଗଣମାଧ୍ୟମର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ। ସେହିପରି ଭୂତ/ପ୍ରେତ ପରି ପାରମ୍ପରିକ ବିଶ୍ୱାସକୁ ଉପହାସ ନୁହେଁ, ବରଂ ଆଲୋଚନା ଏବଂ ବୈଜ୍ଞାନିକ ସଚେତନତା ମାଧ୍ୟମରେ ସମ୍ମାନର ସହିତ ସମାଧାନ କରାଯିବା ଉଚିତ। ପରିଶେଷରେ ପ୍ରକୃତ ରହସ୍ୟ ଏହା ନୁହେଁ ଯେ ଭୂତର ଅସ୍ତିତ୍ୱ ଅଛି କି ନାହିଁ; ବରଂ ପ୍ରକୃତ ରହସ୍ୟ ହେଉଛି କାହିଁକି ଏବଂ ସେହି ଭୟ କ'ଣ ଏତେ ବାସ୍ତବ ଯେ ତାହା ମଣିଷର ଆଚରଣକୁ ବଦଳାଇ ପାରେ?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଗୁରୁଙ୍କଠାରୁ ଗୁଗୁଲ୍ ପର୍ଯ୍ୟନ୍ତ

ଡ. ସୋମ୍ୟା ନନ୍ଦ

କେବେ ଜଣେ ଛାତ୍ର ପାଇଁ ତାଙ୍କ ଗୁରୁ ହିଁ ଥିଲେ ଜ୍ଞାନର ପ୍ରଥମ ଓ ପ୍ରମୁଖ ଦ୍ୱାର। ଗୁରୁଙ୍କ କଥା ଥିଲା ଶିକ୍ଷା, ଗୁରୁଙ୍କ ଆଚରଣ ଥିଲା ଆଦର୍ଶ ଏବଂ ଗୁରୁଙ୍କ ଶାସନ ଥିଲା ଚରିତ୍ର ଗଠନର ଏକ ଅଂଶ। ଆଜି ସମୟ ବଦଳିଛି। ଗୋଟିଏ ମୋବାଇଲ୍ ଫୋନ୍‌ରେ ହଜାର ହଜାର ପୁସ୍ତକ, ଅସଂଖ୍ୟ ଶିକ୍ଷାମୂଳକ ଚିତ୍ର, ଶ୍ରବଣ ପାଠ ଏବଂ କୃତ୍ରିମ ବୁଦ୍ଧିମତ୍ତାର ସହାୟତା ଉପଲବ୍ଧ। ତେବେ ପ୍ରଶ୍ନ ଉଠେ - ଯେତେବେଳେ ଜ୍ଞାନ ଆମ ଅଙ୍ଗୁଠିର ସ୍ପର୍ଶରେ, ସେତେବେଳେ ଶିକ୍ଷକଙ୍କ ଭୂମିକା କ'ଣ? ଏହା କେବଳ ଶିକ୍ଷା ବ୍ୟବସ୍ଥାର ପ୍ରଶ୍ନ ନୁହେଁ, ଏହା ଆମ ସମାଜ କେଉଁ ମୂଲ୍ୟବୋଧରେ ଆଗକୁ ବଢ଼ିବ, ତାହାର ମଧ୍ୟ ଏକ ବଡ଼ ପ୍ରଶ୍ନ।

ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କ ମୂଳରେ ଥିଲା ଶ୍ରଦ୍ଧା, ଆସ୍ଥା ଓ ଆଦର। ତେବେ ପାରମ୍ପରିକ ବ୍ୟବସ୍ଥାର କିଛି ସୀମାବଦ୍ଧତା ମଧ୍ୟ ଥିଲା। ଶିକ୍ଷକଙ୍କ ପ୍ରତି ଅତ୍ୟଧିକ ଆଜ୍ଞାପାଳନ ଯୋଗୁଁ ଛାତ୍ରଙ୍କ ପ୍ରଶ୍ନ କରିବା ବା ନିଜ ମତ ରଖିବାର ସୁଯୋଗ ଆଜିର ତୁଳନାରେ କମ୍ ଥିଲା। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଚିତ୍ରଟି ବଦଳିଛି। ଛାତ୍ର ଆଉ ନିରବ ଶ୍ରୋତା ନୁହେଁ। ସେ ପ୍ରଶ୍ନ କରୁଛି, ଆଲୋଚନା କରୁଛି, ନିଜ ମତ ରଖୁଛି ଏବଂ ଅନେକ ସମୟରେ ଶିକ୍ଷକଙ୍କ ଦିଆଯାଇଥିବା ତଥ୍ୟକୁ ନିଜେ ଯାଞ୍ଚ ମଧ୍ୟ କରୁଛି। ଛାତ୍ରଙ୍କୁ ଉତ୍ତର ଦେବା ନୁହେଁ, ଠିକ୍ ପ୍ରଶ୍ନ କରିବାକୁ ଶିଖାଇବା ମଧ୍ୟ ଶିକ୍ଷାର ଲକ୍ଷ୍ୟ। ଆଜିର ଶିକ୍ଷକ ତେଣୁ କେବଳ ଜ୍ଞାନ ପ୍ରଦାନକାରୀ ନୁହନ୍ତି; ସେ ଜଣେ ସହାୟକ, ପରାମର୍ଶଦାତା ଓ ମାର୍ଗଦର୍ଶକ। ସେ ଛାତ୍ରଙ୍କୁ ତଥ୍ୟ ଦେବା ସହିତ ତଥ୍ୟକୁ ବୁଝିବା, ବିଶ୍ଳେଷଣ କରିବା ଓ ଜୀବନରେ ପ୍ରୟୋଗ କରିବା ଶିଖାନ୍ତି। କେହି କେହି କୁହନ୍ତି, ଆଜିର ଛାତ୍ରମାନେ ପୂର୍ବଭଳି ଶିକ୍ଷକଙ୍କୁ ସମ୍ମାନ କରୁନାହାନ୍ତି। କଥାଟିକୁ ସମ୍ପୂର୍ଣ୍ଣ ଭୁଲ୍ କହିହେବ ନାହିଁ, କିନ୍ତୁ ଏହାକୁ ଅନ୍ୟ ଦିଗରୁ ମଧ୍ୟ ଦେଖିବା ଦରକାର। ପୂର୍ବେ ସମ୍ମାନର ଅର୍ଥ ଥିଲା କଥା ମାନିବା। ଆଜି ସମ୍ମାନର ଅର୍ଥ ହେବା ଉଚିତ କଥା ଶୁଣିବା, ପ୍ରଶ୍ନ କରିବା ଓ ଯୁକ୍ତିରେ ବୁଝିବା। ଆଜିର ଛାତ୍ର ଅନ୍ଧ ଆଜ୍ଞାପାଳନ ଚାହେଁ ନାହିଁ; ସେ ଚାହେଁ ଯୁକ୍ତି, ସଂଳାପ ଓ ସମ୍ମାନଜନକ ବ୍ୟବହାର। ତେଣୁ ଶିକ୍ଷକଙ୍କ ଅଧିକାର କେବଳ ତାଙ୍କ ପଦବୀରୁ ନୁହେଁ, ତାଙ୍କ ଜ୍ଞାନ, ଚରିତ୍ର, ନ୍ୟାୟପରାୟଣତା ଓ ମାନବିକତାରୁ ଆସିବା ଦରକାର।

ଆଜି ଛାତ୍ରଙ୍କ ହାତରେ ଗୁଗୁଲ୍, ୟୁଟ୍ୟୁବ୍, ଅନଲାଇନ୍ ପୁସ୍ତକାଳୟ ଓ କୃତ୍ରିମ ବୁଦ୍ଧିମତ୍ତା ଭଳି ଅସଂଖ୍ୟ ସାଧନ ଅଛି। ଗୋଟିଏ ପ୍ରଶ୍ନର ଉତ୍ତର କିଛି ସେକେଣ୍ଡ ମଧ୍ୟରେ ମିଳିଯାଉଛି। କିନ୍ତୁ ସୂଚନା ଓ ଜ୍ଞାନ ଏକ ନୁହେଁ। ଇଣ୍ଟରନେଟ୍ ଆମକୁ କହିପାରେ କ'ଣ ଅଛି। କିନ୍ତୁ ଜଣେ ଭଲ ଶିକ୍ଷକ ଆମକୁ ଶିଖାନ୍ତି କ'ଣ ଠିକ୍, କାହିଁକି ଠିକ୍ ଏବଂ କେବେ ତାହା ପ୍ରୟୋଗ କରିବା ଉଚିତ। କୃତ୍ରିମ ବୁଦ୍ଧି ଏକ ଲେଖା ପ୍ରସ୍ତୁତ କରିଦେଇପାରେ; କିନ୍ତୁ ଶିକ୍ଷକ ଛାତ୍ରକୁ ବୁଝାଇପାରନ୍ତି ଯେ ତାହାର ଚିନ୍ତା ନିଜର କି ନୁହେଁ। ଇଣ୍ଟରନେଟ୍ ଅନେକ ପେସାର ପଥ ଦେଖାଇପାରେ; କିନ୍ତୁ ଜଣେ ମାର୍ଗଦର୍ଶକ କହିପାରିନ୍ତି ତୁମ ପାଇଁ କେଉଁ ପଥଟି ଠିକ୍। ମାନବିକ ସ୍ପର୍ଶର ମୂଲ୍ୟ ଅପରିମିତ ପ୍ରଯୁକ୍ତି ସୂଚନା ଦେଇପାରେ, କିନ୍ତୁ ସମବେଦନାର ସ୍ଥାନ ସମ୍ପୂର୍ଣ୍ଣ ଭାବେ ନେଇପାରେ ନାହିଁ। ତେଣୁ ଆଧୁନିକ ଶିକ୍ଷାରେ ପ୍ରଯୁକ୍ତିର ବ୍ୟବହାର ଆବଶ୍ୟକ, କିନ୍ତୁ ତାହା ସହିତ ମାନବିକ ସମ୍ପର୍କର ସୁରକ୍ଷା ମଧ୍ୟ ଆବଶ୍ୟକ। ଶିକ୍ଷା ମୁଣ୍ଡକୁ ଜ୍ଞାନ ଦିଏ; ଶିକ୍ଷକ ସେହି ଜ୍ଞାନକୁ ବିବେକରେ ପରିଣତ କରନ୍ତି। ଜଣେ ଛାତ୍ର ନିଜ କ୍ଷେତ୍ରରେ ସଫଳ ହୋଇ ଜଣେ ଭଲ ପେସାଜୀବୀ ହୋଇପାରେ। କିନ୍ତୁ ସତ୍ୟନିଷ୍ଠା, ଦୟା, ଦାୟିତ୍ୱବୋଧ ଓ ମାନବିକତାକୁ ଧରି ରଖିଲେ ହିଁ ସେ ଜଣେ ଭଲ ମଣିଷ ହୋଇପାରିବ। ଏହି ଦୁଇଟି ମଧ୍ୟରେ ସେତୁ ତିଆରି କରିବାରେ ଶିକ୍ଷକଙ୍କ ବଡ଼ ଦାୟିତ୍ୱ ରହିଛି।

ଯୁବପିଢ଼ି ଆଜି ଅନେକ ସୁଯୋଗ ପାଉଛି, କିନ୍ତୁ ତା'ସହିତ ଅନେକ ଚାପର ସମ୍ମୁଖୀନ ହେଉଛି। ପ୍ରତିଯୋଗିତା, ତୁଳନା, ସଫଳତାର ଚାପ ଓ ସାମାଜିକ ଆଶା ତାଙ୍କ ମନରେ ଅସ୍ଥିରତା ସୃଷ୍ଟି କରିପାରେ। ଏଠି ଶିକ୍ଷକ କେବଳ ପାଠ ପଢ଼ାଇବାର ଦାୟିତ୍ୱରେ ସୀମିତ ରହିଲେ ଚଳିବ ନାହିଁ, ଛାତ୍ରଙ୍କ ମନକୁ ବୁଝିବାକୁ ହେବ। ଛାତ୍ରଙ୍କ ଭିତରେ ଆତ୍ମବିଶ୍ୱାସ ଜଗାଇବାକୁ ହେବ ଏବଂ ବିଫଳତାକୁ ଜୀବନର ଶେଷ ନୁହେଁ, ବରଂ ଶିକ୍ଷାର ଏକ ସୁଯୋଗ ବୋଲି ବୁଝାଇବାକୁ ହେବ। ଜଣେ ଶିକ୍ଷକଙ୍କ ଗୋଟିଏ ଭଲ କଥା, ଗୋଟିଏ ସଠିକ୍ ପରାମର୍ଶ କିମ୍ବା ଗୋଟିଏ ଛୋଟ ପ୍ରଶଂସା ଜଣେ ଛାତ୍ରର ଆତ୍ମବିଶ୍ୱାସକୁ ବଦଳାଇପାରେ। ଶିକ୍ଷାର ଲକ୍ଷ୍ୟ ଯଦି କେବଳ ଚାକିରି ପାଇବା ହୋଇଯାଏ, ତେବେ ସମାଜକୁ ଦକ୍ଷ କର୍ମଚାରୀ ମିଳିପାରନ୍ତି, କିନ୍ତୁ ଭଲ ନାଗରିକ ମିଳିବେ କି?

ଆମକୁ ପାରମ୍ପରିକ ଓ ଆଧୁନିକ ଏହି ଦୁଇ ଯୁଗର ଭଲ ଦିଗକୁ ଏକାଠି କରିବାକୁ ପଡ଼ିବ। ପାରମ୍ପରିକ ଯୁଗରୁ ଆବଶ୍ୟକ ଶ୍ରଦ୍ଧା, ଶୃଙ୍ଖଳା, ନୈତିକତା ଓ ଗୁରୁଙ୍କ ପ୍ରତି ସମ୍ମାନ। ଆଧୁନିକ ଯୁଗରୁ ଆବଶ୍ୟକ ସ୍ୱାଧୀନ ଚିନ୍ତା, ପ୍ରଶ୍ନ କରିବାର ସାହସ, ସୃଜନଶୀଳତା, ପ୍ରଯୁକ୍ତି ଓ ସମାନତା। ଶିକ୍ଷକ ଛାତ୍ରଙ୍କ ସହିତ ମିତ୍ରସୁଲଭ ହୁଅନ୍ତୁ, କିନ୍ତୁ ନିଜର ପେସାଗତ ସୀମା ରକ୍ଷା କରନ୍ତୁ। ଛାତ୍ର ପ୍ରଶ୍ନ କରୁ, କିନ୍ତୁ ପ୍ରଶ୍ନ ସହିତ ଶ୍ରଦ୍ଧା ରଖୁ। ଶିକ୍ଷା ପ୍ରଯୁକ୍ତିକୁ ଗ୍ରହଣ କରୁ, କିନ୍ତୁ ମାନବିକତାକୁ ହରାଇ ନ ଦେଉ। ଶିକ୍ଷକଙ୍କ ଅଧିକାର ଓ ଛାତ୍ରଙ୍କ ସ୍ୱାଧୀନତା-ଉଭୟର ସନ୍ତୁଳନ ହିଁ ଆଦର୍ଶ ସମ୍ପର୍କର ଭିତ୍ତି।

ପୃଥିବୀ ବଦଳିବ। ପ୍ରଯୁକ୍ତି ଆହୁରି ଆଗକୁ ବଢ଼ିବ। ଭବିଷ୍ୟତର ଶ୍ରେଣୀକକ୍ଷରେ କୃତ୍ରିମ ବୁଦ୍ଧି ଆହୁରି ବଡ଼ ଭୂମିକା ନେଇପାରେ। ଛାତ୍ରଙ୍କ ପାଖରେ ଆଜିଠାରୁ ଅଧିକ ଜ୍ଞାନର ଉତ୍ସ ରହିବ। କିନ୍ତୁ ଗୋଟିଏ ଜିନିଷର ଆବଶ୍ୟକତା କେବେ ଶେଷ ହେବ ନାହିଁ- ମଣିଷକୁ ମଣିଷ କରିବାର ମାନବିକ ସମ୍ପର୍କ। ଗୁଗୁଲ୍ ଉତ୍ତର ଦେଇପାରେ, କୃତ୍ରିମ ବୁଦ୍ଧି ତଥ୍ୟ ବିଶ୍ଳେଷଣ କରିପାରେ ଏବଂ ପୁସ୍ତକ ଜ୍ଞାନ ଦେଇପାରେ। କିନ୍ତୁ ଜଣେ ଶିକ୍ଷକ ଛାତ୍ର ଭିତରେ ଲୁଚିଥିବା ସମ୍ଭାବନାକୁ ଚିହ୍ନଟ କରି କହିପାରନ୍ତି 'ତୁମେ ପାରିବ।' ଏହି ଦୁଇଟି ଶବ୍ଦ ବେଳେବେଳେ ଗୋଟିଏ ଜୀବନର ଦିଗ ବଦଳାଇଦିଏ। ତେଣୁ ଆମକୁ ଅତୀତକୁ ଫେରିଯିବାର କିମ୍ବା ଆଧୁନିକତାକୁ ପ୍ରତ୍ୟାଖ୍ୟାନ କରିବାର ମଧ୍ୟ ଆବଶ୍ୟକତା ନାହିଁ। ଆମକୁ ଆବଶ୍ୟକ ଏକ ଏମିତି ଶିକ୍ଷା ବ୍ୟବସ୍ଥା, ଯେଉଁଠି ପ୍ରଯୁକ୍ତି ଜ୍ଞାନ ଦେବ, ଶିକ୍ଷକ ଦିଗ ଦେଖାଇବେ; ଛାତ୍ର ପ୍ରଶ୍ନ କରିବ, ଶିକ୍ଷକ ଚିନ୍ତା କରିବା ଶିଖାଇବେ।


(ସହକାରୀ ପ୍ରାଧ୍ୟାପକ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ)

# ପୃଥିବୀ ଉପରେ ଜୀବଜଗତ ବୋଝ

ଶ୍ରୀନନ

ପୃଥିବୀର ବସ୍ତୁତ୍ୱ ପ୍ରାୟତଃ ୫.୯୭ ଟ୍ରିଲିୟନ୍ ଜିଗାଟନ୍ (ଗୋଟିଏ ଜିଗାଟନ୍ = ୧ ଟ୍ରିଲିୟନ ଅର୍ଥାତ୍ ୧ ଲକ୍ଷ କୋଟି କିଲୋଗ୍ରାମ୍)। ତେବେ ପ୍ରତିଦିନ ମହାକାଶ ଧୂଳି ପଡ଼ିବା ଏବଂ ବାୟୁମଣ୍ଡଳର ଅବକ୍ଷୟ ଘଟିବା ହେତୁ ଏହା ବଦଳିବାରେ ଲାଗିଛି। ପୃଥିବୀରେ ବାସ କରୁଛନ୍ତି ଅସଂଖ୍ୟ ଜୀବଜନ୍ତୁ ଓ ବୃକ୍ଷଲତା। ଏମାନଙ୍କର ଓଜନ ୫୫୦ ଜିଗାଟନ୍ ହେଲା ବେଳକୁ କେବଳ ବୃକ୍ଷଲତାର ଓଜନ ପ୍ରାୟ ୪୫୦ ଜିଗାଟନ୍ ଏବଂ ପଶୁମାନଙ୍କର ଓଜନ ୩ ଜିଗାଟନ୍।

୨୦୨୩ ମସିହାରେ 'ୱିଜ୍‌ମ୍ୟାନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍' ଦ୍ୱାରା ଅନୁଷ୍ଠିତ ଏକ ଆକଳନ ଅନୁସାରେ ପୃଥିବୀରେ ବାସ କରୁଥିବା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ତୁଳନାରେ ମଣିଷର ଓଜନ ବେଶ୍ ଅଧିକ। ଉଦାହରଣ ସ୍ୱରୂପ, ବଣରେ ବାସ କରୁଥିବା ସମସ୍ତ ସ୍ତନ୍ୟପାୟୀମାନଙ୍କ ଓଜନ ୨୦ ନିୟୁତ ଟନ ହେଲା ବେଳେ ମଣିଷମାନଙ୍କର ତାହା ୩୯୦ ନିୟୁତ ଟନ୍।



ବିଜ୍ଞାନ ବାର୍ତ୍ତା

ଏହି ସ୍ତନ୍ୟପାୟୀମାନଙ୍କ ମଧ୍ୟରେ ସବୁଠାରୁ ଓଜନଦାର ଜୀବ ହେଲା ତିମି। ଏହାର ଶରୀର ଓଜନ ୯୦ ହଜାରରୁ ୧୫୦ ହଜାର କିଲୋଗ୍ରାମ ହୋଇପାରେ। ସେହିପରି ହାରାହାରି ଭାବେ ଏସୀୟ ହାତୀ ୨୫୪୬ କିଲୋଗ୍ରାମ, ଏଲିଫ୍ୟାଣ୍ଟସିଲ୍ ୨୩୧୩ କିଲୋଗ୍ରାମ ହେଲା ବେଳେ ଚୁଟିଆମୂଷାର ଓଜନମାତ୍ର ୦.୧୨୫ କେ.ଜି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ହାରାହାରି ଭାବେ ଗାଈ, ବଳଦ ୬୫୦ କେ.ଜି, ଘୁଷୁରୀ ୨୦୦ କେଜି, ଗଧ ୨୫୦ କେଜି, ଛେଳି ଓ ମେଣ୍ଢା ୫୦ କେଜି, କୁକୁର୨୫/୩୦ କେଜି, ଠେକୁଆ ୩/୪ କେଜି, କୁକୁଡ଼ା ୨ କେଜି, ସିଲ୍‌ମାଛ ୪୪୬ କେଜି, ରେହସସ୍ ମାଙ୍କଡ଼ ୬/୭ କେଜି, ଘୋଡା ୫୨୦ କେଜି, ବିରାଡ଼ି ୩.୫ କେଜି ଏବଂ ମଣିଷ ୬୫ କେଜି ହୋଇଥାଏ। ଅତଏବ ବଡ଼ ବଡ଼ ସ୍ତନ୍ୟପାୟୀଙ୍କ ତୁଳନାରେ ମଣିଷର ଓଜନ ସେତେ ବେଶି ନୁହେଁ। ତେବେ ସଂଖ୍ୟାଦୃଷ୍ଟିରୁ ଏହାର ଓଜନକୁ ପୃଥିବୀର ସବୁଠାରୁ ବଡ଼ ବୋଝ ବୋଲି କୁହାଯାଇ ପାରିବ।

ମଣିଷ ଶରୀରର ଭାରକୁ ବାଦ ଦେଲେ ପୃଥିବୀର ଭାର ବୃଦ୍ଧିରେ ତା'ର ଅନ୍ୟତମ ଅବଦାନ ହେଲା ଗୃହପାଳିତ ପଶୁ। ଏହା ପ୍ରାୟ ୬୩୦ ନିୟୁତ ଟନ୍। ଏମାନଙ୍କ ମଧ୍ୟରେ ଗାଈଗୋରୁ ୪୨୦ ନିୟୁତ ଟନ, କୁକୁର ୨୦ ନିୟୁତ, ବିରାଡ଼ି ୨ ନିୟୁତ ଓ ଘୁଷୁରୀ ୪୫ ନିୟୁତ ଟନ। ପୃଥିବୀରେ ବାସ କରୁଥିବା ମଣିଷମାନଙ୍କ ସଂଖ୍ୟା ଆକଳନ କରାଯାଇଛି। ଗୃହପାଳିତ ପଶୁମାନଙ୍କ କ୍ଷେତ୍ରରେ ମଧ୍ୟ ତାହା କିଛି ମାତ୍ରାରେ କରାଯାଇ ପାରିବ। ହେଲେ ଅନ୍ୟାନ୍ୟ ବନ୍ୟଜନ୍ତୁଗୁଡ଼ିକ ସଂଖ୍ୟା ଆକଳନ କରାଯାଇ ପାରିବ ନାହିଁ। କେବେଳ ଆନୁମାନିକ ଭାବେ କହିହେବ। ଉଦାହରଣସ୍ୱରୂପ, ପୃଥିବୀର ଜଙ୍ଗଲମାନଙ୍କରେ ଥିବା ମୂଷା ବା ଠେକୁଆ କଥା ବିଚାରକୁ ନିଆଯାଉ। ଏମାନଙ୍କ ସଂଖ୍ୟା ବା ସମୁଦାୟ ଓଜନ ସଠିକ ଭାବେ ନିର୍ଦ୍ଧାରଣ କରିବା ଆଦୌ ସମ୍ଭବ ନୁହେଁ। ସେହିପରି ବିବିଧ କୀଟ ପତଙ୍ଗଙ୍କ ସଂଖ୍ୟା ଅସୀମ। ଏମାନଙ୍କ ପ୍ରତ୍ୟେକର ଓଜନ ଅତି ନଗଣ୍ୟ। ହେଲେ କମ୍ପ୍ୟୁଟର ଗଣନାରୁ ଜଣାପଡ଼ିଛି ଯେ ଏମାନଙ୍କର ସମୁଦାୟ ଓଜନ ଅନେକ ଜୀବଙ୍କ ତୁଳନାରେ ଖୁବ ବେଶି ହୋଇପାରେ। ସେହିପରି ସାମୁଦ୍ରିକ ଜୀବମାନଙ୍କ ଓଜନ ମଧ୍ୟ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ।

ପୃଥିବୀ ଏକ ବିଶାଳ ମହାକାଶ ପିଣ୍ଡ। ଏହାର ଓଜନ ତୁଳନାରେ ଏଥିରେ ବାସ କରୁଥିବା ଜୀବଜନ୍ତୁ ଓ ଗଛଲତାଙ୍କ ଓଜନ ଅତି ନଗଣ୍ୟ। ସେଥିପାଇଁ ଜୀବଜଗତକୁ ପୃଥିବୀ ଉପରେ ଏକ ଗୁରୁତର ବୋଝ ବା ଭାର ବୋଲି ଗଣନା କରିବା ଠିକ୍ ନୁହେଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୋଦୀଙ୍କ ପାଇଁ ଆଶୀର୍ବାଦର ଦୀପ ଜାଳିବାକୁ ମୋହନଙ୍କ ଆହ୍ୱାନ


ଭୁବନେଶ୍ୱର,୧୪।୯(ସମିସ): ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମ ଦିନ ପାଳନ ହେବ। ଏହି ଜନ୍ମଦିନକୁ ରାଜ୍ୟରେ ପାଳନ କରିବାକୁ ଉଭୟ ବିଜେପି ଓ ରାଜ୍ୟ ସରକାର ଜୋରଦାର ଉଦ୍ୟମ କରୁଛନ୍ତି। ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଆଶୀର୍ବାଦର ଦୀପ ଜାଳିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୫୦ ବର୍ଷର ନିରବଚ୍ଛିନ୍ନ ସେବା-ତପସ୍ୟା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷର ଅଦମ୍ୟ ନେତୃତ୍ୱ ଆଜି ସମଗ୍ର ଭାରତବର୍ଷକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ର ଭାବେ ଗଢ଼ିତୋଳିଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ତାଙ୍କର ୭୬ତମ ଜନ୍ମଦିନ ଅବସରରେ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେଉଛି, ଯେଉଁଥିରେ 'ସେବା ଜ୍ୟୋତି ଯାତ୍ରା', 'ନମୋ ସେବା ଗାଥା', 'ସ୍ୱପ୍ନର ଭାରତ', 'ପରିବର୍ତ୍ତନର କାହାଣୀ', 'ବିକଶିତ ଭାରତ ସଂକଳ୍ପ ଯାତ୍ରା', ବୃକ୍ଷରୋପଣ ଓ ରକ୍ତଦାନ ଶିବିର ପରି ଅନେକ ମହତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସେବା ସଂକଳ୍ପ ଅଭିଯାନ ଅବସରରେ ୧୭ ତାରିଖ ଦିନ ସାରା ଓଡ଼ିଶାରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ତେଣୁ ରାଜ୍ୟବାସୀ ସେଦିନ ସକାଳେ କିମ୍ବା ସନ୍ଧ୍ୟାରେ ନିଜ ଘର, ମନ୍ଦିର କିମ୍ବା କୌଣସି ପ୍ରମୁଖ ସ୍ଥାନରେ ଗୋଟିଏ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରିବା ସହ ନିଜର ଶୁଭେଚ୍ଛା ବାର୍ତ୍ତା ସହ ମୋଦୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରିବା ସହ ସେହି ମୁହୂର୍ତ୍ତର ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ଅପଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

### ଜାତୀୟ ପ୍ରେସ୍ ଦିବସ ପାଳନ ନେଇ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ପ୍ରସ୍ତୁତି କମିଟି ବୈଠକ

## ଚଳିତବର୍ଷ ବରିଷ୍ଠ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ସ୍ମୃତିରେ ପ୍ରଦାନ କରାଯିବ ସ୍ମାରକୀ ସିଲ୍ଡ

ଭୁବନେଶ୍ୱର,୧୪।୯(ସମିସ): ରାଜ୍ୟରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସଂଯୋଗ ସେତୁ ଭାବେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ପରିପ୍ରେକ୍ଷୀରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଦୀର୍ଘ ୧୯ ବର୍ଷ ଧରି ପ୍ରତିବର୍ଷ ନଭେମ୍ବର ମାସ ୧୬ ତାରିଖରେ ଜାତୀୟ ପ୍ରେସ୍ ଦିବସ ପାଳନ କରି ଆସୁଛି। ଚଳିତବର୍ଷ ଏହି ପ୍ରେସ୍ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ବୋର୍ଡର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ସହିତ ରାଜ୍ୟଶାଖା କର୍ମକର୍ତ୍ତାମାନଙ୍କର ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଜାତୀୟ ପ୍ରେସ୍ ଦିବସ ପାଳନ ପୂର୍ବରୁ ସାମ୍ବାଦିକତା ବିଭାଗ ଥିବା ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱର୍ଣ୍ଣପଦକ ବିଜେତାମାନଙ୍କୁ ଦିଆଯାଉଥିବା ସ୍ମାରକୀ ସିଲ୍ଡ ଗୁଡ଼ିକର ସମ୍ମାନ ବୃଦ୍ଧି ଦିଗରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ବରିଷ୍ଠ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ସ୍ମୃତିରେ ସ୍ମାରକୀ ସିଲ୍ଡ ପ୍ରଦାନ କରାଯିବା ସହ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାକୁ ଉତ୍ସବର ୧୫ ଦିନ ପୂର୍ବରୁ ଆୟୋଜନ କରାଯିବାକୁ



ସ୍ଥିର ହୋଇଛି। ଜାତୀୟ ପ୍ରେସ୍ ଦିବସର ମୁଖ୍ୟ ଉତ୍ସବରେ ଓଡ଼ିଶାର ସମ୍ବାଦପତ୍ରର ଜଣେ ପ୍ରଖ୍ୟାତ ସମ୍ପାଦକଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ' ଦିଆଯିବା ସହିତ ରାଷ୍ଟ୍ରୀୟସ୍ତରରେ ବିଭିନ୍ନ ରାଜ୍ୟର ସମ୍ବାଦପତ୍ରର ୭ଜଣ ସମ୍ପାଦକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ' ପ୍ରଦାନ କରାଯିବ। ୬୫ ବର୍ଷ ବୟସ ଏବଂ ତଦୁର୍ଦ୍ଧ୍ୱ ଅନ୍ୟୂନ ଥରେ ରାଜ୍ୟ ସରକାରଙ୍କ ସ୍ୱୀକୃତି ପାଇଥିବା ସାମ୍ବାଦିକମାନଙ୍କୁ ବେସରକାରୀସ୍ତରରେ ସମଗ୍ର ଦେଶରେ କେବଳ ଓଡ଼ିଶାରେ ପେନସନ ଦେବା ବ୍ୟବସ୍ଥାକୁ .ଲୁ ରଖିବାକୁ ବୋର୍ଡ ନିଷ୍ପତ୍ତି ଗ୍ରହଣ କରିଛି। ୭୮୭୬ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ଦିଆଯାଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ନୂଆ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ କରାଯିବା ଓ ଏହାର ପରିମାଣ ୫ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଆଲୋଚନାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଲୋକସେବକ ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ସହ କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର ଏବଂ ରାଜ୍ୟ ଶାଖା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ହୀରାକୁଦର ଆଉ ୨ ଗେଟ୍ ଖୋଲିଲା

ସମ୍ବଲପୁର, ୧୪।୯ (ସମିସ) : ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ଜଳସ୍ତର ୬୨୯ ଫୁଟ୍ ଉପରେ କ୍ରମାଗତ ଭାବେ ଗତ କେଇଦିନ ଧରି ରହୁଥିବାବେଳେ ଆଜି ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ନଦୀବନ୍ଧର ଆଉ ୨ଟି ଗେଟ୍ ଖୋଲା ଯାଇଛି। ସମ୍ପ୍ରତି ନଦୀବନ୍ଧର ୭ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ, ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଏବଂ ସେପ୍ଟେମ୍ବର ୧୧ ତାରିଖରେ ତୃତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୧୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୨.୮୪ ମିମି ବର୍ଷା ରେକର୍ଡ କରାଯାଇଛି। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୮,୭୨୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୧୪,୭୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦,୧୬୦ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୩୬୨୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୪୪,୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧,୨୧,୪୩୮ କ୍ୟୁସେକ୍, ଖଇରମାଳଠାରେ ୨,୬୪,୦୦୦ କ୍ୟୁସେକ୍, ବାରମୁଲଠାରେ ୨,୧୧,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୪୪,୩୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଦେଶ ବିଦେଶ

### ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧର ଆଶଙ୍କା

## ହୁତିଙ୍କ ଅଗ୍ରଗତିରେ ଚାପରେ ସାଉଦି

ସାନିଆ, ୧୪।୯(ଏଜେନ୍ସି): ପଶ୍ଚିମ ଏସିଆରେ ପୁଣିଥରେ ଯୁଦ୍ଧର ଆଶଙ୍କା ଘନୀଭୂତ ହୋଇଛି। ୟେମେନରେ ହୁତି ବିଦ୍ରୋହୀଙ୍କ ସାମରିକ ଅଗ୍ରଗତି ଏବଂ ସାଉଦି ସମର୍ଥିତ ସରକାରୀ ଅଞ୍ଚଳ ଉପରେ ବଢ଼ୁଥିବା ଚାପ ଅଞ୍ଚଳୀୟ ଉତ୍ତେଜନାକୁ ଆହୁରି ବଢ଼ାଇଛି। ବିଶେଷକରି ତୈଳ ଓ ଗ୍ୟାସ ସମୃଦ୍ଧ ମାରିବ୍ ଏବଂ ତାଇଜ୍ ଦିଗରେ ହୁତିଙ୍କ ଅଗ୍ରସରତା ସାଉଦି ଆରବକୁ କଠିନ ସାମରିକ ଓ କୂଟନୈତିକ ପରିସ୍ଥିତିରେ ପକାଇଛି। ୨୦୧୫ରୁ ଚାଲିଥିବା ୟେମେନ ସଂଘର୍ଷରେ ମାରିବ୍ ସରକାରୀ ବାହିନୀର ଏକ ପ୍ରମୁଖ ଘାଟି ଭାବେ ରହିଛି। ଏଠାରେ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି, ତୈଳ ଓ ଗ୍ୟାସ କ୍ଷେତ୍ର, ବିଦ୍ୟୁତ୍ କେନ୍ଦ୍ର ରହିଥିବା ସହ ପ୍ରାୟ ୨୦ ଲକ୍ଷ ବିସ୍ଥାପିତ ଲୋକ ଆଶ୍ରୟ ନେଇଛନ୍ତି। ତେଣୁ ମାରିବ୍ ଉପରେ ନିୟନ୍ତ୍ରଣ ୟେମେନର ଭବିଷ୍ୟତ ସାମରିକ ସମୀକରଣ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହୁତି ବିଦ୍ରୋହୀମାନେ ମାରିବ୍ ଚାରିପାଖରେ ବାହିନୀ ଓ ସାମରିକ ଉପକରଣ ଠୁଳ କରୁଥିବା ଖବର ମିଳିଛି। ଏହାକୁ ନୂଆ ଆକ୍ରମଣ ପାଇଁ ପ୍ରସ୍ତୁତି ବୋଲି ଆଶଙ୍କା କରାଯାଉଛି। ୟେମେନର ସରକାରୀ ବାହିନୀ ତେବେ ହୁତିଙ୍କ ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାକୁ ପ୍ରସ୍ତୁତ ଥିବା କହିଛି। ୟେମେନ ସେନାର ସାମରିକ ଗଣମାଧ୍ୟମ ନିର୍ଦ୍ଦେଶକ ବ୍ରିଗେଡ଼ିୟର ୟାହ୍ୟା ଅଲ୍-ହାତେମି କହିଛନ୍ତି, ଦୀର୍ଘ ଦଶନ୍ଧିର ସଂଘର୍ଷ ମଧ୍ୟରେ ସରକାରୀ ବାହିନୀ ଯୁଦ୍ଧର ଅନୁଭବ ହାସଲ କରିଛି। ସେନା ଏବେ ଅଧିକ ସଂଗଠିତ, ଶକ୍ତିଶାଳୀ ଓ ପ୍ରଭାବଶାଳୀ ହୋଇଥିବାରୁ ହୁତିଙ୍କ ଆକ୍ରମଣକୁ ରୋକିବାରେ ସକ୍ଷମ ବୋଲି ସେ ଦାବି କରିଛନ୍ତି। ହୁତିଙ୍କ ଅଗ୍ରଗତି କେବଳ ମାରିବ୍‌ରେ ସୀମିତ ନାହିଁ। ୟେମେନର ପଶ୍ଚିମ ଉପକୂଳରେ ମଧ୍ୟ ସେମାନଙ୍କ ଗତିବିଧି ବଢ଼ିଛି। ହୁତିଙ୍କ ଅଗ୍ରଗତି ସାଉଦି ଆରବ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଉଠିଛି। ୟେମେନରେ ନିଜ ସମର୍ଥିତ ସରକାରୀ ବାହିନୀ ଉପରେ ଚାପ ବଢ଼ିବା ସହ ହୁତିଙ୍କ ଦ୍ୱାରା ସାଉଦି ଅଞ୍ଚଳକୁ ଆକ୍ରମଣର ଆଶଙ୍କା ମଧ୍ୟ ରହିଛି। ୟେମେନରେ ହୁତିଙ୍କ ନୂଆ ଅଗ୍ରଗତି, ସାଉଦି ଆରବ ଉପରେ ବଢ଼ୁଥିବା ଚାପ ଏବଂ ଇରାନ-ଆମେରିକା ମଧ୍ୟରେ ତୀବ୍ର ହେଉଥିବା ମୁକାବିଲା ଏବେ ପରସ୍ପର ସହ ଜଡ଼ିତ ହୋଇପଡ଼ିଛି। ହୁତିମାନେ ଆହୁରି ଆଗକୁ ବଢ଼ିଲେ କିମ୍ବା ସାଉଦି ଓ ଆମେରିକୀୟ ସ୍ୱାର୍ଥକୁ ଲକ୍ଷ୍ୟ କରି ବଡ଼ ଆକ୍ରମଣ କଲେ, ଏହି ସଂଘର୍ଷ ପଶ୍ଚିମ ଏସିଆର ଅନ୍ୟ ଅଞ୍ଚଳକୁ ମଧ୍ୟ ବ୍ୟାପିବାର ଆଶଙ୍କା ରହିଛି। ଏହି କାରଣରୁ ଲୋହିତ ସାଗରଠାରୁ ହର୍ମୁଜ୍ ପ୍ରଣାଳୀ ପର୍ଯ୍ୟନ୍ତ ବିଶ୍ୱ ବାଣିଜ୍ୟ ଓ ତୈଳ ଯୋଗାଣ ଉପରେ ଏହାର ପ୍ରଭାବ ନେଇ ଚିନ୍ତା ବଢ଼ିଛି।

**ମାରିବ୍‌କୁ ଟାର୍ଗେଟ୍ କରୁଛି ହୁତି**

## ମଣିପୁରରେ କୁକି ବସତି ଉପରେ ୨ ଆକ୍ରମଣ; ୪ ମୃତ

ଇମ୍ଫାଲ୍, ୧୪।୯(ଏଜେନ୍ସି): ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲାର ଦୁଇଟି କୁକି ବସତିରେ ରବିବାର ଅଜଣା ସଶସ୍ତ୍ର ବ୍ୟକ୍ତିଙ୍କ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ଅନ୍ୟ କିଛି ଲୋକ ଆହତ ହୋଇଛନ୍ତି। ଲଙ୍ଗପି ଗାଁରେ ଅପରାହ୍ନ ପ୍ରାୟ ୩ଟାରେ ଆକ୍ରମଣ ହୋଇ ଜୁଲି ସିଙ୍ଗସନ୍ ଓ ଥାଙ୍ଗଭେଲ୍ ଗାଙ୍ଗଟେଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ନିଖୋଜ ଅଛନ୍ତି। ଅନ୍ୟ ଏକ ଘଟଣାରେ ଟୋଲେନ୍ ଗାଁରେ ଜଣେ ଦମ୍ପତିଙ୍କ ମୃତ୍ୟୁ ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ସେପ୍ଟେମ୍ବର ୧୩ 'ବ୍ଲାକ୍ ଡେ' ଦିନ ଏହି ଘଟଣା ଘଟିଥିବାରୁ ଏହାକୁ ନେଇ ଚିନ୍ତା ବଢ଼ିଛି। କୁକି ସମ୍ପ୍ରଦାୟ ୧୯୯୦ ଦଶକର କୁକି-ନାଗା ସଂଘର୍ଷରେ ମୃତକଙ୍କ ସ୍ମୃତିରେ ଏହି ଦିନ ପାଳନ କରେ। ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

### ଏଲ୍ଏସିରେ ଚୀନ୍ ହ୍ରାସ କରିଛି ସେନା ମୁତୟନ

## ୨୦୨୫ରେ ୧୨ ପାକିସ୍ତାନୀ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଦେଶର ଉତ୍ତର ସୀମାରେ ୨୦୨୫ରେ ଚୀନ୍‌ର ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍ଏ) ନିଜ ସେନା ମୁତୟନ କିଛି ମାତ୍ରାରେ କମାଇଥିବା ବେଳେ ଏଲ୍ଏସିର ସମସ୍ତ କ୍ଷେତ୍ରରେ ଭାରତୀୟ ସେନାର ମୁତୟନ ଦୃଢ଼ ରହିଛି। ୨୦୨୫-୨୬ର ପ୍ରତିରକ୍ଷା ମନ୍ତ୍ରଣାଳୟ ରିପୋର୍ଟରେ ଭାରତୀୟ ସେନା ଯେକୌଣସି ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି କୁହାଯାଇଛି। ଭାରତ-ଚୀନ୍ ମଧ୍ୟରେ ରାଜନୈତିକ, କୂଟନୈତିକ ଓ ସାମରିକ ସ୍ତରରେ ଆଲୋଚନା ବଢ଼ିବାରୁ ଉତ୍ତର ସୀମାରେ ସ୍ଥିରତା ଆସିଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୫ରେ ଦୁଇ ଦେଶ ମଧ୍ୟରେ ଆଲୋଚନା ପୁଣି ଗତିଶୀଳ ହୋଇଥିଲା। ମାର୍ଚ୍ଚ ଓ ଜୁଲାଇରେ ସୀମା ପ୍ରସଙ୍ଗରେ ପରାମର୍ଶ ଓ ସମନ୍ୱୟ ପାଇଁ କାର୍ଯ୍ୟ ପ୍ରଣାଳୀର ୨୩ତମ ଓ ୨୪ତମ ବୈଠକ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଜମ୍ମୁ-କାଶ୍ମୀରର ସୁରକ୍ଷା ପରିସ୍ଥିତିରେ ମଧ୍ୟ ସୁଧାର ହୋଇଛି। ହିଂସା ଓ ବିକ୍ଷୋଭ ଘଟଣା ହ୍ରାସ ପାଇଥିବା ବେଳେ ପଥରମାଡ଼ ଘଟଣା ଶୂନକୁ ହ୍ରାସ ପାଇଛି। ୨୦୨୫ରେ ମାତ୍ର ଜଣେ ସ୍ଥାନୀୟ ଯୁବକ ଆତଙ୍କବାଦୀ ସଂଗଠନରେ ଯୋଗ ଦେଇଥିବା ସେନା ରିପୋର୍ଟରେ କହିଛି। ସରକାର ଓ ସେନାର ବିକାଶମୂଳକ କାର୍ଯ୍ୟକ୍ରମରେ ଜମ୍ମୁ-କାଶ୍ମୀରବାସୀଙ୍କ ସକ୍ରିୟ ଅଂଶଗ୍ରହଣ ବଢ଼ିଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ୨୦୨୫ରେ ନିୟନ୍ତ୍ରଣରେଖା (ଏଲ୍ଓସି) ଦେଇ ଆତଙ୍କବାଦୀମାନେ ୬ ଥର ଅନୁପ୍ରବେଶ ଉଦ୍ୟମ କରିଥିଲେ। ଏହି ସମୟରେ ୧୨ ଜଣ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଥିବା ସେନା ରିପୋର୍ଟରେ କୁହାଯାଇଛି। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏଲ୍ଓସି ଦେଇ ଅନୁପ୍ରବେଶ ଉଦ୍ୟମ ହ୍ରାସ ପାଇଛି। ତେବେ ଆତଙ୍କବାଦୀମାନେ ଜମ୍ମୁ-କାଶ୍ମୀରର ଅନ୍ତର୍ଜାତୀୟ ସୀମାକୁ ଅନ୍ୟ ଏକ ମାର୍ଗ ଭାବେ ବ୍ୟବହାର କରିବା ଉଦ୍ୟମ ବଢ଼ାଇଥିବା ରିପୋର୍ଟରେ କୁହାଯାଇଛି। ନିଶାଦ୍ରବ୍ୟ ଓ ଯୁଦ୍ଧ ସାମଗ୍ରୀ ଚୋରାଚାଲାଣ ପାଇଁ ମଧ୍ୟ ଏହି ମାର୍ଗ ବ୍ୟବହାର ହେଉଥିବା ଉଲ୍ଲେଖ ରହିଛି। 'ଅପରେସନ ସିନ୍ଦୂର' ପରେ ଜମ୍ମୁ-କାଶ୍ମୀର ଓ ଏଲ୍ଓସିର ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିଥିବା ରିପୋର୍ଟରେ କୁହାଯାଇଛି। ମେ' ୧୦ ଓ ୧୨ ତାରିଖରେ ଭାରତ ଓ ପାକିସ୍ତାନର ଡିଜିଏମ୍ଓ ସ୍ତରରେ ଆଲୋଚନା ହୋଇଥିଲା। ଏହା ପରେ ସୀମାରେ ପରିସ୍ଥିତି ଯଥେଷ୍ଟ ସ୍ଥିର ହୋଇଥିଲେ ମଧ୍ୟ ଅନିଶ୍ଚିତତା ଏବେ ବି ରହିଛି। 'ଅପରେସନ ସିନ୍ଦୂର' ପରେ ସେନା ନିଜ ସାମରିକ କ୍ଷମତାର ଦୁର୍ବଳତାଗୁଡ଼ିକର ସମୀକ୍ଷା ମଧ୍ୟ କରିଛି। ସେନାର ପୁନର୍ଗଠନ, ତିନି ସେନା ମଧ୍ୟରେ ଅଧିକ ସମନ୍ୱୟ ଏବଂ ନୂଆ ପ୍ରଯୁକ୍ତିର ବ୍ୟବହାର ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି।

**'ଅପରେସନ ସିନ୍ଦୂର' ପରେ ଏଲ୍ଓସିରେ ଆସିଛି ସ୍ଥିରତା**

## ପାର୍କିଂ ବିବାଦ: କାର୍ଗିଲ ଯୁଦ୍ଧ ବୀରଙ୍କୁ ଲୁହା ରଡ୍‌ରେ ଆକ୍ରମଣ

ଗୁରୁଗ୍ରାମ, ୧୪।୯(ଏଜେନ୍ସି): ଗୁରୁଗ୍ରାମରେ ପାର୍କିଂକୁ ନେଇ ବିବାଦରୁ ଅବସରପ୍ରାପ୍ତ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଅମିତ କୁମାର ଗୁପ୍ତାଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିବା ସହ କହୁଣୀର ହାଡ଼ ଭାଙ୍ଗିଛି। ଗୁପ୍ତା ୧୯୯୯ କାର୍ଗିଲ ଯୁଦ୍ଧ ସମୟର 'ଅପରେସନ୍ ସଫେଦ ସାଗର'ରେ ସାମିଲ ଥିଲେ। ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୧୦ ରାତିରେ ପରିବାର ସହ ଗୁରୁଗ୍ରାମର ମ୍ୟାଗ୍ନମ୍ ଗ୍ଲୋବାଲ ପାର୍କର ଏକ ରେଷ୍ଟୋରାଁକୁ ଖାଇବାକୁ ଯାଇଥିଲେ। ଗାଡ଼ି ପାର୍କ କରିବା ସମୟରେ ପାର୍କିଂ କର୍ମଚାରୀ ତାଙ୍କୁ ଭ୍ୟାଲେଟ୍, ବେସମେଣ୍ଟ ଓ ମଲ୍ଟି-ଲେଭେଲ ପାର୍କିଂକୁ ବାରମ୍ବାର ପଠାଇଥିବା ସେ ଅଭିଯୋଗ କରିଛନ୍ତି। ପରେ ଗାଡ଼ି ପଛକୁ ନେବା ସମୟରେ ବିବାଦ ହୋଇଥିଲା। ଜଣେ ପାର୍କିଂ କର୍ମଚାରୀ ଗାଡ଼ିର କାଚ ଭାଙ୍ଗିବାକୁ ଉଦ୍ୟମ କରିଥିବା ଗୁପ୍ତା ଅଭିଯୋଗ କରିଛନ୍ତି।

### ସୋସିଆଲ ମିଡିଆରେ ଭାଇରାଲ ହେଲା ମହିଳା ବାଇକର୍‌ଙ୍କୁ କାର୍ ଧକ୍କା

## ରାସ୍ତାରେ ଅନେକଥର ଗଡ଼ିଲେ; ନିଜେ ବାଇକ୍ ଚଳାଇ ଘରେ ପହଞ୍ଚିଲେ



ଗୁରୁଗ୍ରାମ,୧୪।୯(ଏଜେନ୍ସି): ଗୁରୁଗ୍ରାମରେ ଜଣେ ମହିଳା ବାଇକର୍‌ଙ୍କୁ ଏକ ଧଳା ରଙ୍ଗର ସେଡାନ୍ କାର୍ ଦ୍ରୁତ ଗତିରେ ପାର୍ଶ୍ୱରୁ ଧକ୍କା ଦେଇଥିବା ଘଟଣାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। 'ରେବେଲ୍ ହ୍ୱିଲ୍ସ ସିଆ' ନାମରେ ପରିଚିତ ଏହି ମହିଳା ବାଇକର୍ ଦୁର୍ଘଟଣା ପରେ ଗୁରୁତର ଆହତ ହୋଇନଥିବା ବେଳେ ନିଜେ ବାଇକ୍ ଚଳାଇ ଘରକୁ ଫେରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ସିଆ ଏକ ଦଳ ବାଇକର୍‌ଙ୍କ ସହ ଯାଉଥିବା ବେଳେ ଏକ ଧଳା କାର୍ ତାଙ୍କୁ ଅନୁସରଣ କରୁଥିଲା। କିଛି ସମୟ ପରେ ସେ କାର୍ ଚାଳକଙ୍କୁ ଦୁଇ ଗାଡ଼ି ମଧ୍ୟରେ ଯଥେଷ୍ଟ ଦୂରତା ରଖିବାକୁ କହିଥିଲେ। ଏହାର କିଛି ସେକେଣ୍ଡ ପରେ କାର୍‌ଟି ଡାହାଣ ପାର୍ଶ୍ୱର ଲେନ୍‌ରୁ ବାମପଟକୁ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ପରେ ସିଆ ରାସ୍ତା ଉପରେ ପଡ଼ି ଅନେକ ଥର ଗଡ଼ିଥିଲେ। ତାଙ୍କ ବାଇକ୍ ରାସ୍ତାରେ ଘୋଷାଡ଼ି ହେବା ବେଳେ ସେଥିରୁ ସ୍ପାର୍କ ବାହାରୁଥିବା ଦୃଶ୍ୟ ତାଙ୍କ ବାଇକ୍‌ରେ ଲାଗିଥିବା କ୍ୟାମେରାରେ କଏଦ ହୋଇଛି। ସୋସିଆଲ୍ ମିଡିଆରେ ଭିଡିଓକୁ ଦେଖି ଅନେକେ ଏହାକୁ ଜାଣିଶୁଣି ଧକ୍କା ଦେବା ଭଳି ଘଟଣା ବୋଲି ମତ ଦେଇଛନ୍ତି। ତେବେ ଏହା ଉଦ୍ଦେଶ୍ୟମୂଳକ ଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ପରିବାର ଅନୁସାରେ, ଦୁର୍ଘଟଣା ପରେ ସିଆ ପ୍ରଥମେ ନିଜ ଶରୀରରେ ଆଘାତ ଲାଗିଛି କି ନାହିଁ ଯାଞ୍ଚ କରିଥିଲେ। ତାଙ୍କ ସୁରକ୍ଷା ସାମଗ୍ରୀ ଯୋଗୁଁ ଆଘାତ ଗୁରୁତର ହୋଇନଥିଲା। କେବଳ ହାତ ଓ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଛି। ଦୁର୍ଘଟଣା ସମୟରେ ପଛରେ କୌଣସି ଭାରୀ ଯାନ ନ ଥିବାରୁ ବଡ଼ ବିପଦ ଟଳିଥିବା ତାଙ୍କ ସାଙ୍ଗମାନେ କହିଛନ୍ତି। ଘଟଣାରେ ଧଳା ସେଡାନ୍ ଚଳାଉଥିବା କଲ୍ୟାଣ ବୈନ୍ସଲାଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରାଯାଇଛି। ଘଟଣା ପରେ ସେ ନିଜ ସୋସିଆଲ୍ ମିଡିଆ ଖାତା ନିଷ୍କ୍ରିୟ କରିଦେଇଥିବା ଜଣାପଡ଼ିଛି। ତାଙ୍କୁ ଧରିବା ପାଇଁ ପୁଲିସ ୩ଟି ଟିମ୍ ଗଠନ କରିଛି। କାର୍‌ର ମାଲିକ ହରିୟାଣାର ପାଲୱାଲ୍ ବାସିନ୍ଦା ମନୀଷ ବୋଲି ପୁଲିସ ସୂଚନାରୁ ଜଣାପଡ଼ିଛି। ତାଙ୍କ କହିବା ଅନୁସାରେ, ତାଙ୍କ ବନ୍ଧୁ ରବିବାର କାର୍‌ଟି ନେଇ ଯାଇଥିଲେ ଏବଂ ଭିଡିଓ ଭାଇରାଲ୍ ହେବା ପରେ ସେ ଘଟଣା ସମ୍ପର୍କରେ ଜାଣିଥିଲେ।


**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 5571, dated 09.09.2026, I am Prafulla Kumar Das, S/o- Srimanta Das, At-Bagrukhi,Po -Baitpur, PS-Bhograi District-Balsore, Odisha, pin-756035 declare that, I have changed my minor daughter name from Manalisa Das to Monalisa Das.Henceforth, she shall be known as **Monalisa Das** for all purpose.

**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 2403, dated 01.09.2026, I Saharuk Beg S/o Taraf Beg, At-Purusottampur, Po-Kakhada PS- Bhograi District-Balsore, Odisha, pin-756039 declare that, I have changed my name from Saruba Beg to Saharuk Beg .Henceforth, I shall be known as **Saharuk Beg** for all purposes.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାତୀୟ ହାରଠୁ...

୪.୩୧ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ମୁଦ୍ରାସ୍ଫୀତିକୁ ମାପୁଥିବା କଞ୍ଜ୍ୟୁମର ଫୁଡ୍ ପ୍ରାଇସ୍ ଇଣ୍ଡେକ୍ସ (ସିଏଫ୍‌ପିଆଇ) ଜୁଲାଇରେ ୫.୫୨ ପ୍ରତିଶତ ଥିବାବେଳେ ଅଗଷ୍ଟରେ ୫.୯୫ ପ୍ରତିଶତକୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୧୩ ପ୍ରତିଶତ ଏବଂ ସହରାଞ୍ଚଳରେ ୫.୬୪ ପ୍ରତିଶତ ରହିଛି।

ଅଗଷ୍ଟରେ ଅଲ୍ ଇଣ୍ଡିଆ କଞ୍ଜ୍ୟୁମର ପ୍ରାଇସ୍ (ସିପିଆଇ) ୧୦୭.୯୫ରୁ ବଢ଼ି ୧୦୮.୬୪ରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ୧୦୮.୩୪ରୁ ୧୦୯.୨୭କୁ ଏବଂ ସହରାଞ୍ଚଳର ୧୦୭.୪୫ରୁ ୧୦୮.୦୭କୁ ବୃଦ୍ଧି ପାଇଛି। ଅଦା, ପିଆଜ, ରଶୁଣ ଆଦିର ମୂଲ୍ୟ ୪୩ ପ୍ରତିଶତରୁ ୭୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ସମୟରେ ସୁନା, ହୀରା ଓ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ପାଖାପାଖି ୩୫% ଯାଏ ବଢ଼ିଛି। ଅନ୍ୟପକ୍ଷରେ ପ୍ରସାଧାନ, ଔଷଧ ଆଦିରେ ୧୫.୧୭% ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ରେଷ୍ଟୋରାଁ ଓ ହୋଟେଲ ସେବାରେ ଏହା ୮.୩୮ ପ୍ରତିଶତ, ଖାଦ୍ୟ ଓ ପାନୀୟରେ ୫.୬୬ ପ୍ରତିଶତ ଏବଂ ପରିବହନ କ୍ଷେତ୍ରରେ ୪.୬୦ ପ୍ରତିଶତ ରହିଛି। ଶିକ୍ଷା ସେବାରେ ୩.୭୩ ପ୍ରତିଶତ, ପୋଷାକ ଓ ଜୋତାରେ ୩.୫୬ ପ୍ରତିଶତ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ୧.୩୪ ପ୍ରତିଶତ ମୁଦ୍ରାସ୍ଫୀତି ରହିଛି।

## ଅର୍ଥନୈତିକ ଅବରୋଧ...

କରାଯାଇଛି ଓ କେଉଁ ଅଦୃଶ୍ୟ କାରଣରୁ କେନ୍ଦ୍ର ସରକାର ପୁଞ୍ଜିପତି, ଖଣି ମାଲିକଙ୍କୁ ବକେୟା ଅର୍ଥରାଶି ଛାଡ଼ିଦେଲେ ତାହା ଜାଣିବାର ଅଧିକାର ରାଜ୍ୟବାସୀଙ୍କର ରହିଛି ବୋଲି ଡ଼. ସାହୁ କହିଛନ୍ତି ।ଦିଆଗଲା ବୋଲି ଡଃ ସାହୁ ଅଭିଯୋଗ କରିଛନ୍ତି।

ଏହି ଆଇନ୍ ସଂଶୋଧନ ଦ୍ୱାରା ଖଣି ମାଲିକ ମାନେ ଲାଭବାନ ହେଲେ। ଖଣି ଓ ଖଣିଜ ସମ୍ପଦ ପରିପୂର୍ଣ୍ଣ ଜମିର ଅଧିକାର ରାଜ୍ୟଠାରୁ କେନ୍ଦ୍ର ସରକାର ଛଡ଼ାଇନେଲେ। ଏହା ପରେ ବି ରାଜ୍ୟ ବିଜେପି ସରକାରଙ୍କ ସ୍ୱାଭିମାନ ଜାଗ୍ରତ ହେଉନାହିଁ। ରାଜ୍ୟ ସ୍ୱାବଲମ୍ବୀ ହେବା ପାଇଁ ପ୍ରକୃତି ଦେଇଥିବା ସମ୍ବଳ ଆଉ ଆମ ହାତରେ ରହିବ ନାହିଁ। ତେଣୁ ଏମଏମଡିଆର ଆଇନ ସଂଶୋଧନକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡି ଦାବି କରୁଛି। ଏହାକୁ ପ୍ରତ୍ୟାହାର ନ କଲେ ବିଜେଡି ରାଜ୍ୟରେ ଅର୍ଥନୈତିକ ଅବରୋଧ କରିବ ବୋଲି ଡ଼. ସାହୁ କହିଛନ୍ତି ।

## ପୌର ନିର୍ବାଚନ...

ସେପ୍ଟେମ୍ବର ୧୯ରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ଉପରେ ସେପ୍ଟେମ୍ବର ୨୮ ଯାଏଁ ଲୋକଙ୍କଠାରୁ ଆପତ୍ତି ଓ ପ୍ରସ୍ତାବ ଗ୍ରହଣ କରାଯିବ। ଏହାପରେ ଅକ୍ଟୋବର ୧ ରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣର ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରାଥମିକ ବିଜ୍ଞପ୍ତି ବିରୋଧରେ ଅପିଲ କରିବା ପାଇଁ ଅକ୍ଟୋବର ୧୫ ଶେଷ ତାରିଖ ରଖାଯାଇଛି। ଜିଲ୍ଲାପାଳମାନେ ଗ୍ରହଣ କରିଥିବା ଅପିଲଗୁଡ଼ିକୁ ନିଜସ୍ୱ ମତାମତ ସହ ସ୍ୱତନ୍ତ୍ର ଭାବେ ଅକ୍ଟୋବର ୧୬ ସୁଦ୍ଧା ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ସରକାରୀ ସୂଚୀ ଅନୁଯାୟୀ ଅକ୍ଟୋବର ୨୩ରୁ ୨୮ ମଧ୍ୟରେ ଅପିଲର ଶୁଣାଣି ଓ ନିଷ୍ପତ୍ତି ପ୍ରକ୍ରିୟା ଜାରି ରହିବ। ଏହାପରେ ଆବଶ୍ୟକ ପରିବର୍ତ୍ତନ କରି ଅକ୍ଟୋବର ୩୧ରେ ଚୂଡ଼ାନ୍ତ ୱାର୍ଡ ପୁନର୍ଗଠନ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଧାର୍ଯ୍ୟ ହୋଇଛି। ବିଭାଗ ପକ୍ଷରୁ କୁହାଯାଇଛି, ଆଗାମୀ ସାଧାରଣ ପୌର ନିର୍ବାଚନ ପାଇଁ ବିଭିନ୍ନ ଜିଲ୍ଲାର ୧୦୭ଟି ପୌରସଂସ୍ଥାର ତାଲିକା ରହିଛି। ଏଥିରେ ମ୍ୟୁନିସିପାଲିଟି ଓ ଏନ୍ଏସି ସହିତ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ମଧ୍ୟ ସାମିଲ ଅଛି। ଭୁବନେଶ୍ୱର, ବ୍ରହ୍ମପୁରରେ ନୂତନ ୱାର୍ଡ ବିନ୍ୟାସ ସାଙ୍ଗକୁ ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ନୂଆ ଗ୍ରାମାଞ୍ଚଳ ସାମିଲ ହୋଇଥିବାରୁ ଏହି ଦୁଇ ମହାନଗର ନିଗମର ୱାର୍ଡ ପୁନର୍ଗଠନ ଓ ସୀମା ନିର୍ଦ୍ଧାରଣ ଆବଶ୍ୟକ ହୋଇଛି। ଏହି ପ୍ରକ୍ରିୟା ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆଇନ, ୨୦୦୩ ଅନୁସାରେ କରାଯିବ। ସେହିପରି ସମ୍ବଲପୁର ମହାନଗର ନିଗମର ୱାର୍ଡ ସୀମା ନିର୍ଦ୍ଧାରଣ ସମ୍ପର୍କିତ ମାମଲା ହାଇକୋର୍ଟରେ ଖାରଜ ହୋଇଥିବା ବେଳେ ରାଉରକେଲା ମହାନଗର ନିଗମର ୩ ଟି ୱାର୍ଡ ସମ୍ପର୍କିତ ମାମଲା ବିଚାରାଧୀନ ଥିବା ନିର୍ବାଚନ କମିଶନଙ୍କ ଚିଠିରେ ଉଲ୍ଲେଖ ରହିଛି।

### ବନ୍ୟା ପରେ ନେପାଳକୁ ଦୈନିକ ୬୫୪ ମେଗାୱାଟ୍ ବିଦ୍ୟୁତ୍ ଦେବ ଭାରତ

## ୨୮ ଲକ୍ଷ ଘରର ଆବଶ୍ୟକତା ମେଣ୍ଟାଇବ

ନୂଆଦିଲ୍ଲୀ/କାଠମାଣ୍ଡୁ, ୧୪।୯(ଏଜେନ୍ସି): ସାମ୍ପ୍ରତିକ ବନ୍ୟାରେ ନେପାଳର ଜଳବିଦ୍ୟୁତ୍ ଭିତ୍ତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହେବା ପରେ ଭାରତ ସହାୟତାର ହାତ ବଢ଼ାଇଛି। ଭାରତୀୟ ବିଦ୍ୟୁତ୍ ମନ୍ତ୍ରଣାଳୟ ନେପାଳକୁ ପ୍ରତିଦିନ ୬୫୪ ମେଗାୱାଟ୍ ବିଦ୍ୟୁତ୍ ଯୋଗାଣକୁ ଅନୁମୋଦନ କରିଛି। ଡିସେମ୍ବର ୩୧, ୨୦୨୬ ପର୍ଯ୍ୟନ୍ତ ଦୈନିକ ୧୮ ଘଣ୍ଟା—ମଧ୍ୟରାତ୍ରିରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ—ଏହି ବିଦ୍ୟୁତ୍ ଯୋଗାଣ ହେବ। ଏତେ ପରିମାଣର ବିଦ୍ୟୁତ୍ ନିରବଚ୍ଛିନ୍ନ ଭାବେ ମିଳିଲେ ପ୍ରାୟ ୨୮ ଲକ୍ଷ ପରିବାରର ବାର୍ଷିକ ବିଦ୍ୟୁତ୍ ଆବଶ୍ୟକତା ପୂରଣ ହୋଇପାରିବ। ଅଗଷ୍ଟ ୨୬ର ବନ୍ୟାରେ ନେପାଳର ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରଭାବିତ ହେବାରୁ ଦେଶର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ହ୍ରାସ ପାଇଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୩-୨୪ରେ ଭାରତ ନେପାଳକୁ ପ୍ରାୟ ୧୮ କୋଟି ୟୁନିଟ୍ ବିଦ୍ୟୁତ୍ ଯୋଗାଇଥିଲା। ଏହାର ହାରାହାରି କ୍ଷମତା ପ୍ରାୟ ୨୦୬ ମେଗାୱାଟ୍ ଥିଲା। ଶୀତ ଋତୁରେ ନେପାଳ ଭାରତରୁ ବିଦ୍ୟୁତ୍ ଆମଦାନି କରୁଥିବାବେଳେ ବର୍ଷା ଋତୁରେ ନିଜ ଅତିରିକ୍ତ ବିଦ୍ୟୁତ୍ ଭାରତକୁ ବିକ୍ରି କରିଥାଏ। ବନ୍ୟା ଯୋଗୁଁ ନେପାଳର ଭୋଟେକୋଶୀ ନଦୀ ଅଞ୍ଚଳର ଶକ୍ତି କ୍ଷେତ୍ରରେ ପ୍ରାୟ ୯୯୭ ନିୟୁତ ଡଲାରର କ୍ଷତି ହୋଇଛି। ଏହା ଫଳରେ ବାର୍ଷିକ ପ୍ରାୟ ୨, ୫୨୦ ଗିଗାୱାଟ୍ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବାର ଆକଳନ କରାଯାଇଛି। ନେପାଳର ଜାତୀୟ ବିପର୍ଯ୍ୟୟ ଝୁମ୍ପ ହ୍ରାସ ଓ ପରିଚାଳନା ପ୍ରାଧିକରଣ ଅନୁସାରେ, ବନ୍ୟାରେ ମୋଟ କ୍ଷୟକ୍ଷତି ପ୍ରାୟ ୨.୭ ବିଲିୟନ୍ ଡଲାର ରହିଛି। ଭିତ୍ତିଭୂମି କ୍ଷେତ୍ରରେ ସର୍ବାଧିକ କ୍ଷତି ହୋଇଥିବା ବେଳେ ପ୍ରାୟ ୬୯ କିଲୋମିଟର ରାସ୍ତା ନଷ୍ଟ ହୋଇଛି।

## ମହାରାଷ୍ଟ୍ରରେ ଶୀତକାଳୀନ ଅଧିବେଶନରେ ଆସିପାରେ ୟୁସିସି ବିଲ୍: ଫଡନାଭିସ୍

ମୁମ୍ବାଇ, ୧୪।୯(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭାର ଆଗାମୀ ଶୀତକାଳୀନ ଅଧିବେଶନରେ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ଆଗତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛି। ସୋମବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏହା କହିଛନ୍ତି। ୟୁସିସି ପାଇଁ ଗଠିତ ୭ ଜଣିଆ କମିଟି ରିପୋର୍ଟ ଦେବା ପରେ ସରକାର ଆଗକୁ ବଢ଼ିବ ବୋଲି ଫଡନାଭିସ୍ କହିଛନ୍ତି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିକୁ ଜୁଲାଇରେ ୬ ମାସ ମଧ୍ୟରେ ସୁପାରିସ ଦେବାକୁ ସମୟ ଦିଆଯାଇଛି। ଫଡନାଭିସ୍ କହିଛନ୍ତି, କମିଟି ଏବେ ୟୁସିସିର ରୂପରେଖା ପ୍ରସ୍ତୁତ କରୁଛି। ରିପୋର୍ଟ ମିଳିବା ପରେ ଏହାର ଆଧାରରେ ବିଧାନସଭାରେ ବିଲ୍ ଆଗତ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନିକଟରେ କହିଥିଲେ ଯେ ୨୦୨୯ ପୂର୍ବରୁ ବିଜେପି-ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଥିବା ୨୧ଟି ରାଜ୍ୟରେ ୟୁସିସି ଲାଗୁ କରାଯିବ।


**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଡୁଙ୍ଗୁରିପାଲି**

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ "ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀ ଓ ଜନସାଧରଣଙ୍କୁ ଶୁଭେଚ୍ଛା ମାଁ ସୁରେଶ୍ୱରୀ ସମସ୍ତଙ୍କୁ ଆଶୀର୍ବାଦ ଦେଇ ସୁଖ ଓ ସମୃଦ୍ଧି କରନ୍ତୁ ଏହାହିଁ ପ୍ରାର୍ଥନା ।

| ସମ୍ପାଦକ<br>ନିୟନ୍ତ୍ରିତ ବଜାର କମିଟି<br>ଡୁଙ୍ଗୁରିପାଲି | ଅଧ୍ୟକ୍ଷ<br>ନିୟନ୍ତ୍ରିତ ବଜାର କମିଟି<br>ଡୁଙ୍ଗୁରିପାଲି |
|---|---|


**ନୁଆଖାଇ ଜୁହାର**

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୁଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ

# ଗଜାନନଙ୍କ ଆଗମନରେ ଝଲସୁଛି ଗଞ୍ଜାମ

ଛତ୍ରପୁର, ୧୪।୯(ସମିସ): ପବିତ୍ର ଶ୍ରୀଗଣେଶ ଚତୁର୍ଥୀ। ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ଆବାହନରେ ଚଳଚଞ୍ଚଳ ହୋଇଉଠିଛି ଛତ୍ରପୁର ସହର। ଶ୍ରଦ୍ଧା, ଭକ୍ତି ଓ ଆନନ୍ଦଉଲ୍ଲାସର ସହ ବିଘ୍ନବିନାଶକଙ୍କ ପୂଜାତ୍ସବ ପାଳିତ ହେଉଛି।





ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ସାହି, ଛକ ଏବଂ ଘରେ ଘରେ ନିଷ୍ଠାର ସହ ଗଣପତିଙ୍କ ପୂଜାର୍ଚ୍ଚନା କରାଯାଉଛି। ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକେ ଏକାଠି ହୋଇ ଉତ୍ସାହ ଓ ଉଲ୍ଲାସର ସହ ଏହି ପବିତ୍ର ପର୍ବ ପାଳନ କରୁଛନ୍ତି। ଛତ୍ରପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ, ରଙ୍ଗବେରଙ୍ଗ ଆଲୋକମାଳା ଓ ସୁସଜ୍ଜିତ ପୂଜା ମଣ୍ଡପ ଭକ୍ତଙ୍କୁ ଆକର୍ଷିତ କରୁଛି।

ଛତ୍ରପୁର ପ୍ରେସ କ୍ଲବ ପରିସରରେ ଆୟୋଜିତ ଗଣେଶ ପୂଜାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଓ ରାଧେଶ୍ୟାମ ଫାଉଣ୍ଡେସନର ସଭାପତି ଦେବାଶିଷ ମିଶ୍ରôର ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସମସ୍ତେ ପ୍ରଭୁ ଶ୍ରୀଗଣେଶଙ୍କ ଆଶୀର୍ବାଦ ଲାଭ କରିଥିଲେ। ସେହିପରି ବ୍ୟାରେକ ସାହିସ୍ଥିତ ଶ୍ରୀ ସମ୍ପଦ ବିନାୟକ ମନ୍ଦିର, ଗୋପବନ୍ଧୁନଗର, ଗିଲଟିପେଟା ସାହି, ୟୁରୋ ସ୍କୁଲ, ଷ୍ଟେସନ ରୋଡ଼ ଓ ବିଭିନ୍ନ ଛକ ସମେତ ସହରର ଅନେକ ସାହିରେ ବହୁ ଆଡ଼ମ୍ବରରେ ଶ୍ରୀଗଣେଶଙ୍କ ପୂଜା ଆୟୋଜିତ ହୋଇଛି। ପୂଜା ମଣ୍ଡପଗୁଡ଼ିକରେ ଭକ୍ତଙ୍କ ଭିଡ଼ ଲାଗିରହିଥିବା ବେଳେ ସମଗ୍ର ଛତ୍ରପୁର ସହର ଗଣେଶମୟ ହୋଇପଡ଼ିଛି।



ବୁଗୁଡ଼ା: ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଶ୍ରୀ ବିଘ୍ନରାଜଙ୍କ ପୂଜା ଜାକଜମକରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିୟୁ ଏରା ପବ୍ଲିକ୍ ସ୍କୁଲ, ସାଇ ସରସ୍ୱତୀ ଶିଶୁ ମନ୍ଦିର ଓ ପିପୁଲ୍ସ ହାଇସ୍କୁଲ ସମେତ ବିଭିନ୍ନ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟରରେ ଉତ୍ସାହର ସହ ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହ ବୁଗୁଡ଼ା ସହରାଞ୍ଚଳର ଅରବିନ୍ଦ ନଗର, ପ୍ରେମଚାନ୍ଦ ନଗର, ବଡ଼ଦାଣ୍ଡ ସାହି, ଏବଂ ଗ୍ରାମାଞ୍ଚଳର ଗୌଡ଼ିଆ ବରୋଦା ଗ୍ରାମର ବଜରଙ୍ଗୀ କ୍ଲବ, କାନସୁକା, କରଚୁଲି, କରସିଙ୍ଗି, ବେତାରସିଙ୍ଗି, ଖୋଳଖାଳି, ବାଲିପଦର, ପଙ୍କଲବାଡ଼ି, ଗୋଳାବନ୍ଧ, କତକଲା, ମୋଟାବାଡ଼ି ସମେତ ବିଭିନ୍ନ ସ୍ଥାନରେ ପ୍ରଭୁ ଗଜାନନଙ୍କ ପୂଜା ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସମୟରେ ବିଭିନ୍ନ ମେଢ ନିକଟରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।

ରଙ୍ଗେଇଲୁଣ୍ଡା: ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚମାସ୍ଥିତ ପ୍ରସିଦ୍ଧ ସିଦ୍ଧ ବିନାୟକ ପୀଠରେ ଗଣେଶ ଚତୁର୍ଥୀ ପାଳିତ ହୋଇଛି। ପଡ଼ୋଶୀ ଆନ୍ଧ୍ର, ଗଞ୍ଜାମ, ବାହାର ଜିଲ୍ଲାର ଓ ଆଖ ପାଖ ଅଞ୍ଚଳ ଦୁଇ ଲକ୍ଷ ଅଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ସୋମବାର ପ୍ରଭୁ ବିନାୟକ ନୀତିକାନ୍ତି ହେବା ପରେ ଗଜାନନଙ୍କୁ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ରାଜ୍ୟ ବାଣିଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଗଞ୍ଜାମ



ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ, ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ, ଗଞ୍ଜାମ ଏସପି ହରିଶ ବିସି ଅନ୍ୟ ପ୍ରଶାସନିକ ଅଧିକାରୀମାନେ ପ୍ରମୁଖ ସିଦ୍ଧ ବିନାୟକଙ୍କ ଦର୍ଶନ କରିଥିଲେ। ଜିଲ୍ଲାପାଳ ମନ୍ଦିର ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ଓ ବ୍ୟବସ୍ଥାକୁ ତଦାରଖ କରିଥିଲେ। ମନ୍ଦିର ପରିସରରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ଓ ଅସ୍ଥାୟୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାରିକେଡ଼ ବ୍ୟବସ୍ଥା ଓ ରକ୍ଷା କଡ଼ାକଡି କରାଯାଇଥିଲା। ଭିନ୍ନକ୍ଷମ, ଗର୍ଭବତୀ ଓ ବୟସ୍କ ଭକ୍ତମାନଙ୍କ ନିମନ୍ତେ ମାଗଣାରେ ଅଟୋ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସରରେ ଓ ବାହାରେ ବ୍ୟାପକ ବ୍ରହ୍ମପୁର ଏସପି ଡା ବିବେକ ଆଇନ ଶୃଙ୍ଖଳା ତଦାରଖ କରିଥିଲେ। ୫୦ ଉର୍ଦ୍ଧ୍ୱ ପୋଲିସ ଅଧିକାରୀ, ୫ ପ୍ଲାଟୁନ ପୋଲିସ ମୁତୟନ ସହ ଅନେକ ପୋଲିସ ସାଧା ପୋଷାକରେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖି ପାଇଁତରା ମାରୁଥିବା ଦେଖିବାକୁ ମିଳିଥିଲା। ରାତି ୧୦ଟା ପର୍ଯ୍ୟନ୍ତ ମନ୍ଦିର ଖୋଲାରହିବା ନେଇ ଦେଖିବାକୁ ମିଳିଥିଲା।

ସୋରଡ଼ା: ସୋରଡ଼ାର ସୁରମଣିଠାରେ ସୁଉଚ୍ଚ ମୂର୍ତ୍ତି ଶହ ତୋରଣ ଦ୍ୱାରା ସାଜସଜ୍ଜା ସମସ୍ତଙ୍କୁ ନିଆରା ଅନୁଭୂତି ଆଣିଥିବା ବେଳେ ବଡ଼ଗଡ଼ ଓ ସୋରଡ଼ାର ନେତାଜୀ, ଗୋଲା, ନୂଆଁ, ବଟଗଣେଶ, କଇଁଠପଲ୍ଲୀ, ବରାଡ଼ି, ହରିଜନ, କେଉଟ ସାହିରେ ସୁନ୍ଦର ମୂର୍ତ୍ତି ସାଙ୍ଗକୁ ସମୂହ ପୂଜାର୍ଚ୍ଚନା ଓ ପ୍ରସାଦ ସେବନ ବ୍ୟବସ୍ଥା ଅଞ୍ଚଳରେ ପରସ୍ପର ଯୋଡ଼ି ହେବାର ଏକ ମାହୋଲ ସୃଷ୍ଟି ହୋଇଛି। ସୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା କରାଯାଇଛି। ସରକାରୀ କାର୍ଯ୍ୟକ୍ରମରେ ସମାଜକୁ ବୃକ୍ଷ ରୋପଣ ଚାରା ବଣ୍ଟନ କରାଯାଇଥିଲା। ବର୍ଷ ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିନ ବଡ଼ଗଡ଼ ବନାଞ୍ଚଳରେ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକଙ୍କ ଆୟୋଜନ କ୍ରମେ ବୃକ୍ଷ ମଧ୍ୟରେ ସ୍ୱୟଂ ଗଣେଶ ବିଜେ ସହିତ କାଠ ଚୋରି ମାଫିଆଙ୍କୁ ଗଣେଶ କାବୁ କରିବା ସହିତ ବାହାନ ମୂଷିକ ଜଙ୍ଗଲକୁ ରକ୍ଷା ପାଇଁ ଉଦ୍ୟମ ଥିବା ତଥା କାଠୁରିଆଙ୍କୁ ସାବାଡ଼ ପାଇଁ ନୂତନ ଦିଶା ଦେଉଥିବା ପ୍ରତୀକାତ୍ମକ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଅତିରିକ୍ତ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା ଏହି ବନାଞ୍ଚଳର ସଚେତନ ଧର୍ମୀ କାର୍ଯ୍ୟକ୍ରମ ନିଆରା ସହିତ ସମସ୍ତ କର୍ମଚାରୀ ଏକତ୍ର କରି କାର୍ଯ୍ୟ କରିବା ଦକ୍ଷତା ବିଭାଗ ପାଇଁ ଅନନ୍ୟ ଉଦାହରଣ ବୋଲି କହିଛନ୍ତି।

ପୋଲସରା: ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଆଗମନରେ ପୋଲସରା ସହର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ସହରରୁ ପଞ୍ଚାୟତ



ପର୍ଯ୍ୟନ୍ତ ସବୁଠି ଗଜାନନଙ୍କ ଆରାଧନା ଚାଲିଥିବା ବେଳେ ମେଢ଼, ତୋରଣ ଓ ଆଲୋକମାଳାରେ ଝଲସୁଛି ବିଭିନ୍ନ ପୂଜାମଣ୍ଡପ। ଚଳିତବର୍ଷ ପୋଲସରା ସହରରେ ୫୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ଧୁମ୍‌ଧାମରେ ଗଣେଶ ପୂଜା ଅନୁଷ୍ଠିତ ହେଉଛି। ସ୍କୁଲ, କଲେଜ, ବିଭିନ୍ନ ଅନୁଷ୍ଠାନ ସମେତ ସାହିଗଳିରେ ଆକର୍ଷଣୀୟ ମେଢ଼ ନିର୍ମାଣ କରାଯାଇ ଗଜାନନଙ୍କୁ ପୂଜା କରାଯାଉଛି। ଖଣ୍ଡିଆସାହି, ତହସିଲ ଛକ, ରାଣୀପଡ଼ା, କଳମ୍ବସାହି, ପୁରୁଣା ଥାନାଛକ, ଦେଉଳପେଢ଼ି, ମିଲ୍‌ସାହି, ତୋଟାସାହି, ବ୍ରାହ୍ମଣ ସାହି ସମେତ ବିଭିନ୍ନ ୱାର୍ଡ ଓ ପଞ୍ଚାୟତର ଉସ୍ତାପଡ଼ା, କଳମ୍ବ, ଖଣ୍ଡୁରୁ ଓ ହାତୀଓଟ ସମେତ ବିଭିନ୍ନ ଅଞ୍ଚଳରେ ମଧ୍ୟ ପୂଜାକୁ ନେଇ ବେଶ୍ ଉତ୍ସାହ ଦେଖାଦେଇଛି। ବିଭିନ୍ନ ମଣ୍ଡପରେ ଆକର୍ଷଣୀୟ ତୋରଣ ସହ ଆଲୋକମାଳାର ସାଜସଜ୍ଜା ପୂଜାର ଆକର୍ଷଣ ବଢ଼ାଇଛି।ସନ୍ଧ୍ୟା ହେଲେ ଆଲୋକମାଳାରେ ଝଲସି ଉଠୁଛି ପୂଜାମଣ୍ଡପ।


ଗଞ୍ଜାମ: ବିଘ୍ନ ବିନାଶକ ଆଗ୍ରପୂଜ୍ୟ ଶ୍ରୀ ଗଜାନନ ପୂଜାରେ ଗଞ୍ଜାମ ସହରାଞ୍ଚଳ ଉତ୍ସବମୁଖରିତ ହୋଇପଡ଼ିଥିବା ଦେଖିବାକୁମିଳିଛି। ସହରର ଦୁର୍ଗାଦେବୀ ସାହି, ମାଧଖଣ୍ଡ ସାହି, ସମନ୍ତରା ସାହି, କରଣ ସାହି, ପଣ୍ଡା, ସାହି, ଚୌଧୁରୀ ସାହି, ରାଉଳ ସାହି, ଓଡ଼ିଆ ଡାମଣା ସାହି, ବ୍ରାହ୍ମଣ ଡାମଣା ସାହି, ସାନ ବଜାର କୈବର୍ତ୍ତ ସାହି, ଦାସ ସାହି,ଦାମୋଦରପୁର, ପୁଇଁତୋଳା ଏପରିକି ବିଭିନ୍ନ ସ୍ଥାନରେ ମହା ଆଡମ୍ବର ସହକାରେ ଶ୍ରୀଗଣେଶ ପୂଜା ଅନୁଷ୍ଠିତ ହେଉଛି। ସେହିପରି ଗଞ୍ଜାମ ବ୍ଲକ ର ବିଭିନ୍ନ ଗ୍ରାମରେ ମଧ୍ୟ ପୂଜା ହେଉଥିବା ଲକ୍ଷ କରାଯାଇଛି। ଦିନ ସମୟରେ ଗଞ୍ଜାମ କଲେଜ, ସରସ୍ୱତୀ ଶିଶୁ ମନ୍ଦିର, ବିଦ୍ୟା ପବ୍ଲିକ ସ୍କୁଲ ଏପରିକି ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀ ମାନେ ଅଗ୍ରପୂଜ୍ୟଙ୍କୁ ଆରାଧନା କରୁଥିବା ଦେଖିବାକୁ ମିଳିଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳ ରେ ସମସ୍ତ ମେଢ଼ରେ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ଝିଲି ମିଲି ଆଲୋକମାଳା ଶ୍ରଦ୍ଧାଳୁ ମାନଙ୍କୁ ଆକର୍ଷିତ କରୁଥିବା ଲକ୍ଷ୍ୟ କରାଯାଇଛି।

ରମ୍ଭା: ସ୍ଥାନୀୟ ଅଞ୍ଚଳର ଗଣେଶ ପୂଜାକୁ ନେଇ ବହୁ ଚର୍ଚ୍ଚା। ଗଣେଶ ପୂଜା ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ବିଭିନ୍ନ ପୂଜା ମଣ୍ଡପ ଓ ରାସ୍ତା ଗୁଡ଼ିକ ଲାଇଟ୍ ଗେଟ୍ ରେ ସୁସଜ୍ଜିତ ହୋଇଛି। ପୂଜା ମଣ୍ଡପ ର ଗଣେଶ ବେଶ୍ ଆକର୍ଷଣ ହୋଇଛି। ଗଣେଶ ପେଣ୍ଡାଲର ଶୁଭାରମ୍ଭ ସମୟରେ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂଜା ମଣ୍ଡପରେ ଉପସ୍ଥିତ ରହିଥିଲେ। ବଡ ଲାଇଟ୍ ଗେଟ୍ ସହ ରାସ୍ତା ଦୁଇ ପାର୍ଶ୍ୱକୁ ଆଲୋକୀକରଣ ରେ ସୁସଜ୍ଜିତ କରାଯାଇଥିଲା। ସେହିପରି ସହରର କଲେଜ ରୋଡ଼, ପାନ୍ଥନିବାସ ଛକ, ସହରର ଗଳି କନ୍ଦିରେ ସାଜସଜ୍ଜା ମୁଖ୍ୟ ଆକର୍ଷଣ ପାଲଟିଛି। ପ୍ରତ୍ୟହ ଦିନ ନୃତ୍ୟ, ଗୀତ, ମେଲୋଡ଼ି କାର୍ଯ୍ୟକ୍ରମର ସୂଚନା ମିଳିଛି। କିଛି ଖେଳର ପ୍ରତିଯୋଗିତା କରାଯାଇଥିଲା ସେଥିରେ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଆସିକା,୧୪।୯(ସମିସ): ଆସିକା ସହରଠୁ ପୁରପଲ୍ଲୀରେ ଅଗ୍ରପୂଜ୍ୟ ଶ୍ରୀଗଜାନନଙ୍କ ପୂଜା ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପ ପରିସର ଆଲୋକ ମାଳାରେ ଝଲସି ଉଠୁଛି ପୂଜା ମଣ୍ଡପ। ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ପୂଜା ମଣ୍ଡପ ସଜାଯାଇଥିବା ବେଳେ ସକାଳୁ ଭକ୍ତଙ୍କ ଭିଡ଼ ଜମିଥିଲା।

ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନରେ ମଧ୍ୟ ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଯାଇଛି।।ପଣ୍ଡିତମାନଙ୍କ ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ ସହ ଷୋଡ଼ଶୋପଚାର ପୂଜା, ହୋମଯଜ୍ଞ, ଆରତୀ ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଗଣେଶ ପୂଜା ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପୂଜା ମଣ୍ଡପ ନିକଟରେ ଛୋଟ ଛୋଟ ଶିଶୁଙ୍କ ପାଇଁ ବିଦ୍ୟାରମ୍ଭ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଉତ୍ସବମୁଖର ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆସିକା ସହରର ବିନାୟକ ବଜାର, ଖମ୍ବେଶ୍ୱରୀ ପାଟଣା, ବାଣୀବିହାର, ତାଲୁକା ଛକ, କୃଷ୍ଣ ସିଂହ ପକ୍ଷଠା ଗାର, କୋର୍ଟ, ଓ ବିଜେଡି କାର୍ଯ୍ୟାଳୟ ପରିସରରେ ପ୍ରତେକ ବର୍ଷ ପରି ଚଳିତ ବର୍ଷ ମହା ଆଡମ୍ବର ରେ ପାଳିତ ହୋଇ ଯାଇଛି।


ଆସିକା: ଆସିକା ସହରଠୁ ପୁରପଲ୍ଲୀରେ ଅଗ୍ରପୂଜ୍ୟ ଶ୍ରୀଗଜାନନଙ୍କ ପୂଜା ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପ ପରିସର ଆଲୋକ ମାଳାରେ ଝଲସି ଉଠୁଛି ପୂଜା ମଣ୍ଡପ। ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ପୂଜା ମଣ୍ଡପ ସଜାଯାଇଥିବା ବେଳେ ସକାଳୁ ଭକ୍ତଙ୍କ ଭିଡ଼ ଜମିଥିଲା। ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନ ରେ ମଧ୍ୟ ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଯାଇଛି।। ପଣ୍ଡିତମାନଙ୍କ ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ ସହ ଷୋଡ଼ଶୋପଚାର ପୂଜା, ହୋମଯଜ୍ଞ, ଆରତୀ ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ପରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଗଣେଶ ପୂଜା ଅବସରରେ ବିଭିନ୍ନ






ଶିକ୍ଷାନୁଷ୍ଠାନ ଓ ପୂଜା ମଣ୍ଡପ ନିକଟରେ ଛୋଟ ଛୋଟ ଶିଶୁଙ୍କ ପାଇଁ ବିଦ୍ୟାରମ୍ଭ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଉତ୍ସବମୁଖର ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆସିକା ସହରର ବିନାୟକ ବଜାର, ଖମ୍ବେଶ୍ୱରୀ ପାଟଣା, ବାଣୀବିହାର, ତାଲୁକା ଛକ, କୃଷ୍ଣ ସିଂହ ପକ୍ଷଠା ଗାର, କୋର୍ଟ, ଓ ବିଜେଡି କାର୍ଯ୍ୟାଳୟ ପରିସରରେ ପ୍ରତେକ ବର୍ଷ ପରି ଚଳିତ ବର୍ଷ ମହା ଆଡମ୍ବର ରେ ପାଳିତ ହୋଇ ଯାଇଛି।

ବେଲଗୁଣ୍ଠା: ବିଘ୍ନବିନାଶକ ତଥା ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାକୁ ନେଇ ବେଲଗୁଣ୍ଠା ସହର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଓ ଯୁବକ ସଂଘ ପକ୍ଷରୁ ଆକର୍ଷଣୀୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପୂଜା ମଣ୍ଡପଗୁଡ଼ିକରେ ସୁଉଚ୍ଚ ତୋରଣ, ରଙ୍ଗିନ ଆଲୋକମାଳା ଓ ଆକର୍ଷଣୀୟ ସାଜସଜ୍ଜା ଦର୍ଶକଙ୍କୁ ଆକୃଷ୍ଟ କରୁଛି। ସହରର କଳିଙ୍ଗ ବୈଶ୍ୟ ଉଭୟ ଯୁବକ ସଂଘ, ଗୋଲା ସାହି, ରେଡ଼ି ସାହିର ମା' ଝିକର ଦେବୀ ଯୁବ ଗୋଷ୍ଠୀ, କେଉଟ ସାହି, କୋଳି ସାହିର ଏମ୍‌ବିଡି କ୍ଲବ୍, ଗୋପୀନାଥ ସାହିର ଦି ରୟାଲ ଗ୍ୟାଙ୍ଗ, ଜଗନ୍ନାଥପ୍ରସାଦ ରୋଡ୍‌ର ବିଘ୍ନେଶ ୟୁଥ୍ କ୍ଲବ୍, ଆଳିଆ ସାହି, ଶୁଣ୍ଡି ସାହି ,ଚଷା ସାହି, ଲକ୍ଷ୍ମୀ ବଜାର ଓ ତୁଳସୀ ନଗରରେ ମଧ୍ୟ ଗଣେଶ ପୂଜାକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଛି। ସେହିପରି 'ଅନ୍‌ଷ୍ଟପେବଲ ବୟେସ୍-୨୦୨୨', ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର, ସାର୍ପ ଏଜୁକେସନ୍, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟା ଭବନ, କଂସାରି ସାହିର ବ୍ରାଇଟ୍ ଏଜୁକେସନ୍ କୋଚିଂ ସେଣ୍ଟର ଓ ମଙ୍ଗଳପୁର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମଧ୍ୟ ଶ୍ରଦ୍ଧା ଓ ଭକ୍ତିର ସହ ଗଣେଶ ପୂଜା ପାଳନ କରାଯାଉଛି। ନେଟ୍‌ଟେଙ୍ଗା ନିକଟସ୍ଥ ରତନପୁର ଓ ଗୋବରା-ବାସୁଦେବପୁର ଅଞ୍ଚଳରେ ମଧ୍ୟ ପୂଜା ପାଇଁ ପ୍ରସ୍ତୁତି ଓ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ବିଭିନ୍ନ ପୂଜା ମଣ୍ଡପରେ ୧୦୮ ଆଳତି, ଭଜନ ସମାରୋହ ଓ ପ୍ରସାଦ ସେବନର ଆୟୋଜନ କରାଯାଇଛି।






## ସୋନାଲି-ସାଗରଙ୍କ ମେଡିକାଲ ପଢ଼ା ପାଇଁ ଆର୍ଥିକ ସହାୟତା

## ଅଧ୍ୟକ୍ଷାଙ୍କ ସମେତ ଦୁଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପୋଲସରା,୧୩।୯(ସମିସ): ରାଜଶ୍ରୀ ବାଳସୀ ସମାଜ ପକ୍ଷରୁ ଲକ୍ଷଣପଲ୍ଲୀସ୍ଥିତ ସମାଜ ଗୃହ ପରିସରରେ କେନ୍ଦ୍ର ସଭାପତି ଚନ୍ଦ୍ରଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପୋଲସରା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପ୍ରଧାନ ଯୋଗଦେଇଥିବା ବେଳେ ଦୁଇ ଅସହାୟ କୃତୀ ଛାତ୍ରଛାତ୍ରୀ ସୋନାଲି ସାହୁ ଓ ସାଗର ସାହୁଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ ଯୋଗଦେଇ ସମାଜର ଉନ୍ନତି ପାଇଁ ସମସ୍ତେ ଏକାଠି ହୋଇ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ସମାଜର ମହାମାନ୍ୟ ନାୟକ ଏନ୍. ବିକ୍ରମ ସାହୁ, ଏନ. ହରିହର ପ୍ରଧାନ, ସମ୍ପାଦକ ଭଗବାନ



ପ୍ରଧାନ, ଉପସଭାପତି ସୁମନ କୁମାର ସାହୁ, ସହସମ୍ପାଦକ ରାମଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ସାହୁ, କେନ୍ଦ୍ର ସଭ୍ୟ ଦୀନବନ୍ଧୁ ସାହୁ, ସନ୍ତୋଷ କୁମାର ପ୍ରଧାନ, ରଘୁନାଥ ପ୍ରଧାନ, ରମେଶ ବେହୁରୁକ, ବିଘ୍ନରାଜ ପ୍ରଧାନ, ସତ୍ୟବାଦୀ ସାହୁ, ତ୍ରିନାଥ ବେହେରୁକ, କାଳିଚରଣ ପ୍ରଧାନ, ନିକୁଞ୍ଜ ସାହୁ, ଭଗବାନ ସାହୁ, ବଂଶୀ ଧର ସାହୁ, ଗଗନ ପ୍ରଧାନ, ମହେଶ୍ୱର ପ୍ରଧାନ ଓ ଚିରିକିପଡା ଶାସନସଭାପତି ଭଗବାନ ସାହୁ, ପୋଲସରା ସଭାପତି ପ୍ରମୁଖ ପ୍ରଧାନ ସମେତ ସମାଜର ଗ୍ରାମ ଓ ମଣ୍ଡଳସ୍ତରର ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଧରାକୋଟ,୧୪।୯(ସମିସ): ଧରାକୋଟ ବ୍ଲକର ଓଡିଶା ଆଦର୍ଶ ବିଦ୍ୟାଳୟ କୁସଗୁମା ର ଏଗାର ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ରଜନୀକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ପୂର୍ବତନ ଏବିଇଓ ଦୟାନିଧି ପଣ୍ଡା ଓ ପରିଚାଳନା କମିଟି ସଦସ୍ୟା ଗୀତାଞ୍ଜଳି ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅପରାଜିତା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ରଜନୀକାନ୍ତ ସାହୁ ବିବରଣୀ ପାଠ ସହ ପାରିପାର୍ଶ୍ୱିକ ସ୍ଥିତି, ଭିତ୍ତିଭୂମିର ବିକାଶ, ପ୍ରତିଭା ସୃଜନଶୀଳତା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା ଜ୍ଞାନ ଓ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବକ୍ତୃତା,ରଚନା, କୁଇଜ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ନୃସିଂହ ନାଥ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୦ କେଜି ଗଞ୍ଜେଇ ଜବତ; ୨ ଗିରଫ

ପୁରୁଷୋତ୍ତମପୁର,୧୪/୯(ସମିସ): ପୁରୁଷୋତ୍ତମପୁର ପୋଲିସ ରବିବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ଥାନା ଅନ୍ତର୍ଗତ ଭେଜିପୁଟ ଛକରେ ଜଣେ ବୃଦ୍ଧ ବ୍ୟକ୍ତି ପ୍ଲାଷ୍ଟିକ ବ୍ୟାଗ ଧରି ବସିଥିଲା। ସନ୍ଦେହ ହେବାରୁ ବ୍ୟାଗ ଯାଞ୍ଚ କରାଯାଇଥିଲା। ସେହି ବ୍ୟାଗରେ ଗଞ୍ଜେଇ ଥିବା ଜଣା ପଡିଥିଲା। ପୋଲିସ ଅଧିକ ତଦନ୍ତ କରିବାରୁ ସମସ୍ତ ତଥ୍ୟ ଜଣା ପଡିଥିଲା। ବୃଦ୍ଧ ଜଣକ ରେଙ୍ଗୁଟିପଲ୍ଲୀ ଗ୍ରାମର ରମେଶ ପ୍ରଧାନ। ରମେଶର ବୟାନ ଅନୁସାରେ ସେ ନିଜ ଗାଁର ରବି ପ୍ରଧାନଙ୍କ ଯୋଜନା ଅନୁସାରେ ଅଧିକ ରୋଜଗାର



ଆଶାରେ ଗୁଜରାଟ କୁ ଗଞ୍ଜେଇ ଚାଲାଣ କରୁଥିବା କହିଥିଲା। ପୁରୁଷୋତ୍ତମପୁର ତହସିଲଦାର ତଥା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ବିନୋଦ କୁମାର ବେହେରା, ଥାନା ଅଧିକାରୀ କୁଳମଣି ସେଠି ଓ ସାକ୍ଷୀ ମାନଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା, ୨୯ କେଜି ୯୦୦ ଗ୍ରାମ ଓଜନ ହୋଇଥିଲା। ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହ ସେମାନଙ୍କ ନିକଟରୁ ୨ଟି ମୋବାଇଲ୍ ଜବତ କରିଛି। ଏନଡିପିଏସ୍ ଏକ୍ଟରେ ଏକ ମାମଲା ରୁଜି କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କୁଳମଣି ସେଠି ଦେଇଛନ୍ତି।

## ରାଜଶ୍ରୀ ବାଳସୀ ସମାଜର ନୂତନ କେନ୍ଦ୍ରୀୟ କାର୍ଯ୍ୟାଳୟ ଗୃହ ଓ ରାସ୍ତା ପାଇଁ ଭୂମିପୂଜା



ପୋଲସରା,୧୪।୯(ସମିସ): ରାଜଶ୍ରୀ ବଳାସି ସମାଜ କେନ୍ଦ୍ର ପରିଷଦ ପକ୍ଷରୁ ଚିରିକିପଡ଼ା ଶାସନ ମଣ୍ଡଳରେ ନୂତନ କେନ୍ଦ୍ରୀୟ କାର୍ଯ୍ୟାଳୟ ଗୃହ ଓ ରାସ୍ତା ନିର୍ମାଣ ପାଇଁ ସୋମବାର ଭୂମିପୂଜା ଅନୁଷ୍ଠିତ ହୋଇଛି। ସମାଜ କେନ୍ଦ୍ର ସଭାପତି ଚନ୍ଦ୍ରଶେଖର ସାହୁଙ୍କ ତତ୍ତ୍ୱାବଧାନରେ ମହାମାନ୍ୟ ନାୟକ ଏନ୍. ବିକ୍ରମ ସାହୁଙ୍କ କରକମଳରେ ଏହି ଭୂମିପୂଜା ସମ୍ପନ୍ନ ହୋଇଥିଲା। ଚିରିକିପଡ଼ା ଶାସନ ସରପଞ୍ଚ ତଥା ସଭାପତି ଭଗବାନ ସାହୁ ଓ ସମିତିସଭ୍ୟ ତଥା ଉପସଭାପତି ରଞ୍ଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ପୃଷ୍ଠପୋଷକତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ତଥା ଭୂମିଦାତା ଲିଙ୍ଗରାଜ ସାହୁ, ଗଣପତି ସାହୁ, କେନ୍ଦ୍ର ସଭ୍ୟ ରଘୁନାଥ ପ୍ରଧାନ, ଦୀନବନ୍ଧୁ ସାହୁ, ରତ୍ନାକର ସାହୁ, ସନ୍ତୋଷ ପ୍ରଧାନ, ରାଧାମାଧବ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ସତ୍ୟବାଦୀ ସାହୁ, ନିରଞ୍ଜନ ପ୍ରଧାନ, ଭାରଦ୍ୱାଜ ସାହୁ, ଦାଶରଥି ସାହୁ, ଗାନ୍ଧୀ ସାହୁ, କାଳୀଚରଣ ପ୍ରଧାନ, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ● ବ୍ରେନ୍ ହାମୋରେଜ୍‌ରେ ଶଯ୍ୟାଶାୟୀ ସନ୍ତୋଷ; ଅସ୍ତ୍ରୋପଚାର ପାଇଁ ଅର୍ଥ ଅଭାବ


## ସ୍ୱାମୀଙ୍କ ଜୀବନ ପାଇଁ ମଞ୍ଜୁଙ୍କ ଆକୁଳ ନିବେଦନ





ପୋଲସରା,୧୪।୯(ସମିସ): ପରିବାରର ଭରଣପୋଷଣ ପାଇଁ ଦିନରାତି ପରିଶ୍ରମ କରୁଥିବା ସନ୍ତୋଷ କୁମାର ସାହୁ ଏବେ ବ୍ରେନ୍ ହାମୋରେଜ୍‌ରେ ଗୁରୁତର ହୋଇ ହସ୍ପିଟାଲ ବେଡ୍‌ରେ। ପୋଲସରା ମ୍ୟୁନିସିପାଲିଟି ତୋଟାସାହିର ସନ୍ତୋଷ ଗତ ସପ୍ତାହେ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ତାଙ୍କ ଅସୁସ୍ଥତା ପରେ ପରିବାର ଏବେ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଛି। ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀ ମଞ୍ଜୁ ସାହୁ ଧାରକରଜ କରିବା ସହ ସାହିପଡ଼ୋଶୀ ଓ ପରିଚିତଙ୍କ ସହାୟତାରେ ଏପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ଯୋଗାଡ଼ କରିଆସୁଛନ୍ତି। ହେଲେ ଆଗକୁ ଅଧିକ ଖର୍ଚ୍ଚର ଅସ୍ତ୍ରୋପଚାର ଆବଶ୍ୟକ ଥିବାରୁ ପରିବାରର ଚିନ୍ତା ବଢ଼ିଛି। ଗୋଟିଏ ପଟେ ହସ୍ପିଟାଲ ଖର୍ଚ୍ଚ, ଅନ୍ୟପଟେ ଘରେ ଥିବା ଦୁଇ ଝିଅ ଓ ଗୋଟିଏ ପୁଅଙ୍କ ଭବିଷ୍ୟତ ଏହାକୁ ନେଇ ମଞ୍ଜୁ ଚିନ୍ତାରେ ଅଛନ୍ତି। ସନ୍ତୋଷଙ୍କ ଚିକିତ୍ସାରେ ଅର୍ଥାଭାବ ଯେପରି ବାଧକ ନହୁଏ, ସେଥିପାଇଁ ପରିବାର ପକ୍ଷରୁ ସହୃଦୟ ବ୍ୟକ୍ତି, ସମାଜସେବୀ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କୁ ସହାୟତା ପାଇଁ ନିବେଦନ କରାଯାଇଛି।

ପରିବାର ସଦସ୍ୟ ପ୍ରତିଭା ରଥ ମଧ୍ୟ ସନ୍ତୋଷଙ୍କ ଉତ୍ତମ ଚିକିତ୍ସା ପାଇଁ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।ଏନେଇ ପୋଲସରା ମିଡିଆ ହାଉସ୍ ପକ୍ଷରୁ ମଧ୍ୟ ସାମାଜିକ ଗଣମାଧ୍ୟମରେ ସହାୟତା ପାଇଁ ନିବେଦନ କରାଯାଇଛି। ସନ୍ତୋଷଙ୍କ ଚିକିତ୍ସା ସମ୍ପର୍କରେ ସହାୟତା ପାଇଁ ୮୨୬୦୮୪୭୪୨ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

# ମଣ୍ଡପରେ ବିରାଜିଲେ ଗଜାନନ; ସବୁଠି ଆନନ୍ଦଉଲ୍ଲାସ

ବାଲିକୁଦା ବଜାର ଫ୍ରେଣ୍ଡସ କ୍ଲବ




ତିର୍ତ୍ତୋଲ,୧୪।୯ (ସମିସ)

ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଘ୍ନ ବିନାଶକ ବିଦ୍ୟାଦାତା ଶ୍ରୀଗଣେଶଙ୍କ ପୂଜା ସମାରୋହରେ ପାଳିତ ହୋଇଯାଇଛି। ମହାନଦୀ - ପାଇକା ଦ୍ୱୀପାଞ୍ଚଳର ଖୋସଲପୁରଠାରେ ଖୋସଲପୁର ସାମପୁର ବଜ୍ର ମହାକାଳୀ ପୂଜା କମିଟି ପକ୍ଷରୁ ୧୨ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚତା ବିଶିଷ୍ଟ ଗଣେଶଙ୍କ ମୂର୍ତ୍ତି ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଯାହାକି ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପଣ୍ଡିତ ସଚିତ୍ର ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ଥାନୀୟ ପୂଜା କମିଟି ପକ୍ଷରୁ ପ୍ରତି ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀ ନବ ବସ୍ତ୍ର ପରିଧାନ କରି ବିଦ୍ୟାଦାତା ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା କରିଥିଲେ।

**ରଘୁନାଥପୁର:** ପବିତ୍ର ଗଣେଶ ଚତୁର୍ଥୀ ଉପଲକ୍ଷେ ଆଜି ରଘୁନାଥପୁର ବ୍ଲକର ବିଭିନ୍ନ ସ୍ଥାନରେ ଯାକଯମକରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କର ପୂଜା ପାଳିତ ହୋଇଯାଇଛି। ରଘୁନାଥପୁର ବଡ଼ବଜାର, ସାନ ବଜାର ସହିତ ତାରପୁର, ଅଚ୍ଛୁତପୁର, ତରିକୁନ୍ଦ, ବରାଗୋଳ, ଜଇଶୋଳ, ପୁରଣ ଓଡ଼ପଡ଼ା, ଜଗନ୍ନାଥପୁର, ଧରାଧରପୁର, ଗୁଆଳିପୁର, ଅଢ଼େଇକୂଳ, ତଅଁରା, ସାଦେଇପୁର, ଛପଡା, ରେଢୁଆ,ରାଢଙ୍ଗ, ଚିକିଣିଆ, ଏରଡଙ୍ଗ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ ହେଉଥିବା ବେଳେ ସମସ୍ତ ସ୍କୁଲ କଲେଜ ମାନଙ୍କରେ ମହା ଆନନ୍ଦ ଉଲ୍ଲାସରେ ପୂଜା ସମ୍ପନ୍ନ କରାଯାଇଛି। ଆସନ୍ତା ୧୮ ତାରିଖ ଶୁକ୍ରବାରତାରପୁର ବଜାର, ରଘୁନାଥପୁର ବଡ଼ବଜାର ଓ ସାନ ବଜାରର ଗଣେଶ ଭଷାଣୀ ହେବାକୁ ଥିବା ବେଳେ ଏହି ପାଞ୍ଚଦିନ ବ୍ୟାପି ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କମିଟିର ସଭ୍ୟମାନେ ଜଣାଇଛନ୍ତି।

**ପାରାଦୀପ:** ଶିଳ୍ପର ସହର ପାରାଦୀପର ବିଭିନ୍ନ ସ୍ଥାନରେ ଆଜି ଗଣେଶ ପୂଜା ପାଳିତ ହୋଇଛି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ଅଫିସ, ବିଭିନ୍ନ କ୍ଲବ, ୟୁନିୟନ କାର୍ଯ୍ୟାଳୟ, ଶିଳ୍ପାନୁଷ୍ଠାନ ସମେତ ବିଭିନ୍ନ ସଙ୍ଗଠନ ମାନଙ୍କରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଧୁମଧାମରେ କରାଯାଇଛି। ବନ୍ଦର ସହର ସମେତ ଆଖପାଖ ବସ୍ତି ଓ କଲୋନୀ ମାନଙ୍କରେ ପ୍ରାୟ ୧୦୦ ରୁ ଅଧିକ ସ୍ଥାନରେ ଗଣେଶ ପୂଜା ଆୟୋଜିତ ହୋଇଛି। ବନ୍ଦର ସହରର ମଧୁବନ ଅଞ୍ଚଳ, ହଉସିଂ ବୋର୍ଡ କଲୋନୀ, ନୂଆବଜାର ମାର୍କେଟ, ଗ୍ୟାସ ଛକ, ଭି ପଏଣ୍ଟ କଲୋନୀ ଏବଂ ଷଣ୍ଢକୂଦ ଅଞ୍ଚଳରେ, ନେହୁର୍ ବଙ୍ଗଳା, ଲକ ପଡା, ଶୁଖୁଆ ଖଳା, ତାରିଣୀ ଗଡା, ବିଜୟଚାନ୍ଦପୁର, ବାଲିଝରା, ବାଉରିଆ ପାଲନ୍ଦା, ରାଇସ ମିଲ, ଉଦୟ ବିହାର, ଉଦୟବଟ ଅଞ୍ଚଳ ବ୍ୟତୀତ କ୍ଲବ ମାନଙ୍କ ମଧ୍ୟରେ ନୀଳଚକ୍ର ୟୁଥ କ୍ଲବ, ସମ୍ରାଟ କ୍ଲବରେ ସୁନ୍ଦର ଭାବେ ଗୋଟିଏ ଗୋଟିଏ ପରିକଳ୍ପନାକୁ ନେଇ ତୋରଣ ମାନ ନିର୍ମାଣ କରାଯାଇଛି। ପୂଜା ମଣ୍ଡପ ରେ ସାଜ ସଜା ଗୁଡିକ ବେଶ ମନମୁଗ୍ଧକର ରହିଛି।



## ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡ଼ି ଜବତ

**ପାରାଦୀପ,୧୪।୯ (ସମିସ):** ଦୁର୍ଘଟଣା ଘଟାଇ ୧୦ ଦିନ ଧରି ଫେରାର ଥିବା ଏକ କାର୍‌କୁ ଆଜି ଜବତ କରିଛି ଆଦର୍ଶ ଥାନା ପୁଲିସ। ଥାନା ଆଇଆଇସିଙ୍କ ସୂଚନା ଅନୁଯାୟୀ ଗତ ୩ ତାରିଖରେ ବଡ଼ପଡ଼ିଆ ନିକଟ ବନ୍ଦର ହସ୍ପିଟାଲ ସମ୍ମୁଖରେ ବାବାଜୀ ଚରଣ ପ୍ରଧାନ ତାଙ୍କ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଓଡିଶା ଏଜେଡ୍‌୦୦୪୫ କାର୍‌ଟି ତାଙ୍କ ପଛପଟୁ ଧକ୍କା ଦେଇ ପଳାଇଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବନ୍ଦର ହସ୍ପିଟାଲକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଏ ସମ୍ପର୍କରେ ଦୁର୍ଘଟଣା ହୋଇଥିବା ଲୋକଙ୍କ ପରିବାର ପକ୍ଷରୁ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଅନୁସାରେ ପୁଲିସ ଘଟଣାର ତଦନ୍ତ କରି ସିସିଟିଭି ଆଧାରରେ ଗାଡିର ନମ୍ବର ଦେଖି ଗାଡିକୁ ଥାନାକୁ ଡାକି ଥିଲା। ତେବେ ଘଟଣାର ସତ୍ୟତା ବୋଲି ପୁଲିସ ଜାଣି ଗାଡିଟିକୁ ଆଜି ଥାନାରେ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି। ଉକ୍ତ କାର୍‌ଟି ଏସ୍‌ଆର ଇଂଜିନିଅରିଂ ଆଣ୍ଡ କନଷ୍ଟ୍ରକସନ ନାମରେ ରହିଥିବା ଜଣାପଡିଛି। ତେବେ ଏହି ଗାଡିର ମାଲିକ କିଏ, ପୁଲିସ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଦେଖିବାକୁ ବାକି ରହିଲା। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ; ୪ ଗୁରୁତର

**ନାଉଗାଁ,୧୪।୯ (ସମିସ):** ନାଉଗାଁ ଥାନା ଅଞ୍ଚଳର କୋରୁଅ ତ୍ରିନାଥ ମନ୍ଦିର ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୪ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରାଯାଇ ନାଉଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଆଜି ମଧ୍ୟାହ୍ନ ସମୟରେ ଏହି ଦୁର୍ଘଟଣା ଘଟିଥିଲା, ତେବେ ଗୋଟେ ବାଇକ୍ ଯୋଗେ ନିଆଳି ଥାନା ଅଧୀନ ବେଟେଣ୍ଡା ଅଞ୍ଚଳର ବବୁଲ ରାଉତ, ଲିଙ୍ଗରାଜ ଖୁଣ୍ଟିଆ ଓ ମହତାପାରି ଅଞ୍ଚଳର ଚନ୍ଦ୍ରମଣି ପରିଡା ଏକ ରୋଷେଇ କାର୍ଯ୍ୟ ସାରି ଫେରୁଥିବା ସମୟରେ ଅପରପଟୁ ଅନ୍ୟ ଏକ ବାଇକ୍ ଯୋଗେ ଅସ୍ତରଙ୍ଗ ଥାନା ଅଧୀନ ପାଇକ୍ଷେଲା ଅଞ୍ଚଳର ଜ୍ୟୋତିରଞ୍ଜନ ମହାନ୍ତି ଓ ସୌମ୍ୟା ରଞ୍ଜନ ସ୍ୱାଇଁ ଗଙ୍ଗଦା ବଜାରକୁ ଆସୁଥିବା ସମୟରେ କୋରୁଅ ତ୍ରିନାଥ ମନ୍ଦିର ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଚାରି ଜଣ ଗୁରୁତର ଅବସ୍ଥାରେ ପଡି ରହିଥିବା ବେଳେ, ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରାଯାଇ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ନିରଞ୍ଜନ ସ୍ୱାଇଁଙ୍କ ଏକାଦଶାହ ସ୍ମୃତିସଭା

**ଏରସମା,୧୪।୯ (ସମିସ):** ଏରସମା ସଦର ମହକୁମାର ଜଣେ ପରିଚିତ ଚାଷୀ, ସରଳ ଓ ମିଷ୍ଟଭାଷୀ ବ୍ୟକ୍ତି ବିଜେପି ନେତା ନିରାକାର ସ୍ୱାଇଁଙ୍କ ପିତା ନିରଞ୍ଜନ ସ୍ୱାଇଁଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନାଗୁଚରଣ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ଦଳର ନେତା, ଶିକ୍ଷାବିତ, କବି, ସାହିତ୍ୟିକ, ସମାଜସେବୀ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନିରଂଜନ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ବିଜେପି ନେତା ନୃସିଂହ ସାହୁ, ବିଜେଡିର ବରିଷ୍ଠ ନେତା ଉପଦେଷ୍ଟା ଶିଶିର କୁମାର ପରିଜା, ବରିଷ୍ଠ ଶିକ୍ଷାବିତ ନିମାଇଁ ଚରଣ ମଲ୍ଲିକ, କଂଗ୍ରେସ ନେତା ଧ୍ୱଜରାଜ ଖଣ୍ଡୁଆଳ, କବି କୈଳାସ ପ୍ରଧାନ, ଏରସମାର ମୁରବି ନିତ୍ୟାନନ୍ଦ ଦାସ, ସାଂସଦ ପ୍ରତିନିଧି ଜଟାଧାରୀ ସ୍ୱାଇଁ ଓ କବୟିତ୍ରୀ ଡ. ବସନ୍ତ ମଞ୍ଜରୀ ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି କବି ହୃଷିକେଶ ଜେନା, ହେମନ୍ତ କୁମାର ନାୟକ, ବିଭୁ ପ୍ରସାଦ ସାହାଣୀ, ଅରୂପାନନ୍ଦ ସ୍ୱାଇଁ, ଡ. ତନ୍ମୟ କୁମାର ସେଠୀ, ସମାଜସେବୀ ତଥା ପୂର୍ବତନ ସରପଞ୍ଚ ତପନ କୁମାର ଗଛାୟତ, ସମାଜସେବୀ ମାନସ ରଞ୍ଜନ ସ୍ୱାଇଁ, କବି ବୈଦ୍ୟନାଥ ସାହୁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ




**ତିର୍ତ୍ତୋଲ,୧୪।୯ (ସମିସ):** ପବିତ୍ର ଗଣେଶ ଚତୁର୍ଥୀ ଉପଲକ୍ଷେ ମହାବୀର ମନ୍ଦିର ସେବା ପରିଷଦ, ଭରିଷୋଳ ପକ୍ଷରୁ ଶ୍ରୀସତ୍ୟନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଲଣା ଠାରେ ଚାରା ରୋପଣ କାର୍ଯ୍ୟକ୍ରମ ସହ ପରିବେଶ ସୁରକ୍ଷା ଓ ସବୁଜ ପରିବେଶର ସଚେତନତା ବାର୍ତ୍ତା ଦିଆଯାଇଛି। ପରିଷଦର ସଭାପତି ପବିତ୍ର ପାତ୍ର, ବରିଷ୍ଠ ଉପଦେଷ୍ଟା ଜ୍ୟୋତିରଞ୍ଜନ ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସତ୍ୟ ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ମହାବୀର ମନ୍ଦିର ସେବା ପରିଷଦର ତୋଫାନ ପରିଡ଼ା, ସୁବ୍ରତ ମଲ୍ଲିକ, ପ୍ରୀତିରଞ୍ଜନ ନାୟକ, ସନ୍ତୋଷ ପରିଡ଼ା, ସୁଜିତ ପରିଡ଼ା, ପ୍ରଭୁଦତ୍ତ ପରିଡ଼ା, ସ୍ମୃତିରଞ୍ଜନ ପରିଡ଼ା, ସଞ୍ଜିତ ପରିଡ଼ା ଓ ରାହୁଲ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ବେଉଁଳ ଗାଈଦଣ୍ଡାରେ ବୃକ୍ଷରୋପଣ




**ଏରସମା,୧୪।୯ (ସମିସ):** ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ଲକ୍ଷ୍ୟରେ ବାବା ବଟ ମହାପୁରୁଷ ଯୁବକ ସଂଘ ପକ୍ଷରୁ ବେଉଁଳ ଗାଈଦଣ୍ଡାଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବକମାନଙ୍କ ଏଭଳି ସାମାଜିକ ଓ ପରିବେଶ ସଚେତନତାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ସମାଜସେବୀ ଦେବାଶିଷ ଜେନା ଓ ସୂର୍ଯ୍ୟକାନ୍ତ ବେହେରାଙ୍କ ସମେତ ଯୁବକ ସଂଘର ସଦସ୍ୟ ଓ ସମାଜସେବୀମାନେ ଯୋଗଦେଇ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ଏହି ଅବସରରେ ସମୀର ରଞ୍ଜନ ମଲିକ, ଆଦିତ୍ୟ ଚୌଧୁରୀ, ନିରାକାର ସ୍ୱାଇଁ, ଅବିନାଶ ଚୌଧୁରୀ, ବିକାଶ ମହାପାତ୍ର, ସାହିଲ କୁଅଁର, ସୁବ୍ରତ ବାରିକ, ଅମରେନ୍ଦ୍ର ପ୍ରଧାନ, ଦେବୀଦତ୍ତ ଚୌଧୁରୀ, ଓମ ସାହୁ, ସ୍ମୃତି ରଞ୍ଜନ ନାୟକ, ନିହାର ରଞ୍ଜନ ସେଠୀ, ବିଷମ ମଲିକ, ବୈରାଗୀ କୁଅଁର, ପାଣ୍ଡବ ପାତ୍ର, ବିମଳ ପ୍ରଧାନ, ରତ୍ନାକର ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

## ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ସ୍ମୃତିସଭା

**ବାଲିକୁଦା,୧୪।୯ (ସମିସ):** ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଶ୍ରୀବନ୍ତପୁର ଗ୍ରାମବାସୀଙ୍କ ପକ୍ଷରୁ ଗୁରୁପୂଜନ ଓ ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରହ୍ଲାଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ ଓ ସାଂସ୍କୃତିକ ସମାରୋହରେ ପୂଜ୍ୟପୂଜା ପରମ୍ପରାର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ଜେନା ଓ ପଣ୍ଡିତ ଚନ୍ଦ୍ରମଣି ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଗୁରୁପୂଜନ କରି ଗୁରୁ-ଶିଷ୍ୟ ପରମ୍ପରା ପ୍ରତି ଶ୍ରଦ୍ଧା ଜଣାଇଥିଲେ। ଏହି ଅବସରରେ ଗାୟକ ଶେଖର ଜଗନ୍ନାଥ ବେହେରା ଓ ବାବା କୁଳମଣି ଦାସଙ୍କ ସ୍ମୃତିଚାରଣ କରାଯାଇ ସେମାନଙ୍କ ଅମର କଳାକୃତି ଓ ସାଂସ୍କୃତିକ ଅବଦାନ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଗାୟକ ଜ୍ଞାନଭୂଷଣ ଶିଶିର କୁମାର ପାଢ଼ୀ ଓ ଗାୟକ ପିୟୁଷ ବିଶ୍ୱନାଥ ସ୍ୱାଇଁଙ୍କ ସମେତ ଅନ୍ୟ କଳାକାରମାନେ ଯୋଗଦେଇଥିଲେ। ଏହି ଅବସରରେ ଫଗୁ ରାଉତ, ବାବାଜୀ ସ୍ୱାଇଁ ଓ ଘନଶ୍ୟାମ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା ଓ ସଂଯୋଜନା କବି ପ୍ରଶାନ୍ତ କୁମାର ମହାନ୍ତି କରିଥିଲେ। ଶେଷରେ ନିଜ ମାଟିରେ ଗାୟକ ପ୍ରବୀର ସନାତନ ଦାସ ପାଲା ଓ ବର୍ଷୀୟାନ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତଙ୍କ ପାଲା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରକାଶ ଚନ୍ଦ୍ର ଦାଶ, ରାମଚନ୍ଦ୍ର ସ୍ୱାଇଁ, ପଣ୍ଡିତ ଶରଣ ଦାଶଙ୍କ ସମେତ ଶ୍ରୀବନ୍ତପୁର ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ।

## ସାମ୍ୟବାଦୀ ଅନାମ ପଲାଇଙ୍କ ସ୍ମୃତିସଭା




**କୁଜଙ୍ଗ,୧୪।୯ (ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଗଦିଆ ଗ୍ରାମର ପ୍ରମୁଖ ସାମ୍ୟବାଦୀ ଅନାମ ପଲାଇଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧୁନଚନ୍ଦ୍ର ପଲାଇ, ରବୀନ୍ଦ୍ର କୁମାର ମହାପାତ୍ର, ସୁବାସ ମହାପାତ୍ର, ଶରତ କୁମାର ବଳିୟାରସିଂହ, ଅଜୟ ବେହେରା, ରବୀନ୍ଦ୍ର ମାଝୀ, କୁଜଙ୍ଗ ଅବନା ଘର ପ୍ରମୁଖ ଗିରିଧାରୀ ସାହୁ, ସଲିଳ ସାମନ୍ତରାୟ, ରବୀନ୍ଦ୍ର ପଲାଇ, ଦୁଃଶାସନ ବେହେରା, ଅଶୋକ ସାହୁ, ଅରକ୍ଷିତ ସ୍ୱାଇଁ, ବାବାଜୀ ସାହୁ, ବଗଦିଆ ସମ୍ପାଦକ ଅରକ୍ଷିତ ସ୍ୱାଇଁ, ଅଭି ପଲାଇ ଓ ଲତିକା ପଲାଇ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବଡ ପୁଅ ନାରାୟଣ ପଲାଇ ଧନ୍ୟବାଦ୍ ଦେଇଥିଲେ। ସାନ ପୁଅ ନିବାରଣ ପଲାଇ, ବଡ ବୋହୂ ଟିକିନା ଚୌଧୁରୀ, ସାନ ବୋହୂ ରେଣୁକା ପଲାଇଙ୍କ ସହ ବାସୁଦେବ ମହାପାତ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ।

## ସାହିତ୍ୟ ପତ୍ରିକା 'ସ୍ୱପ୍ନଦୀପ'ର ପୂଜା ସଂଖ୍ୟା ଉନ୍ମୋଚିତ



ଜଗତସିଂହପୁର,୧୪।୯ (ସମିସ)

ଓଡ଼ିଶାର ତ୍ରୈମାସିକ ସାହିତ୍ୟ ପତ୍ରିକା 'ସ୍ୱପ୍ନଦୀପ'ର ଚତୁର୍ଥ ବର୍ଷ ପ୍ରଥମ ସଂଖ୍ୟା ପୂଜା ସଂଖ୍ୟା ଭାବରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶାର ବିଶିଷ୍ଟ ବେଦ ବିଚାରକ ଆଚାର୍ଯ୍ୟ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଆଇଟିଆଇ ତଥା ଟାଇମ୍ସ ଗୁରୁକୁଳ ଜଗତସିଂହପୁରର ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର, ଜଗତସିଂହପୁର ଆର୍ଯ୍ୟସମାଜର ବେଦ ବିଶାରଦ ସମୀର କୁମାର ଆର୍ଯ୍ୟ, ସୁଶ୍ରୀ ଅଞ୍ଜୁଷା, ବେଦମାତା ସୁଲୋଚନା ପଣ୍ଡା, ବାଲିକୁଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୌରାଙ୍ଗ ଦାଶ, ସମାଜସେବୀ ରମାକାନ୍ତ ବାରିକ, ଚିତ୍ତରଞ୍ଜନ ସାହୁ, ସ୍ୱପ୍ନଦୀପର ମୁଖ୍ୟ ସମ୍ପାଦକ ଡ. କାଳିକିଙ୍କର, ସମ୍ପାଦକ ସୌଭାଗିନୀ ମିଶ୍ର ତଥା ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଡ. କଲ୍ୟାଣ ସୌରଭ ଯୋଗ ଦେଇ ଏହି ପତ୍ରିକାକୁ ମିଳିତ ଭାବେ ଉନ୍ମୋଚନ କରିଥିଲେ। ସର୍ବପ୍ରଥମେ କବି ବ୍ରଜନାଥ ଫାଉଣ୍ଡେସନ ଟ୍ରଷ୍ଟ ସଦସ୍ୟ ବ୍ୟୋମନାଥ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ।

ସ୍ୱପ୍ନଦୀପର କୁନି ସମ୍ପାଦକ ସ୍ୱପ୍ନଦୀପ ବାସୁଦେବ କୃଷ୍ଣଲୀଳାର ଏକ ସୁନ୍ଦର ପ୍ରାରମ୍ଭିକ ନୃତ୍ୟ ପ୍ରଦର୍ଶନ କରିଥିଲେ। ପତ୍ରିକାର ସମ୍ପାଦିକା ସୌଭାଗିନୀ ମିଶ୍ର ସୂଚନା ପ୍ରଦାନ ଦେଇଥିଲେ। ଆଚାର୍ଯ୍ୟ ସମୀର କୁମାର ଆର୍ଯ୍ୟ ଓ ଡା ଅଭିପ୍ସା ମିଶ୍ର ଏହି ପତ୍ରିକା ଉପରେ ଆଲୋଚନା କରିଥିଲେ। ପତ୍ରିକାର ଅନ୍ୟତମ ପ୍ରବନ୍ଧକ ଇଂ. ରମଣୀ ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଜଗନ୍ନାଥପୁର ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ

**ଜଗତସିଂହପୁର/ରଘୁନାଥପୁର, ୧୪।୯ (ସମିସ):** ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତରେ କଂଗ୍ରେସ ଦଳର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି କରାଯାଇଥିଲା। ସେହିପରି ଉକ୍ତ ପଞ୍ଚାୟତର ନିରଞ୍ଜନ ସାହୁ, ସତ୍ୟପ୍ରକାଶ ଦାସ, ସୂର୍ଯ୍ୟକାନ୍ତ ଦାସ, ରାକେଶ ଦାସ, ଖିତିଶ ବେହେରା, ବାବାଜୀ ବେହେରା, ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ଅନ୍ୟ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଜିଲ୍ଲା ସଭାପତି ଶ୍ରୀ ନାୟକ ସେମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି



ଦେବ ପ୍ରସାଦ ନାୟକ ଯୋଗଦାନ କରି ଆଗାମୀ ଦିନରେ ତୃଣମୂଳ ସ୍ତରରୁ କଂଗ୍ରେସକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ନିର୍ମଳ ସାହୁଙ୍କୁ ପଞ୍ଚାୟତ କଂଗ୍ରେସ ସଭାପତି ଭାବେ ଚୟନ କରାଯାଇ ନୂତନ ପଞ୍ଚାୟତ କମିଟି ଗଠନ କାର୍ଯ୍ୟକ୍ରମରେ ନାରାୟଣ ନାୟକ, ବସନ୍ତ ଦାଶ, ବ୍ରଜ କିଶୋର ମଲ୍ଲିକ, ରବିନାରାୟଣ ଖଟୁଆ, ବସନ୍ତ ସ୍ୱାଇଁ, ସୁନିଲ କୁମାର ସ୍ୱାଇଁ, ପ୍ରଦୀପ୍ତ ଦାସ, ଭକ୍ତି ପ୍ରସାଦ ସ୍ୱାଇଁ, ପ୍ରଭାତ ରାଉତ, ରାଜକିଶୋର ସ୍ୱାଇଁ, ଶିବ ପ୍ରସାଦ ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA
www.sakalaepaper.com



# ଠିକା କାମକୁ ନେଇ ବିଜେପିର ଦୁଇଗୋଷ୍ଠୀ ମୁହାଁମୁହିଁ

ତୁରୁମୁଙ୍ଗା,୧୪।୯ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପିର ଗୋଷ୍ଠୀ କନ୍ଦଳ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ରବିବାର ବଡ଼ ପାଟଣା ପଞ୍ଚାୟତ ମଙ୍ଗଳପୁର ଗ୍ରାମର କାଳୀ ଚରଣ ମହାନ୍ତଙ୍କ ଘରେ ଚାଲିଥିବା ଏକ ବୈଠକରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସାଂସଦଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ମଣ୍ଡଳ ସଭାପତି ବଜ୍ରବନ୍ଧୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତଙ୍କ ସମେତ ବିଜେପିର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବୈଠକ ପରେ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ଠିକା କାମକୁ ନେଇ ବାକ୍‌ବିତଣ୍ଡା ହୋଇଥିଲା। ଏଥିରେ ଉଭୟ ସାଂସଦ ଓ ବିଧାୟକଙ୍କ ସମର୍ଥକଙ୍କ ମଧ୍ୟରେ ପାଟିତୁଣ୍ଡ ଉଗ୍ରରୂପ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସାଙ୍ଗକୁ ଠେଲାପେଲା ହୋଇଥିଲା।

## ସାଂସଦ ଓ ବିଧାୟକଙ୍କ ଗୋଷ୍ଠୀ ମଧ୍ୟରେ ଠେଲାପେଲା

ଏ ନେଇ ପାଟଣା ଥାନାରେ ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀଙ୍କୁ ସୁବ୍ରତ ଦ୍ୱିବେଦୀ ଓରଫ କାଠିଆ ଦ୍ୱିବେଦୀ ତାଙ୍କୁ ଗାଳିଗୁଲଜ ସହ ଜାତିଆଣ ଆକ୍ଷେପ କରିଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ୧୩୭/୨୬ ରେ ଏକ ମାମଲା ରୁଜୁ ହୋଇ ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଘଟଣାର ତଦନ୍ତ କରୁଥିବାବେଳେ ସୁବ୍ରତ ଦ୍ୱିବେଦୀ ମଧ୍ୟ ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ ଏବଂ ପ୍ରକାଶ ସେଠୀ ତାଙ୍କୁ ଗାଳି ଗୁଲଜ କରିଥିବା ନେଇ ପାଟଣା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ୧୩୮/୨୬ ରେ ମଧ୍ୟ ଆଉ ଏକ ମାମଲା ରୁଜୁ କରି ଉଭୟ ଅଭିଯୋଗର ତଦନ୍ତ ଚାଲିଥିବା ପାଟଣା ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ସୁବ୍ରତ ଦ୍ୱିବେଦୀ କୌଣସି ଜାତିଆଣ ଆକ୍ଷେପ କରି ନ ଥିବା କହିଥିବାବେଳେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଅଣାଯାଇଥିବା କହିଛନ୍ତି। ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପିର ଗୋଷ୍ଠୀ କନ୍ଦଳ ସହ ଠିକା କାର୍ଯ୍ୟକୁ ନେଇ ଏବେ ଧୀରେ ଧୀରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବିଶେଷକରି ବିଜେପିର ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ପାଟଣା ନିର୍ବାଚନ ମଣ୍ଡଳୀରେ ଲାଗି ରହିଥିବା ଗୋଷ୍ଠୀ କନ୍ଦଳ ଆଗକୁ ଆହୁରି ଉଗ୍ରରୂପ ନେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବିଜେପିର ପୁରୁଖା କର୍ମୀଙ୍କୁ ଅଣଦେଖା କରି ଅନ୍ୟଦଳର କର୍ମୀଙ୍କୁ କାମ ଦିଆ ଯାଇଥିବା ଅଭିଯୋଗ ଆଣିଛନ୍ତି ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ। ଏ ନେଇ ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ ଏହି ଦଳୀୟ କଥା ଦଳରେ କର୍ମୀଙ୍କ ମଧ୍ୟରେ ଭୁଲ ବୁଝାମଣା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ଉଭୟ ସାଂସଦ ଓ ବିଧାୟକଙ୍କ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳକୁ ନେଇ ପାଟଣା ନିର୍ବାଚନ ମଣ୍ଡଳୀ ଏବେ ଅଶାନ୍ତ ହେବାକୁ ଯାଉଥିବା ବେଳେ ଆଗକୁ ପଞ୍ଚାୟତ ନିର୍ବାଚନରେ ସ୍ଥିତି କ'ଣ ହେବ ସେ ନେଇ ଚର୍ଚ୍ଚା ବଢ଼ିଛି।

## ଶିମିଳିପାଳରେ ନିରନ୍ତର 'ଦମନ' କାର୍ଯ୍ୟକ୍ରମ

### ହ୍ରାସ ପାଇଛି ମ୍ୟାଲେରିଆ ପଜିଟିଭ୍

ଯଶିପୁର,୧୪।୯ (ସମିସ): ଯଶିପୁର ବ୍ଲକର ଦୁର୍ଗମ ଶିମିଳିପାଳ ବନାଞ୍ଚଳ ବେଷ୍ଟିତ ଗ୍ରାମ ହେଉ କି ସହର, ନିକଟବର୍ତ୍ତୀ ଗ୍ରାମ; ସବୁଠି ଏବେ ମ୍ୟାଲେରିଆ ମୁକ୍ତ ଦେଖିବାକୁ ଲାଗିଛି। କିଛିବର୍ଷ ଧରି ଯଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଶିମିଳିପାଳ ବନାଞ୍ଚଳ ସମେତ ୨୦୦ରୁ ଅଧିକ ଗ୍ରାମରେ ମ୍ୟାଲେରିଆ ପ୍ରାଦୁର୍ଭାବ ସମ୍ପୂର୍ଣ୍ଣ ନିର୍ମୂଳ ହୋଇଥିବାବେଳେ ଦୁଇତିନି ବର୍ଷ ହେଲା ପୁଣି ଏହାର ଆବିର୍ଭାବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ଚଳିତ ବର୍ଷ ବର୍ଷା ଓ ବନ୍ୟା ମ୍ୟାଲେରିଆ ବୃଦ୍ଧିର ସଂକେତ ଦେଇଛି।

ମିଳିଥିବା ସୂଚନା ମୁତାବକ, ବର୍ଷା ଋତୁ ପ୍ରାରମ୍ଭରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏକମାସ ଧରି ''ଦମନ' କାର୍ଯ୍ୟକ୍ରମ ଅଧୀନରେ ଶିମିଳିପାଳ ବନାଞ୍ଚଳ ସମେତ ୮୭ଟି ଗ୍ରାମରେ ଆର୍‌ଆର୍‌ଏସ୍ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ବିଭିନ୍ନ ଗ୍ରାମରେ ୫୦୦୦ ମ୍ୟାଲେରିଆ ପରୀକ୍ଷଣ କିଟ୍ ବଣ୍ଟନ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଲଗାଣ ବର୍ଷା ଓ ବିପର୍ଯ୍ୟସ୍ତ ରାସ୍ତାଘାଟ କାରଣରୁ ଶିମିଳିପାଳରେ ଧାର୍ଯ୍ୟ ୧୫ ଶିବିର ମଧ୍ୟରୁ ଅଧିକାଂଶ ସମ୍ପୂର୍ଣ୍ଣ ହୋଇଛି। ବିଦ୍ୟାଳୟ ଖୋଲିବା ପରେ ପରେ ବିଭାଗ ତରଫରୁ ସମସ୍ତ ଆବାସିକ ବିଦ୍ୟାଳୟ ସମେତ ୩୨ଟି ବିଦ୍ୟାଳୟରେ ୩୮୨୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୨ ଜଣଙ୍କ ପଜିଟିଭ ବାହାରିବାରୁ ସେମାନଙ୍କ ମ୍ୟାଲେରିଆ ଚିକିତ୍ସା କରାଯାଇଥିଲା। ମାର୍ଚ୍ଚରୁ ଅଗଷ୍ଟ ମ୍ୟାଲେରିଆ ପ୍ରବଣ ହୋଇଥିବା ଦୃଷ୍ଟିରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗ୍ରାମାଞ୍ଚଳର ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକଙ୍କୁ ନେଇ ତତ୍ପରତା ସହିତ କାମ କରିବାରେ ଲାଗିଛନ୍ତି ବୋଲି ସୂଚନା ଦେଇଛନ୍ତି। ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଅନୁସାରେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ମ୍ୟାଲେରିଆ ପ୍ରାଦୁର୍ଭାବ କମ୍ ରହିଛି। ଜୁଲାଇ ମାସରେ ''ଦମନ' କାର୍ଯ୍ୟକ୍ରମରେ ୩୯୦୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୨ ଜଣଙ୍କ ପଜିଟିଭ୍ ବାହାରିଥିଲା। ମ୍ୟାଲେରିଆପ୍ରବଣ ଗ୍ରାମ ଅସନବଣି, ବଡିରାବସା, ରାଉତଲା, ବଡ଼ରଞ୍ଜି, ସାନରଞ୍ଜି, କୋହ୍ଲା, ଗୋପୀନାଥପୁର, ବାଗଡେଗା, ଲେମ୍ବୁଗୋଡ଼ା, କୁଆଁରିବିଲ, ବିଲାପଦା, ଖଡ଼ିଆକୁଦୁରି ଆଦି ୧୫ଟି ଗ୍ରାମରେ ମ୍ୟାଲେରିଆ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇ ସମସ୍ତ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ଗତ ମାର୍ଚ୍ଚରେ ମ୍ୟାଲେରିଆ ପଜିଟିଭ୍ ୩୯ ଥିବାବେଳେ ଏଥର ୨୯, ଏପ୍ରିଲରେ ୪୭ ଜାଗାରେ ଏଥର ୫୧, ମେ ମାସରେ ୧୨୮ ଥିବାବେଳେ ଏଥର ୬୩, ଜୁନ୍‌ରେ ୧୦୭ ଥିବାବେଳେ ଏଥର ୪୦ ଓ ଗତ ଜୁଲାଇରେ ୭୨ ଥିବାବେଳେ ଏଥର ୨୮, ଗତ ଅଗଷ୍ଟରେ ୧୯ ଆକ୍ରାନ୍ତଙ୍କ ତୁଳନାରେ ଏଥର ହ୍ରାସପାଇ ୮ରେ ପହଞ୍ଚିଛି। ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତୃପ୍ତି ମୁଣ୍ଡାଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳରେ ଡେଙ୍ଗୁ ସଚେତନତା ରଥ ବୁଲି ଜନସାଧାରଣଙ୍କ ପାଇଁ ସତର୍କ ବାର୍ତ୍ତା ପ୍ରଚାର କରିଥିଲା। ଏହି ନିରନ୍ତର କାମ କରୁଥିବା ମ୍ୟାଲେରିଆ ନିୟନ୍ତ୍ରଣ ଅଧିକାରୀ ତରୁଣ ମହାନ୍ତ ସୂଚନା ଦେଇଛନ୍ତି।

## ରେମୁଣା ଗୋଲେଇରେ ଦୁର୍ଘଟଣା, ଜଣେ ମୃତ

ରେମୁଣା, ୧୪।୯ (ସମିସ): ଗତକାଲି ବିଳମ୍ବିତ ରାତିରେ ରେମୁଣା ଗୋଲେଇରେ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଛି। ଆଜି ରାତି ପ୍ରାୟ ୧୨ଟା ସମୟରେ ରେମୁଣା ଗୋଲେଇରେ ବାରିପଦା ଦିଗରୁ ଏକ କଣ୍ଟେନର ଟ୍ରକ କୁରୁଡ଼ା ଆଡ଼କୁ ଯାଉଥିବା ସମୟରେ ଏକ ବାଇକ ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ଉକ୍ତ କଣ୍ଟେନରର ଚକା ତଳେ ଚାପି ହୋଇ ଯାଇଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ସେଠାରେ ମଧ୍ୟ ରାତ୍ରି ଯାଏ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଟ୍ରାଫିକ ଜାମ ମଧ୍ୟ ଅଣାୟତ୍ତ ହୋଇଥିଲା। ଘଟଣାସ୍ଥଳରେ ଶିଳ୍ପାଞ୍ଚଳ ପୁଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହିତ ଘଟଣାର ତଦନ୍ତ କରିଥିଲା। ହେଲେ ମୃତକଙ୍କ ପରିଚୟ ମିଳିପାରିନଥିଲା। ଆଜି ଅଧିକ ତଦନ୍ତ କରି ପୁଲିସ ମୃତକଙ୍କ ପରିଚୟ ପାଇପାରିଚି। ମୃତକ ଜଣକ ହେଲେ ରେମୁଣା ବଡଗାଁ ଅଞ୍ଚଳର ଯାତ୍ରା ମାଲିକ କିଶୋର ମିଶ୍ରଙ୍କ ଭାଇ ରଞ୍ଜନ ମିଶ୍ର। ଏ ନେଇ ଶିଳ୍ପାଞ୍ଚଳ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ରେମୁଣା ଗୋଲେଇରେ କଡାକଡ଼ି ଟ୍ରାଫିକ ବ୍ୟବସ୍ଥା ପାଇ ବିଭିନ୍ନ ମହଲରେ ଦାବି ଜୋର ଧରିଛି, ନ ହେଲେ ଭବିଷ୍ୟତରେ ଆନ୍ଦୋଳନରେ ରୂପ ନେବ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ବୃଦ୍ଧ ମୃତ

ସୋର,୧୪।୯ (ସମିସ): ଖଇରା ଥାନା ଡାଲଙ୍ଗ ଗ୍ରାମରେ ଗାଈ ଚରାଇବାକୁ ଯାଇ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମାଖନପୁର ପଞ୍ଚାୟତ ଡାଲଙ୍ଗ ଗ୍ରାମର ଶଙ୍କର୍ଷଣ ସେଠୀ (୭୨) ଆଜି ସକାଳେ ଗାଈ ଚରାଇବାକୁ ଯାଇଥିବା ବେଳେ ମଧ୍ୟାହ୍ନ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ବିଲରେ ତାଙ୍କୁ ଅଚେତ ଅବସ୍ଥାରେ ଦେଖି ତୁରନ୍ତ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାନ ଚାଷ ପାଇଁ ଚାଷୀମାନେ ଷଣ୍ଢଙ୍କ ଦାଉରୁ ରକ୍ଷା ପାଇବାକୁ ବିଲରେ କରେଣ୍ଟ ବ୍ୟବହାର କରୁଛନ୍ତି।

ଏହି ବିଦ୍ୟୁତ ଆଘାତରେ ଶଙ୍କର୍ଷଣଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଡ଼ାକ୍ତରଖାନାରେ ପହଁଚି ଶବ ବ୍ୟବଛେଦ ପାଇଁ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଗଜାନନଙ୍କ ଆରାଧନା



ଆନନ୍ଦପୁର,୧୪।୯ (ସମିସ): ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଶ୍ରୀ ଗଜାନନଙ୍କ ପୂଜା ଭାବ ଓ ଭକ୍ତି ମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆନନ୍ଦପୁର ସହର ଆଜି ଚଳଚଞ୍ଚଳ ହୋଇଉଠିଛି। ସହରର ବିଭିନ୍ନ ପ୍ରତିଷ୍ଠିତ କ୍ଲବ୍ ପକ୍ଷରୁ ଗଜାନନଙ୍କ ପୂଜା ଧୂମଧାମରେ ପାଳନ କରାଯାଉଛି। ପ୍ରତିଯୋଗିତା ମୂଳକ ମନୋଭାବରେ ସମସ୍ତ କ୍ଲବ୍‌ର ପୂଜା ମଣ୍ଡପ ଗୁଡ଼ିକ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି।

ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଆକୃଷ୍ଟ କରିବା ପାଇଁ ତୋରଣ ସାଙ୍ଗକୁ ଗଜାନନଙ୍କ ଆକର୍ଷଣୀୟ ମୂର୍ତ୍ତି ବେଶ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ଆନନ୍ଦପୁର ସର୍ବପୁରାତନ, ତ୍ରିଶକ୍ତି କ୍ଲବ, ଫ୍ରେଣ୍ଡସ କ୍ଲବ, ସ୍ୱାଇସ କ୍ଲବ, ଫକୀରପୁର ଛକ ଗଣେଶ, ସୁଡୁସୁଡ଼ିଆ ଛକ ଗଣେଶ କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ସେହିପରି ଘସିପୁରାର ସାର୍ବଜନୀନ ଗଣେଶ ପୂଜା, ଡ୍ରିମ୍ସ କ୍ଲବ ଗଣେଶ ପୂଜା ପାଇଁ ସମସ୍ତ ପୂଜା ମଣ୍ଡପ ଗୁଡ଼ିକରେ ଆକର୍ଷଣୀୟ ମେଢ଼ ଦେଖିବାକୁ ମିଳିଛି। ସହରର ସମସ୍ତ କ୍ଲବ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ଏହା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ, ବେସରକାରୀ ଅନୁଷ୍ଠାନରେ ଗଣେଶ ପୂଜା ବହୁ ଯାକଜମକରେ ପାଳନ କରାଯାଉଛି। ଗଣେଶ ପୂଜା ପାଇଁ ଛାତ୍ରଛାତ୍ରୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ସହରର ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଏବଂ ମୂର୍ତ୍ତି ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି।

## ଗଛରେ ପିଟି ହୋଇ ବାଇକ୍ ଆରୋହୀ ଗୁରୁତର


ନୀଳଗିରି, ୧୪।୯ (ସମିସ): ନୀଳଗିରି ସହର ଦେଇ ଯାଇଥିବା ୧୯ ନଂ ରାଜ୍ୟ ରାଜପଥର ଘାଟଘରସାହି ଛକ ନିକଟରେ ସୋମବାର ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଏକ ଗଛକୁ ବାଡେଇଥିଲେ। ଫଳରେ ବାଇକ ଆରୋହୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ କଟକର ଅଶ୍ୱିନୀ ମେଡିକାଲକୁ ପରିବାର ଲୋକେ ନେଇ ଥିବାର ଜଣାପଡିଛି। ନୀଳଗିରି ଏନ୍.ଏ.ସି ର ବରିସାହି ଗ୍ରାମର ବୈଷ୍ଣବ ବୈଠାର ପୁଅ ମାନୁ ବୈଠା ନିଜ ବାଇକ୍‌ରେ ଦୁଇ ସାଙ୍ଗକୁ ବସାଇ ସଜନାଗଡ଼ ଆଡୁ ନୀଳଗିରି ଆସୁଥିବାବେଳେ ଘାଟଘର ସାହି ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା।

## ଯୋଡ଼ା ଖଣି ଅଞ୍ଚଳରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା

ଯୋଡ଼ା,୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଧୁମଧାମରେ ଗଣେଶ ପୂଜା ପାଳିତ ହେଉଛି। ଏହାକୁ ନେଇ ଯୋଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳରେ ଉତ୍ସବମୁଖର ହୋଇଛି। ସହରର ବିଭିନ୍ନ ଅନୁଷ୍ଠାନ, କ୍ଲବ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବିଦ୍ୟାଳୟରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଚାଲିଛି। ବିଭିନ୍ନ ପୂଜା ମଣ୍ଡପକୁ ଆଲୋକମାଳାରେ ସଜାଯାଇଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, ଯୁବପିଢ଼ି, ବୟସ୍କ ଓ ଗୃହିଣୀମାନେ ମଧ୍ୟ ପୂଜାରେ ସାମିଲ ହେଉଛନ୍ତି। ଯୋଡ଼ା ବନେଇକଳାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗଣେଶ ପୂଜାକୁ ନେଇ ବିଶେଷ ଆୟୋଜନ କରାଯାଇଛି। ଏଠାରେ ପୂଜା ସହ ମେଳା ଆୟୋଜିତ ହେଉଥିବା ବେଳେ ଏହା ୧୨ ଦିନ ଧରି ଚାଲିବ। ଏଥିସହ ୧୩ ଫୁଟ ଉଚ୍ଚର ପ୍ରଭୁ ଶ୍ରୀଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ମୁଖ୍ୟ ଆକର୍ଷଣ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ମେଳାରେ ମୀନାବଜାର, ବିଭିନ୍ନ ପ୍ରକାର ଦୋଳି ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀର ଷ୍ଟଲ ଖୋଲାଯାଇଛି। ଏହି ମେଳା ଯୋଡ଼ା ସହର ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିବ ବୋଲି କମିଟି ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଗଣେଶ ପୂଜାକୁ ନେଇ ବିଭିନ୍ନ ପୂଜାମଣ୍ଡପରେ ଭକ୍ତଙ୍କ ସମାଗମ ସହ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେଉଛି। ଫଳରେ ଯୋଡ଼ା ସହରରେ ପୂଜାର ପରିବେଶ ଅଧିକ ଚଳଚଞ୍ଚଳ ହୋଇଉଠିଛି।



## ବୈତରଣୀରେ ନୂତନ ସେତୁ ନିର୍ମାଣ ପ୍ରସଙ୍ଗ | ୩୦ ଲକ୍ଷ ଟଙ୍କାର ବାଲି ଡିଲ୍ !



ଆନନ୍ଦପୁର,୧୪।୯ (ସମିସ): ଆନନ୍ଦପୁର ଠାରେ ନୂତନ ଭାବେ ବୈତରଣୀ ନଦୀରେ ନିର୍ମାଣାଧୀନ ସେତୁରେ ବ୍ୟବହାର ହୋଇଥିବା ବାଲିର ପରିମାଣକୁ ରଫା ଦଫା କରିବାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବୈତରଣୀ ନଦୀର ବାଲୁକା ଶଯ୍ୟାରେ ସେତୁର ନିର୍ମାଣ କାର୍ଯ୍ୟ ହେଉଥିବାରୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବା ବାଲିର ପରିମାଣ କିଏ ଆକଳନ କରିଛି ସେ ନେଇ ପ୍ରଶାସନିକସ୍ତରରେ ତଦନ୍ତ ପାଇଁ ଦାବି ହୋଇଛି। ତେବେ ଏହି କାରବାରରେ ଏକ ବଡ଼ଧରଣର ଡିଲ୍ ଚର୍ଚ୍ଚାକୁ ଆସିଛି। କୁଆଡ଼େ ୩୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିବା କଥା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବାଲିର ରୟାଲଟିକୁ ଫାଙ୍କିବା ଏବଂ ବାଲିରୁ ବଡ଼ ଧରଣର ମୁନାଫା କମାଇବା ପାଇଁ ଏହି ଡିଲ୍ ହୋଇଛି। ସେତୁ ନିର୍ମାଣ କାର୍ଯ୍ୟରେ ପାଖାପାଖି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଲି ବ୍ୟବହାର ହୋଇଥିବାବେଳେ ଏହାର ରୟାଲଟି ପେପର ଚାଞ୍ଚକତାପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ଠାରୁ ବାଲିର ଅର୍ଥ ହାସଲ କରି ଟଙ୍କା ହଡ଼ପ କରାଯିବା ଭଳି ଯୋଜନା କରାଯାଉଥିବା ଚାରିଆଡେ ଚର୍ଚ୍ଚା ହେଉଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଏଷ୍ଟିମେଟ୍ ଆଧାରରେ ସେତୁ ନିର୍ମାଣରେ ବ୍ୟବହାର ହୋଇଥିବା ବାଲି ଏବଂ ବାଲି ବାବଦକୁ ରୟାଲଟି ପେପରକୁ ତଦାରଖ କରାଗଲେ ପ୍ରକୃତ ଗୁମର ଫିଟିବ ବୋଲି ପୂର୍ବତନ କାଉନସିଲର ମଦନ ମୋହନ ପାଣି ଦାବି କରିଛନ୍ତି।

## ଆକାଶରେ ବିରଳ ଦୃଶ୍ୟ, ଚନ୍ଦ୍ର ପଛରେ ଶୁକ୍ର



ତୁରୁମୁଙ୍ଗା,୧୪।୯ (ସମିସ): ସନ୍ଧ୍ୟା ଆକାଶରେ ଦେଖିବାକୁ ମିଳିଲା ମନୋମୁଗ୍ଧକର ତଥା ବିରଳ ଦୃଶ୍ୟ। ଜହ୍ନର ନିକଟରେ ଉଜ୍ଜ୍ୱଳ ଶୁକ୍ର ଗ୍ରହ ଦୃଶ୍ୟମାନ ହୋଇଥିଲା। ପାଟଣା ବ୍ଲକ ତୁରୁମୁଙ୍ଗା ସମେତ ଏହାର ଆଖପାଖ ଅଞ୍ଚଳରେ ଆଜି ସନ୍ଧ୍ୟାରେ ଆକାଶକୁ ଚାହିଁ ଲୋକେ ଏହି ସୁନ୍ଦର ଦୃଶ୍ୟର ସାକ୍ଷୀ ହୋଇଥିଲେ। ଜହ୍ନର ନିକଟରେ ଶୁକ୍ର ଗ୍ରହର ଉଜ୍ଜ୍ୱଳ ଆଭା ଆକାଶକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି ମନୋମୁଗ୍ଧକର ଦୃଶ୍ୟକୁ ଅନେକେ ନିଜ ମୋବାଇଲ କ୍ୟାମେରାରେ କଏଦ କରୁଥିବା ଦେଖିବାକୁ ମିଳିଥିଲା।

## ଗାଧୋଇବାକୁ ଯାଇ ନଦୀରେ ଭାସିଗଲେ ଦମ୍ପତି

ବାଲିଚନ୍ଦ୍ରପୁର,୧୪।୯ (ସମିସ): ବାଲିଚନ୍ଦ୍ରପୁର ଥାନା ଅଧୀନ ସାଉଡିଆ ପଞ୍ଚାୟତ ଅନ୍ତର୍ଗତ ବାଲିକୁଦା ଗ୍ରାମର ସୁଧାକର ଓଝା (୫୫) ଏବଂ ତାଙ୍କର ପତ୍ନୀ ସୁଲୋଚନା ଓଝା (୫୦) ଘର ନିକଟସ୍ଥ ଗେଙ୍ଗୁଟି ନଦୀକୁ ସକାଳୁ ସକାଳୁ ଶୌଚ ହେବାପାଇଁ ଯାଇ ନଦୀର ପ୍ରଖର ସ୍ରୋତରେ ଉଭୟ ନିଖୋଜ ହୋଇଯାଇଛନ୍ତି। ସେମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁତ୍ ଖୋଜାଖୋଜି କରିବା ପରେ ନଦୀ ତୁଠକୁ ଆସି ତାଙ୍କର ଲୁଗା ପଟା, ବାଲ୍‌ଟି, ଚପଲ ଆଦି କୂଳରେ ରହିଥିବା ଦେଖିବାକୁ ପାଇଥିଲେ। ସେମାନେ ନଦୀରେ ଭାସିଯାଇଥିବା ସନ୍ଦେହ ପ୍ରକାଶ କରି ବାଲିଚନ୍ଦ୍ରପୁର ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା।

### ଗୁରୁତର ପତ୍ନୀ ଉଦ୍ଧାର, ସ୍ୱାମୀଙ୍କ ପତ୍ତା ମିଳୁନି

ଖବର ପାଇ ବାଲିଚନ୍ଦ୍ରପୁର ପୁଲିସ ଓ ବଡଚଣା, ବରୀରୁ ଦୁଇଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଦିନ୧୦ ସମୟରେ ପ୍ରାୟ ୧୦ କିଲୋମିଟର ଦୂର କେନ୍ଦ୍ରପଡା ଜିଲ୍ଲାର ଛୋଟି (ପଲ୍ଲୀ) ନିକଟରେ ନଦୀ ପାର୍ଶ୍ୱରେ ବେଣା ବୁଦା ପାଖରେ ଗୋଟିଏ ସ୍ତ୍ରୀ ଲୋକ ପଡିରହିଥିବା ଖବର ମିଳିବା ପରେ ପରିବାର ଲୋକେ ତୁରନ୍ତ ସେଠାରେ ପହଞ୍ଚି ମୁମୂର୍ଷ ଅବସ୍ଥାରେ ଥିବା ସୁଲୋଚନାକୁ ଉଦ୍ଧାର କରି ଇନ୍ଦୁପୁର ଓ ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସୁଲୋଚନା ଏବେ କଟକରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଅଗ୍ନିଶମ ବାହିନୀ ଦୁଇଦଳ ବାଲିକୁଦା ଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ସୁଧାକରଙ୍କୁ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।


## ରେଳ ଧାରଣାରୁ ଖଣ୍ଡ ବିଖଣ୍ଡିତ ଶବ ଉଦ୍ଧାର

ସୋର,୧୪।୯ (ସମିସ): ସୋର ରେଳ ଷ୍ଟେସନ ଅନତି ଦୂର ଲିଙ୍ଗପଡା ଫାଟକ ନିକଟରେ ଜଣେ ବୃଦ୍ଧଙ୍କ ଖଣ୍ଡବିଖଣ୍ଡିତ ମୃତ ଦେହ ରେଳ ଧାରଣାରୁ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ଗତକାଲି ରାତିରେ କୌଣସି ଏକ ଟ୍ରେନ ଧକାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଆଜି ସକାଳେ ଏ ବାବଦରେ ଖବର ପାଇ ସୋର ଆରପିଏଫ ଓ ବାଲେଶ୍ୱର ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଥିବା ଜଣାପଡିଛି।

## ଉଦ୍‌ଘାଟନର ୩ ମାସ ପରେ ବି ଥାନାରେ ଝୁଲୁଛି ତାଲା

ବ୍ରହ୍ମବରଦା,୧୪।୯ (ସମିସ): ବହୁ ପ୍ରତୀକ୍ଷା ପରେ ନିର୍ମିତ ବ୍ରହ୍ମବରଦା ନୂତନ ଥାନା ଗୃହ ଉଦଘାଟନ ହୋଇ ତିନି ମାସ ବିତିଗଲାଣି, କିନ୍ତୁ ଏ ପର୍ଯ୍ୟନ୍ତ ନୂଆ ଗୃହରେ ଥାନା କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ଫଳରେ ସରକାରଙ୍କ ପ୍ରତିଶ୍ରୁତି ଏବେ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରତାରଣା ପାଲଟିଛି ବୋଲି ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଗତ ଜୁନ ୪ ତାରିଖ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ତାଳବଣିଆ ଠାରୁ ଭର୍ଚୁଆଲ ମାଧ୍ୟମରେ ବ୍ରହ୍ମବରଦା ନୂତନ ଥାନା ଗୃହକୁ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। ସେହି ଦିନ ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ଫିତା କାଟି ଔପଚାରିକ ଗୃହ ପ୍ରବେଶ କରିଥିଲେ। ଉଦଘାଟନ ସମୟରେ ଉପସ୍ଥିତ ପୋଲିସ ଅଧିକାରୀମାନେ କହିଥିଲେ ଯେ, ଏହି ଅତ୍ୟାଧୁନିକ ଥାନା ଗୃହରେ ଅପରାଧ ନିୟନ୍ତ୍ରଣ, ମହିଳା ସୁରକ୍ଷା, ଶିଶୁ ସହାୟତା ଡେସ୍କ, ସାଇବର ହେଲ୍ପ ଡେସ୍କ, ସିସିଟିଭି ସର୍ଭିଲାନ୍ସ, ଅନଲାଇନ ଏଫଆଇଆର, ସ୍ୱାଗତ କକ୍ଷ ଏବଂ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ ଭଳି ସମସ୍ତ ସୁବିଧା ଲୋକଙ୍କୁ ହାତ ପାହାନ୍ତାରେ ମିଳିବ। ଥାନା ଅଧୀନ ୯ଟି ପଞ୍ଚାୟତର ଲୋକେ ଏହାକୁ ନେଇ ବେଶ ଆଶାବାଦୀ ଥିଲେ।କିନ୍ତୁ ୩ ମାସ ବିତିଯାଇଥିଲେ ମଧ୍ୟ ନୂଆ ଗୃହର ତାଲା ଖୋଲୁନାହିଁ। ଅନେକ କାମ ଅଧା ପଡ଼ିଥିବା ଚର୍ଚ୍ଚା ହେଉଛି। ଯଦି କାମ ସରି ନ ଥିଲା, ତେବେ ଏତେ ତରବରିଆ ଭାବେ ଉଦଘାଟନ କାହିଁକି କରାଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।ଫଳରେ ଏବେ ବି ପୁରୁଣା ଜରାଜୀର୍ଣ୍ଣ ଗୃହରେ ଥାନା ଚାଲିଛି, କର୍ମଚାରୀ ଅଭାବ ସମସ୍ୟା ଲାଗି ରହିଛି ଏବଂ ଲୋକେ ହନ୍ତସନ୍ତ ହେଉଛନ୍ତି। କୋଟି କୋଟି ଟଙ୍କା ବ୍ୟରେ ନିର୍ମିତ ନୂଆ ଥାନା ଗୃହ ଏବେ କେବଳ ମୂକସାକ୍ଷୀ ପାଲଟିଛି।







## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନା କରିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଉଧାର ଟଙ୍କା ଫେରି ପାଇବେ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦେବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ନୂତନ ଜମି କ୍ରୟ କରିପାରନ୍ତି।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ। ଘରେ ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟାର ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

## ଆଜିର ଐତିହ୍ୟ

- ୧୮୭୬- ବଙ୍ଗଳା ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ।
- ୧୯୫୯- ଦୂରଦର୍ଶନର ପ୍ରସାରଣ ସେବା ଆରମ୍ଭ ହେଲା।
- ୧୯୯୭- ଗୁଗଲ୍ ଡଟ୍‌କମ୍ ଡୋମେନ୍ ନେମ୍ ଭାବେ ପଞ୍ଜୀକୃତ ହେଲା।
- ୨୦୦୮- ଆମେରିକାର ସବୁଠୁ ବଡ଼ ବ୍ୟାଙ୍କ ଲେହମ୍ୟାନ୍ ବ୍ରଦର୍ସ ନିଜକୁ ଦେବାଳିଆ ଘୋଷଣା କଲା।

# ଇଞ୍ଜିନିୟର୍ସ ଡେ



ଆଜି ଇଞ୍ଜିନିୟର ଦିବସ। ଦେଶର ବିକାଶ ଏବଂ ପ୍ରଗତିରେ ଇଞ୍ଜିନିୟରମାନଙ୍କର ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବାର ଏକ ସ୍ୱତନ୍ତ୍ର ଅବସର। ଏହି ଦିନ ମହାନ ଇଞ୍ଜିନିୟର ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କର ଜନ୍ମ ଜୟନ୍ତୀ। ତାଙ୍କର ଦେଶପ୍ରେମ ଏବଂ ଅସାଧାରଣ ବୈଷୟିକ ଜ୍ଞାନକୌଶଳକୁ ମନେ ପକାଇବା ପାଇଁ ୧୯୬୮ ମସିହାରୁ ଭାରତ ସରକାର ଏହି ଦିନକୁ 'ଇଞ୍ଜିନିୟର୍ସ ଡେ' ଭାବେ ଘୋଷଣା କରିଥିଲେ। ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା ଭାରତର ଜଣେ ମହାନ ଇଞ୍ଜିନିୟର, ଦକ୍ଷ ପ୍ରଶାସକ ଏବଂ ଆଧୁନିକ ମହିଶୂରର ନିର୍ମାତା ଥିଲେ। ଦେଶ ଗଠନରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭାରତର "ଆଧୁନିକ ଇଞ୍ଜିନିୟରିଂର ଜନକ" ଭାବେ ଗଣନା କରାଯାଏ। ଦେଶର ପ୍ରଥମ ସିଭିଲ୍ ଇଞ୍ଜିନିୟର ଭାବେ ସେ ପରିଚିତ। କାବେରୀ ନଦୀ ଉପରେ ପ୍ରସିଦ୍ଧ କୃଷ୍ଣରାଜ ସାଗର ବନ୍ଧ ନିର୍ମାଣ ସେ କରିଥିଲେ। ପାଣି ରୋକିବା ପାଇଁ ସ୍ୱୟଂଚାଳିତ ଫ୍ଲଡ୍ ଗେଟ୍‌ର ଡିଜାଇନ୍ କରିଥିଲେ। ହାଇଦ୍ରାବାଦ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସେ ସ୍ୱତନ୍ତ୍ର ପ୍ଲାନିଂ କରିଥିଲେ। ଦେଶ ଗଠନରେ ତାଙ୍କର ଅସାଧାରଣ ଅବଦାନ ପାଇଁ ୧୯୫୫ ମସିହାରେ ତାଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ତାଙ୍କରି ସ୍ମୃତି ଓ ଜନ୍ମ ଜୟନ୍ତୀକୁ ସମ୍ମାନ ଜଣାଇ ପ୍ରତିବର୍ଷ ସେପ୍ଟେମ୍ବର ୧୫ କୁ ଭାରତରେ ଇଞ୍ଜିନିୟର୍ସ ଡେ' ଭାବେ ପାଳନ କରାଯାଏ। ସମାଜରେ ଇଞ୍ଜିନିୟରିଂ କ୍ଷେତ୍ରର ଗୁରୁତ୍ୱ ବୁଝାଇବା ଏବଂ ଆଜିର ଯୁବପିଢ଼ିକୁ ନବସୃଜନ ତଥା ଦେଶ ଗଠନ ପାଇଁ ଉତ୍ସାହିତ କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଏହି ଦିନରେ ସାରା ଦେଶର ବିଭିନ୍ନ ସ୍କୁଲ, କଲେଜ ଏବଂ ଆଇଟି କମ୍ପାନିଗୁଡ଼ିକରେ ପ୍ରଦର୍ଶନୀ, ସେମିନାର ଏବଂ ବୈଷୟିକ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି-"ନବସୃଜନ ଏବଂ ଡିଜିଟାଲାଇଜେସନ୍ ମାଧ୍ୟମରେ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସ୍ମାର୍ଟ ଇଞ୍ଜିନିୟରିଂ।"

# 'ନୟୀ ନଭେଲି'ର ଟିଜର୍ ରିଲିଜ୍



ବଲିଉଡ୍‌ର ଅନ୍ୟତମ ପ୍ରତିଭାଶାଳୀ ଅଭିନେତ୍ରୀ ୟାମୀ ଗୌତମ ପୁଣିଥରେ ବଡ଼ ପରଦାରେ ଦର୍ଶକଙ୍କ ହୃଦୟ ଜିତିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସସପେନ୍ସ, ଥ୍ରୀଲର ଏବଂ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରି ପ୍ରଶଂସା ସାଉଁଟିଥିବା ୟାମୀ, ଏଥର ଏକ ଭିନ୍ନ ରୂପରେ ନଜର ଆସିଛନ୍ତି। ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ନୟୀ ନଭେଲି' ର ଟିଜର୍ ରିଲିଜ୍ ହେବା ପରେ ଏବେ ସିନେପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ଦ୍ୱିଗୁଣିତ ହୋଇଯାଇଛି। ଟିଜର୍‌ର ଆରମ୍ଭ ଏକ ସାଧାରଣ ଭାରତୀୟ ପରିବାରରୁ ହେଉଛି। ଘରକୁ ନୂଆ ବୋହୂ ହୋଇ ଆସୁଛନ୍ତି ମୋହିନୀ(ୟାମୀ)। ପ୍ରଥମ ଦେଖାରେ ଜଣେ ଶାନ୍ତ, ସୁଶୀଳ ଏବଂ ସଂସ୍କାରୀ ବୋହୂ ଭଳି ମନେହେଉଥିବା ମୋହିନୀଙ୍କ ଭିତରେ କିନ୍ତୁ ଏକ ବଡ଼ ରହସ୍ୟ ଲୁଚି ରହିଛି। ସେ କେବଳ ଜଣେ ସାଧାରଣ ବୋହୂ ନୁହନ୍ତି, ବରଂ ତାଙ୍କର ଏକ ଭୟଙ୍କର ରୂପ ମଧ୍ୟ ରହିଛି, ଯାହା ଧୀରେ ଧୀରେ ପରିବାର ସାମ୍ନାକୁ ଆସୁଛି। ଟିଜର୍‌କୁ ସବୁଠୁ ଆକର୍ଷଣୀୟ କରିଛି ଏହାର ଦମଦାର୍ ସଂଳାପ। ଯେତେବେଳେ ୟାମୀ ବହୁତ ସହଜ ଏବଂ ରହସ୍ୟମୟ ଢଙ୍ଗରେ କୁହନ୍ତି– "୨ଟା ଡାହାଣୀ, ୩ଟା ପିଶାଚ ଏବଂ ୪ଟା ଭୂତ ସକାଳ ଜଳଖିଆରେ ଖାଉଥିବା ଡାହାଣୀ ଏବେ ପ୍ରସ୍ତୁତ...", ସେତେବେଳେ ୟାମୀଙ୍କର ଏହି ଭୟଙ୍କର ଅନ୍ଦାଜ କାହାଣୀକୁ ଏକ ନୂଆ ମୋଡ଼ ଦେଉଥିବା ସ୍ପଷ୍ଟ ଜଣାପଡୁଛି। ବଲିଉଡ୍‌ରେ ବର୍ତ୍ତମାନ ହରର୍-କମେଡି ଚଳଚ୍ଚିତ୍ରର ଧାରା ଚାଲିଥିବାବେଳେ 'ନୟୀ ନଭେଲି' ମଧ୍ୟ ସେହି ଧାରାରେ ଏକ ବଡ଼ ଧମାକା କରିବାକୁ ଯାଉଛି। ଫିଲ୍ମରେ ମୋହିନୀ ସତରେ ଜଣେ ଡାହାଣୀ ନା ଏହା ପଛରେ ଅନ୍ୟ କୌଣସି ରହସ୍ୟ ରହିଛି, ତାକୁ ନେଇ କାହାଣୀ ଗତିଶୀଳ ହେବ। ୟାମୀଙ୍କର ଏହି ବହୁମୁଖୀ ଚରିତ୍ର ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ବୋଲି ଆଶା କରାଯାଉଛି।

# ପ୍ରତିଶୋଧ ପାଇଁ ନିର୍ମାଣ ହେଲା ବିଶ୍ୱର ସବୁଠୁ ସଂକୀର୍ଣ୍ଣ ଅଟ୍ଟାଳିକା

ଭାଇ-ଭାଇ ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ, ମାର୍‌ପିଟ୍ ଦେଖିଥିବେ। ହେଲେ ଲେବନାନ୍‌ର ରାଜଧାନୀ ବୈରୁତରେ ଜଣେ ଭାଇ ପ୍ରତିଶୋଧ ନେବାକୁ ଯାଇ ଏକ ଅଦ୍ଭୁତ ସ୍ଥାପତ୍ୟ ନିର୍ମାଣ କରିଛନ୍ତି ଯାହା ସଭିଙ୍କୁ ଚକିତ କରିଛି। ସେ ୧୨୦ ବର୍ଗ ମିଟର ଜମିରେ ବହୁତ ପତଳା ଅଟ୍ଟାଳିକାଟିଏ ନିର୍ମାଣ କରିଛନ୍ତି। ଏହାକୁ କେହି ଦେଖିଲେ ପ୍ରଥମେ ଏକ ପତଳା କାନ୍ଥ ବୋଲି ଭାବିବେ। ସ୍ଥାନୀୟ ଲୋକେ ଏହାକୁ 'ଦ ଗ୍ରଜ୍' ଅର୍ଥାତ୍ 'ଅଲ୍ ବଅସା' କୁହନ୍ତି। ଆରବୀ ଭାଷାରେ ଏହାର ଅର୍ଥ ପ୍ରତିଶୋଧ ନେବାକୁ ବୁଝାଏ। ଏହା ବିଶ୍ୱର ସବୁଠୁ ପତଳା ଅଟ୍ଟାଳିକା ଭାବେ ଜଣାଯାଏ। ଏହା ବାହାରୁ ବିଳାସମୟ ଅଟ୍ଟାଳିକା ଭଳି ଦୃଶ୍ୟମାନ ହେଲେ ମଧ୍ୟ ଭିତରକୁ ପ୍ରବେଶ ଅତ୍ୟନ୍ତ କଷ୍ଟକର। ଏହି ଅଟ୍ଟାଳିକାର କାହାଣୀ ୧୯୫୪ ମସିହାରେ ଆରମ୍ଭ ହୋଇଥିଲା। ଦୁଇ ଭାଇ ତାଙ୍କ ପିତାଙ୍କଠାରୁ ଉତ୍ତରାଧିକାରୀ ଭାବେ ଏକ ଜମି ପାଇଥିଲେ। ଭାଗବଣ୍ଟା ସମୟରେ ସମୁଦ୍ରକୂଳରେ ଜଣେ ଭାଇ ବଡ଼, ମୂଲ୍ୟବାନ ଜମି ପାଇଥିବାବେଳେ, ଅନ୍ୟ ଜଣକ ଛୋଟ, ସଂକୀର୍ଣ୍ଣ ଜମି ପାଇଥିଲେ। ଛୋଟ ଜମି ପାଇଥିବା ଭାଇ ଜମିବଣ୍ଟାରେ ସନ୍ତୁଷ୍ଟ ନଥିଲେ। ଏହି ସଂକୀର୍ଣ୍ଣ ସ୍ଥାନକୁ ସେ ବ୍ୟବହାର କରିପାରିବେନି ବୋଲି ଭାବିଥିଲେ। ତେଣୁ ସେ ଭାଇଠୁ ପ୍ରତିଶୋଧ ନେବା ଏବଂ ଈର୍ଷା ପରାୟଣ ହୋଇ, ତାଙ୍କ ଭାଇଙ୍କୁ ମିଳିଥିବା ଜମି ସମ୍ମୁଖରେ ୧୪ ମିଟର ଉଚ୍ଚ ଏକ ସଂକୀର୍ଣ୍ଣ କୋଠା ନିର୍ମାଣ କଲେ। ଏକମାତ୍ର ଉଦ୍ଦେଶ୍ୟ ଥିଲା ଭାଇ ଜମିରୁ ଦୃଶ୍ୟମାନ ହେଉଥିବା ସମୁଦ୍ର ଦୃଶ୍ୟକୁ ଅବରୋଧ କରିବା। ସମୁଦ୍ର ଦେଖା ନ ଗଲେ ସେହି ଜମିଟି ମୂଲ୍ୟହୀନ ହୋଇଯିବ ବୋଲି ଭାବିଲେ। ଏହି ଅଟ୍ଟାଳିକାଟି ସଂକୀର୍ଣ୍ଣ ସ୍ଥାନରେ ୬୦ ସେଣ୍ଟିମିଟର ଚଉଡ଼ା ଏବଂ ଚାରିମିଟର ଗଭୀରରେ ନିର୍ମିତ। ସାମ୍ନାରୁ, ଏଥିରେ ବାଲକୋନି ଝରକା ଦୃଶ୍ୟମାନ ଥିବାରୁ ଦୂରରୁ ଏହା ସାଧାରଣ ବଡ଼ ଘର ପରି ଦେଖାଯାଏ। ହେଲେ ଭିତରୁ ଏହା ଆଶ୍ଚର୍ଯ୍ୟଜନକ। ପ୍ରତିଫ୍ଲୋରରେ ଦୁଇଟି ଲେଖାଏଁ, ଆପାର୍ଟମେଣ୍ଟ ରହିଛି। କୋଠରୀଗୁଡ଼ିକ ଲମ୍ବା, ସଂକୀର୍ଣ୍ଣ ଗ୍ୟାଲେରୀ ଦ୍ୱାରା ସଂଯୁକ୍ତ। କୋଠାଟି ସଂକୀର୍ଣ୍ଣ ହେବା ସହିତ, କୋଠରୀଗୁଡ଼ିକ ଛୋଟ। ପ୍ରତ୍ୟେକ କୋଠରୀରେ ଦୁଇଟି ଝରକା ଥିବାବେଳେ ଗୋଟିଏ ଭାଇ ପ୍ଲଟ୍ ଆଡ଼କୁ ମୁହଁ କରିଥିବାବେଳେ, ଅନ୍ୟଟି ସମୁଦ୍ରର ମନୋରମ ଦୃଶ୍ୟ ପ୍ରଦାନ କରେ। ଅଟ୍ଟାଳିକାଟି ବ୍ୟବହାର ଯୋଗ୍ୟ ନହେଲେ ମଧ୍ୟ ବର୍ତ୍ତମାନର ମାଲିକ ଏହାକୁ ଭାଙ୍ଗିବାକୁ ଚାହୁଁନାହାନ୍ତି। ଏହା ଏତେ ଛୋଟ ଯେ ଭାଙ୍ଗିଲେ ମଧ୍ୟ ଏହି ସ୍ଥାନରେ କିଛି ନିର୍ମାଣ ହୋଇପାରିବ ନାହିଁ।





# ଗୋଟିଏ ଜମିରେ ବିବିଧ ଫସଲ

**ଅଧୁନା ଶିକ୍ଷିତ ଯୁବପିଢ଼ି ଚାକିରି ଆଶାରେ ଗାଁ ଛାଡ଼ି ସହରମୁହାଁ ହେଉଛନ୍ତି। ହେଲେ ଉତ୍ତରାଖଣ୍ଡ, ବାଗେଶ୍ୱର ଅନ୍ତର୍ଗତ ଚୌରସୋ ଗାଁ'ର ଚନ୍ଦ୍ରଶେଖର ପାଣ୍ଡେ ଚାକିରି ଛାଡ଼ି ଆଧୁନିକ କୃଷି ପ୍ରଣାଳୀକୁ ଆପଣାଇଛନ୍ତି। ସେ ଗୋଟିଏ ଜମିରେ ବିବିଧ ଫସଲ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ଦୀର୍ଘ ବର୍ଷର ଚାକିରି ଜୀବନକୁ ତୁଚ୍ଛକରି ଚନ୍ଦ୍ରଶେଖର ଗାଁ'ରେ ବିବିଧ ଫସଲ ଚାଷ କରୁଛନ୍ତି। ସେ ୧.୫ ଏକର ଜମିରେ କଳା ଚାଉଳ, କଳା ଗହମ, ପନିପରିବା, ଡାଲି ଏବଂ ଔଷଧୀୟ ଫସଲ ଚାଷ କରୁଛନ୍ତି। ବିବିଧ ଫସଲ ଚାଷ ଦ୍ୱାରା ଜମିର ଉର୍ବରତା ବୃଦ୍ଧି ପାଇଥାଏ। କମ୍ ଖର୍ଚ୍ଚରୁ ଅଧିକ ଲାଭ ମିଳିଥାଏ। ସେହିପରି ଥଣ୍ଡା ଜଳବାୟୁ ଏବଂ ଉର୍ବର ମାଟିକୁ ଉପଯୋଗ କରି ଚନ୍ଦ୍ରଶେଖର ରଙ୍ଗୀନ କୋବି ମଧ୍ୟ ଚାଷ କରୁଛନ୍ତି। ରଙ୍ଗୀନ କୋବିର ଦାମ ଅଧିକ ଥିବାରୁ ଏଥିରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ଗୋଟିଏ ଜମିରେ ବିବିଧ ଫସଲ ଚାଷ ଯୋଗୁଁ ଚନ୍ଦ୍ରଶେଖରଙ୍କୁ ବର୍ଷସାରା କେବଳ ଗୋଟିଏ ଫସଲ ଉପରେ ନିର୍ଭର ରହିବାକୁ ପଡ଼େନାହିଁ। ଗୋଟିଏ ଫସଲ କ୍ଷତି ହେଲେ ଅନ୍ୟ ଫସଲରୁ ତାଙ୍କୁ ଲାଭ ମିଳି ଯାଇଥାଏ। ଏନେଇ ଚନ୍ଦ୍ରଶେଖର କୁହନ୍ତି, ଆଧୁନିକ କୌଶଳ, ନୂତନ ଫସଲ, ସଠିକ ଯୋଜନା ଏବଂ ବିକ୍ରି ସୁବିଧା ଦ୍ୱାରା ଚାଷକାର୍ଯ୍ୟରୁ ଲାଭ ମିଳିପାରିବ।





# ବନ୍ୟା ପରେ ମାଛ ପୋଖରୀର ଯତ୍ନ



ଆମ ରାଜ୍ୟରେ ଅନେକ ସ୍ଥାନରେ ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାଦ୍ୱାରା ମାଛ ଚାଷ ପୋଖରୀଗୁଡ଼ିକ ବୁଡ଼ି ଯାଇଥିଲା। ତେଣୁ ବନ୍ୟା ପରବର୍ତ୍ତୀ ସମୟରେ ଭାଙ୍ଗି ଯାଇଥିବା ପୋଖରୀର ହୁଡ଼ାଗୁଡିକୁ ମାଟି ପକାଇ ଅଧିକ ଉଚ୍ଚ ଓ ମେସିନ୍ ଦ୍ୱାରା ଦୃଢ଼ୀଭୂତ କରିନେବା ବିଧେୟ। ତା'ପରେ ଜାଲ ପକାଇ ବାହାରୁ ପଶିଥିବା ଅନାବନା ମାଛ ଓ ଶିକାରୀମାଛଙ୍କୁ ଧରି ବିକ୍ରି କରିଦେବା ସଙ୍ଗେ ସଙ୍ଗେ ପୋଖରୀରେ ଆଉ କେତେ ପରିମାଣର ଚାଷୋପଯୋଗୀ କାର୍ପ ମାଛ ଅଛନ୍ତି, ତାକୁ ଆକଳନ କରିଦେବା ଉଚିତ। ଜାଲ ଟଣା ସମୟରେ ପୋଖରୀରେ ପଶିଯାଇଥିବା ଗଛ ଡାଳପତ୍ର ସବୁକୁ ବାହାର କରିଦେବା ଆବଶ୍ୟକ। ପୋଖରୀ ପାଣିର ପି.ଏଚ୍ ଏବଂ ମୋଟ କ୍ଷାରତ୍ୱକୁ ପରୀକ୍ଷା କରି ପୋଖରୀରେ ଏକର ପିଛା ୪୦ରୁ ୮୦ କି.ଗ୍ରା. ଚୂନକୁ ରାତିସାରା ବତୁରାଇ ସକାଳେ ପକାଯିବ। ପୋଖରୀରେ ଯଦି ଅଧିକ ଜୈବିକ ପଦାର୍ଥ ପଶି ପାଣି ଦୁର୍ଗନ୍ଧଯୁକ୍ତ ହୁଏ ତା'ହେଲେ ଏକରପ୍ରତି ୧୦ରୁ ୨୦ କି.ଗ୍ରା ଜିଓଲାଇଟ୍‌କୁ ଅଳ୍ପ ଓଦା ଗୋଟିଏ ବସ୍ତା ବାଲିରେ ମିଶାଇ ପୋଖରୀର ସର୍ବତ୍ର ବୁଣି ଦିଆଯିବ। ପୋଖରୀରେ ଗଚ୍ଛିତ ଚାଷୋପଯୋଗୀ କାର୍ପ ମାଛ ସଂଖ୍ୟା କମିଯାଇଥିଲେ ପ୍ରଜାତି ଓ ସଂଖ୍ୟାକୁ ଆଖି ଆଗରେ ରଖି ପୁନଃ ସେହି ଅନୁପାତରେ କାର୍ପ ମୁଣ୍ଡା ଯାଆଁଳଙ୍କୁ ପୋଖରୀରେ ଗଚ୍ଛିତ କରାଯିବ।

# ଲାଉ ଚାଷ



ଲାଉ ଏକ ଅର୍ଥକରୀ ଫସଲ। ଲାଉର ଆବଶ୍ୟକତା ମେଣ୍ଟାଇବାକୁ ଆମ ରାଜ୍ୟର ଅଧିକାଂଶ ଚାଷୀ ବିଭିନ୍ନ ପ୍ରକାର ଚାଷ ସହିତ ଲାଉ ଚାଷକୁ ଗୁରୁତ୍ୱ ଦିଅନ୍ତି। ଅଳ୍ପ ଖର୍ଚ୍ଚ ଓ କମ୍ ପରିଶ୍ରମରେ ଲାଉ ଚାଷରୁ ଅଧିକ ଅମଳ ମିଳିଥାଏ। ଶୁଷ୍କ ଓ ଆର୍ଦ୍ର ଜଳବାୟୁରେ ଲାଉଚାଷ ଭଲ ହୋଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ଉର୍ବର, ଦୋରସା ମାଟି ସର୍ବୋତ୍ତମ। ଏକର ପ୍ରତି ୬୦୦ରୁ ୮୦୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ବର୍ଷକ ବାରମାସ ଲାଉ ଚାଷ କରାଯାଇଥାଏ। ବିହନ ଲଗାଇବା ପୂର୍ବରୁ ଜମିକୁ ୨ରୁ ୩ଥର ଭଲଭାବେ ଚାଷ କରି ମାଟିକୁ ଗୁଣ୍ଡ କରାଯିବା ଆବଶ୍ୟକ। ବିହନ ବିଶୋଧନ ପାଇଁ କାର୍ବୋକ୍ସିନ + ଥିରାମ ୨ ଗ୍ରାମ ପ୍ରତି କି.ଗ୍ରା ବିହନ ପ୍ରତି ଦରକାର ପଡ଼ିଥାଏ। ଗଛ ଲଗାଇବା ପାଇଁ ୨.୫ ମି x ୧.୫ ମି ଦୂରତାରେ ମନ୍ଦା କରାଯିବା ଆବଶ୍ୟକ। ପ୍ରତି ମନ୍ଦା ପ୍ରତି ୪ କି.ଗ୍ରା. ଖତ, ଉପରମାଟି, ମୂଳସାର ଆବଶ୍ୟକ ହୋଇଥାଏ। ବର୍ଷାଋତୁରେ ମାଟି ଗଦା କରି ଲଗାଯାଏ। ବିହନ ବୁଣିବା ସମୟରେ ବିହନକୁ ୨୪ରୁ ୪୮ ଘଣ୍ଟା ବତୁରାଇ ୨ ସେମି ଗଭୀରରେ ୩ ରୁ ୪ଟି ବିହନ କିମ୍ବା ୨ଟି ଗଜା ହୋଇଥିବା ବିହନ ଲଗାଯାଇଥାଏ। ଲଗାଇବା ସମୟରେ ଏକର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ, ୧୨ କି.ଗ୍ରା. ଫସ୍‌ଫରସ୍ ଏବଂ ୨୦ କି.ଗ୍ରା. ପୋଟାସିୟମ ପ୍ରୟୋଗ କରି ୩୦ ଦିନରେ ୧୦ କି.ଗ୍ରା. ଯବକ୍ଷାରଜାନ ଦିଆଯାଇଥାଏ। ମନ୍ଦାପ୍ରତି ଦୁଇଟି ଗଛ ରଖାଯାଏ। ଲତା ମାଡ଼ିବା ପାଇଁ ମଞ୍ଚା ବ୍ୟବସ୍ଥା କରିପାରିବେ। ତେବେ ଲାଉ ଫସଲରେ ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷିବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ସିଞ୍ଚନ କରିବା ଏକାନ୍ତ ଆବଶ୍ୟକ। ଲାଉ ଫସଲରେ ସଠିକ ଦେଖାଶୁଣା କରିବା ଦ୍ୱାରା ଗଛ ଲାଗିବାର ପ୍ରାୟ ୫୦ରୁ ୫୫ ଦିନ ମଧ୍ୟରେ ପ୍ରଥମ ଅମଳ ହୋଇଥାଏ। ଏକର ପ୍ରତି ୧୦୦ରୁ ୧୫୦ କ୍ୱିଣ୍ଟାଲ ଅମଳ ମିଳିଥାଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଟମାଟୋ, ଲଙ୍କା, ବାଇଗଣ ଆଦି ଚାରାକୁ ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ଦ୍ୱାରା ଆଚ୍ଛାଦନ କରି ରଖନ୍ତୁ, ଯେପରିକି ଏହା ବର୍ଷା ଦ୍ୱାରା ପ୍ରଭାବିତ ହେବ ନାହିଁ।
- ଫସଲରେ ରୋଗ ଓ ପୋକଙ୍କର ସଂକ୍ରମଣକୁ ନିୟମିତ ନିରୀକ୍ଷଣ କରନ୍ତୁ।
- ବର୍ଷାପାଗ ଯୋଗୁଁ ଅମୃତଭଣ୍ଡାରେ ମୂଳପଚା ରୋଗ ଲାଗିଲେ ଏହାର ନିରାକରଣ ପାଇଁ କାଣ୍ଡ ମୂଳ ମାଟିରେ କପର ଅକ୍ସିକ୍ଲୋରାଇଡ @ ୩ ଗ୍ରାମ କିମ୍ବା କାର୍ବେଣ୍ଡାଜିମ୍ @ ୧ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ।
- କଦଳୀ ଜମିରୁ ବଳକା ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଗଛ ନପଡ଼ିବା ପାଇଁ ଡେରା ଦିଅନ୍ତୁ।
- ଟମାଟୋ ଲଗାଇବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଏକ ଏକର ଟମାଟୋ ଚାଷ ପାଇଁ ୨୦୦ ଗ୍ରାମ ଉନ୍ନତ କିସମ ବିହନ ଏବଂ ୫୦ ଗ୍ରାମ ସଙ୍କର କିସମ ବିହନ ଆବଶ୍ୟକ ହୋଇଥାଏ।

# କୁଣ୍ଡରେ ଗୋଲାପ ଲଗାଉଥିଲେ...



**ଗୋଲାପ ଏକ ଲାଭଜନକ ଚାଷ। ତେବେ କୁଣ୍ଡରେ ଗୋଲାପ ଗଛ ଲଗାଉଥିଲେ ଜଳନିଷ୍କାସନ, ଜୈବିକ ମୃତ୍ତିକା, ଖତ ଚୟନ ସହିତ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦିଆଯାଏ।**

ଗୋଲାପ ଗଛର ଚେର ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସ୍ଥାନ ଆବଶ୍ୟକ। ସେଥିପାଇଁ ୧୨ରୁ ୧୬ ଇଞ୍ଚ ଗଭୀର ଏବଂ ଚଉଡ଼ା କୁଣ୍ଡ ଚୟନ କରାଯାଏ। ଦୁଇ ତିନି ବର୍ଷର ପୁରୁଣା ଗଛକୁ ବଡ଼ କୁଣ୍ଡରେ ଲଗାଯାଏ। ଗଛ ଲଗାଇବା ପାଇଁ ବାଲି ଦୋରସା, ଜିଆଖତ, ସଢ଼ା ଗୋବରମିଶା ମାଟି ବ୍ୟବହାର କରି ପାରିବେ। ଜଳ ନିଷ୍କାସନ ପାଇଁ କୁଣ୍ଡରେ ଛିଦ୍ର କରିବାକୁ ଭୁଲନ୍ତୁନି। ମାଟିର ଉପର ପରସ୍ତ ଶୁଖିଗଲେ ଗଛରେ ପାଣି ଦେବା ଜରୁରି। ଅଧିକ ଫୁଲ ଫୁଟିବାକୁ ଜୈବିକ ଖତ, ଜିଆଖତ ଓ ସୋରିଷ ପିଡ଼ିଆ ଦେଇପାରିବେ। ଶତପ୍ରତିଶତ ଜଳଦ୍ରବୀଭୂତ ସାର ଜଳସେଚନ ପାଣିରେ ମିଶାଇ ଦେଇପାରିବେ। ଗଛରୁ ଶୁଖିଲା ଡାଳ, ପତ୍ରକୁ କାଟଛାଟ କରିବା ସହ ରୋଗପୋକ ସର୍ବେକ୍ଷଣ କରିବା ଆବଶ୍ୟକ।

# ନୀଳ ହରିତ୍ ଶୈବାଳ

ଜିଆଖତ ଓ ଆଜୋଲା ପରି ଚାଷୀମାନେ ଜମିରେ ନୀଳହରିତ୍ ଶୈବାଳର ବ୍ୟବହାର କରି ଲାଭବାନ ହେଉଛନ୍ତି।

ଠିଆପାଣି ରଖାଯାଇ ଧାନ ଚାଷ କରାଯାଉଥିବା ଜମିରେ ନୀଳ ହରିତ୍ ଶୈବାଳ ପ୍ରୟୋଗ ଲାଭଜନକ। ଏହା ଜୈବ ଉର୍ବରକ ଭାବେ ଗଛକୁ ଯବକ୍ଷାରଜାନ ଯୋଗାଏ। ନୀଳ ହରିତ୍ ଶୈବାଳ ବ୍ୟବହାର ଦ୍ୱାରା ରାସାୟନିକ ସାରର ବ୍ୟବହାର ୨୫% ହ୍ରାସ ପାଏ।

ନୀଳ ହରିତ୍ ଶୈବାଳ ପାଉଡରକୁ ଖତ କିମ୍ବା ମାଟିରେ ମିଶାଇ ଜମିର ପାଣିରେ ଛିଞ୍ଚି ଦିଆଯାଏ। ଏହା ଜମିରେ ବଂଶ ବୃଦ୍ଧି କରେ। ଜମିସାରା ନୀଳହରିତ ଶୈବାଳ ବ୍ୟାପି ବାୟୁମଣ୍ଡଳର ଯବକ୍ଷାରଜାନ ଗ୍ରହଣ କରି ଫସଲକୁ ଯୋଗାଏ। ଫସଲରେ ପୋଷକତତ୍ତ୍ୱ ମାତ୍ରା ବୃଦ୍ଧିପାଏ। ମାଟିର ଉର୍ବରତା ବୃଦ୍ଧି ପାଇଁ ଅତ୍ୟନ୍ତ ଲାଭଦାୟକ।

## ୟୁଏସ୍ ଓପନ୍‌ରେ ଆମେରିକାର ଆଶା ଧୂଳିସାତ୍

# ଶେଲ୍‌ଟନ୍‌ଙ୍କୁ ହରାଇ ଜ୍ୱେରେଭ୍ ଚାମ୍ପିଅନ

ନ୍ୟୁୟର୍କ,୧୪।୯ (ଏଜେନ୍ସି): ବିଶ୍ୱର ନଂ-୨ ତଥା ଟୁର୍ଣ୍ଣାମେଣ୍ଟର ନଂ-୧ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ୟୁଏସ୍ ଓପନ ୨୦୨୬ ଗ୍ରାଣ୍ଡସ୍ଲାମ୍ ପୁରୁଷ ସିଙ୍ଗଲ୍ସ ଟେନିସ ଚାମ୍ପିଅନ ହୋଇଛନ୍ତି। ଏହା ଫଳରେ ୨୦୦୩ ପରେ ଆମେରିକା ଘରୋଇ ମାଟିରେ ଟାଇଟଲ ଜିତିବ ବୋଲି ଯେଉଁ ଆଶା ବାନ୍ଧିଥିଲା ତାହା ଧୂଳିସାତ ହୋଇଯାଇଛି। ଏହି ବର୍ଷ ଆଣ୍ଡି ରଡ୍ଡିକ୍ ଆମେରିକାର ଶେଷ ଖେଳାଳି ଭାବେ ୟୁଏସ୍ ଓପନ ଜିତିଥିଲେ। ରବିବାର ରାତିରେ ଖେଳାଯାଇଥିବା ଫାଇନାଲରେ ଜ୍ୱେରେଭ୍ ୬-୩, ୭-୬, ୫-୭, ୬-୨ ସେଟ୍‌ରେ ୮ମ ସିଡ୍ ଆମେରିକାର ବେନ୍ ଶେଲଟନ୍‌ଙ୍କୁ ପରାସ୍ତ କରି ଟ୍ରଫି ଜିତିନେଇଥିଲେ। ଏହି ମୁକାବିଲାଟି ଦୀର୍ଘ ସାଢ଼େ ୩ ଘଣ୍ଟା ଧରି ଚାଲିଥିଲା। ୬ ବର୍ଷ ପୂର୍ବେ ଜ୍ୱେରେଭ୍ ଏଠାରେ ଟାଇଟଲ ଜିତିବାର ଯେଉଁ ସ୍ୱପ୍ନ




ଦେଖିଥିଲେ ତାହାକୁ ଫାଇନାଲରେ ଡୋମିନିକ୍ ଥିଏମ୍ ଧୂଳିସାତ କରିଦେଇଥିଲେ। ୬ବର୍ଷ ପରେ ଜ୍ୱେରେଭ ୟୁଏସ୍ ଓପନ ଚାମ୍ପିଅନ ହେବା ସହ ସ୍ୱପ୍ନ ପୂରଣ କରିଛନ୍ତି।

ଘରୋଇ ମାଟିରେ ଖେଳୁଥିବା ବେନ୍ ଶେଲଟନ ପ୍ରଥମ ଦୁଇଟି ସେଟ୍‌ରେ ହାରିଯିବା ପରେ ହୋସ୍ ହରାଇ ନ ଥିଲେ। ସମର୍ଥକଙ୍କ ସମର୍ଥନ ପାଇ ବେଶ ଉତ୍ସାହର ସହ ମୁକାବିଲା କରିଥିଲେ। ଯାହା ଫଳରେ ଦ୍ୱାଦଶ ଗେମ୍‌ରେ ପଶା ପାଲଟିଯାଇଥିଲା। ତୃତୀୟ ସେଟ୍‌କୁ ସେ ୭-୫ରେ ଜିତିନେଇଥିଲେ। ଏହାକୁ ବରଦାସ୍ତ କରି ପାରି ନ ଥିଲେ। ଚତୁର୍ଥ ସେଟ୍‌ର ପ୍ରଥମ ଓ ସପ୍ତମ ଗେମ୍‌ରେ ବ୍ରେକ୍ ପାଇଥିଲେ ଜ୍ୱେରେଭ୍। ଯାହା ଫଳରେ ଶେଲଟନ ଆଉ ମ୍ୟାଚ୍‌କୁ ଫେରିପାରି ନ ଥିଲେ। ଜ୍ୱେରେଭ ଚତୁର୍ଥ ସେଟ୍‌କୁ ୬-୨ରେ ଜିତିବା ସହ ମ୍ୟାଚ୍‌କୁ ୩-୧ରେ ଜିତି ଚାମ୍ପିଅନ ହେବା ସହ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିଲେ।

● ଟେଷ୍ଟ ମ୍ୟାଚ୍‌ରେ ସ୍ଲୋ ଓଭରରେଟ୍

## ପାକିସ୍ତାନର ୫୦ ପ୍ରତିଶତ ମ୍ୟାଚ୍ ଫି'; ୧୧ ପଏଣ୍ଟ କଟିଲା

ଦୁବାଇ,୧୪।୯ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଶେଷ ଟେଷ୍ଟରେ ପରାଜିତ ପାକିସ୍ତାନକୁ ନିର୍ଦ୍ଧାରିତ ସମୟରେ ଓଭର ରେଟ ବୋଲିଂ କରିପାରି ନ ଥିବାରୁ ଆଇସିସି ଦଣ୍ଡିତ କରିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ନିର୍ଦ୍ଧାରିତ ସମୟରେ ୧୧ ଓଭର କମ୍ ବୋଲିଂ କରିଥିଲା। ଫଳରେ ଏହାର ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ର ୧୧ ପଏଣ୍ଟ ଓ ସର୍ବାଧିକ ୫୦ ପ୍ରତିଶତ ମ୍ୟାଚ୍ ଫି କାଟି ନିଆଯାଇଛି। ଇଂଲଣ୍ଡ ନିକଟରୁ ପାକିସ୍ତାନ ୩-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲରେ ୯ମ ସ୍ଥାନକୁ ଖସି ଆସିଛି।




## ଭାରତରେ ଚାମ୍ପିଅନ୍ସ ଟ୍ରଫି ହକି ଖେଳିବ ପାକିସ୍ତାନ

ଚଣ୍ଡିଗଡ଼,୧୪।୯ (ଏଜେନ୍ସି): ପଡୋଶୀ ପାକିସ୍ତାନ ଓ ଆୟୋଜକ ଭାରତ ସମେତ ୬ଟି ଦେଶକୁ ନେଇ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତା ପଞ୍ଜାବର ମୋହାଲିରେ ଅକ୍ଟୋବର ୨୭ରୁ ନଭେମ୍ବର ୫ ମଧ୍ୟରେ ଖେଳାଯିବ। ଏଥିରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱତ ସିଂହ ମାନ୍ ଆଜି ଘୋଷଣା କରିଛନ୍ତି। ଅନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ହେଲେ ଚୀନ୍, ଜାପାନ, ମାଲେସିଆ ଓ ଦକ୍ଷିଣ କୋରିଆ। ୨ଟି ରିଜର୍ଭ ଦଳ ଓମାନ ଓ ବାଂଲାଦେଶକୁ ରଖାଯାଇଛି। ପାକିସ୍ତାନ ଓ ଭାରତ ମଧ୍ୟରେ ନଭେମ୍ବର ୧ରେ ମ୍ୟାଚ ଖେଳାଯିବ। ଭାରତ ୨୦୨୩ ଓ ୨୦୨୪ରେ ଚାମ୍ପିଅନ ହୋଇଥିଲା। ଫାଇନାଲ ନଭେମ୍ବର ୩ରୁ ୫ ଯାଏ ମୋହାଲିରେ ଖେଳାଯିବ।

● ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଟି-୨୦ ଆଜି

## ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଆୟୋଜକ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ମଙ୍ଗଳବାର ଏଠାରେ ଖେଳାଯିବ। ସମାନ ଅରୁଣ ଜେଟଲୀ ଷ୍ଟାଡିୟମରେ ରବିବାର ରାତିରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ଭାରତ ୭ ୱିକେଟରେ ବିଜୟୀ ହୋଇଥିଲା। ଓପନର୍ ଅଭିଷେକ ଶର୍ମା ୩୨ ବଲରେ ୮୨ ରନର ବିଧ୍ୱଂସୀ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ସହଜ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଘରୋଇ ଭାରତ ଏହି ବିଜୟଧାରାକୁ ବଜାୟ ରଖି ସିରିଜକୁ ଆଗୁଆ କବଜା କରିବା ଲକ୍ଷ୍ୟରେ ରହିଛି। ତେବେ ପଞ୍ଚମ ବୋଲର ସମସ୍ୟା ଭାରତ ପାଇଁ ଚିନ୍ତାର କାରଣ ରହିଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ନୀତୀଶ ରେଡ୍ଡୀ, ଶିବମ ଦୁବେ ଓ ଅଭିଷେକ କାମଚଳା ବୋଲିଂ କରୁଥିଲେ ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହେଇପାରୁନାହାନ୍ତି। ପ୍ରଥମ ଟି-୨୦ରେ ଏହି ୩ଜଣ ବୋଲର ମିଳିତ ଭାବରେ ୪ ଓଭର ବୋଲିଂ କରି ୫୯ ରନ ପ୍ରଦାନ କରି ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଅପରପକ୍ଷରେ ଭାରତରେ ସିରିଜ ଆୟୋଜନ କରୁଥିବା ଆଫଗାନିସ୍ତାନ ପାଇଁ ଦ୍ୱିତୀୟ ଟି-୨୦ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ୧-୦ରେ ପଛୁଆ ରହିଥିବା ଆଫଗାନିସ୍ତାନ ଦଳ ମଙ୍ଗଳବାର ମ୍ୟାଚ ହାରିଲେ ସିରିଜ ମଧ୍ୟ ହାତଛଡ଼ା କରିବ।

**ମ୍ୟାଚ ଆରମ୍ଭ: ରାତି ୭ଟା ୩୦**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

### ବରୁଣ ଆଉଟ୍

ଆଫଗାନିସ୍ତାନ ବିପକ୍ଷ ଶେଷ ଦୁଇଟି ଟି-୨୦ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳକୁ ବଡ଼ ଝଟକା ଲାଗିଛି। ଷ୍ଟାର ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଘାତଜନିତ ସମସ୍ୟା ଲାଗି ଦଳରୁ ବାଦ୍ ପଡ଼ିଛନ୍ତି। ଏପରିକି ସେ ଆଗାମୀ ଏସୀୟ କ୍ରୀଡ଼ାରୁ ମଧ୍ୟ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ଟି-୨୦ରେ ବରୁଣ ୪ ଓଭରରେ ୧୬ ରନ ବ୍ୟୟରେ ଗୋଟିଏ ୱିକେଟ ନେଇଥିଲେ। ବରୁଣଙ୍କ ଆଘାତ ସମସ୍ୟା ନେଇ ବିସିସିଆଇ ପକ୍ଷରୁ ଅଧିକ ଅପଡେଟ ଦିଆଯାଇନାହିଁ।

### ଆର୍ଚରୀ ୱାର୍ଲ୍ଡକପ୍: ଧୀରଜଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଭାରତର ପ୍ରଥମ ଆର୍ଚର ଧୀରଜ ବୋମାଦେବରା ମେକ୍ସିକୋର ସାଲଟିଲୋଠାରେ ଚାଲିଥିବା ଆର୍ଚରୀ ୱାର୍ଲ୍ଡ କପ୍‌ର ପୁରୁଷ ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଫାଇନାଲରେ ଜାପାନର ନାକାନିଶି ଜୁନିୟାଙ୍କୁ ପରାସ୍ତ କରିଥିଲେ। ଏହା ସହ ଦୀର୍ଘ ୧୬ ବର୍ଷ ପରେ ରିକର୍ଭ ଇଭେଣ୍ଟରେ ଭାରତକୁ ୱାର୍ଲ୍ଡକପ୍ ମେଡାଲ ମିଳିଥିଲା।

## ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର: ପ୍ରି-କ୍ୱାର୍ଟରରେ ଚନ୍ଦ୍ର

ଭୁବନେଶ୍ୱର, ୧୪।୯ (ସମିସ): କଟକ ସିଡିଏସ୍ଥିତ ଗୋଲ୍ଡେନ୍ କ୍ୟୁ ସ୍ନୁକର କାଫେରେ ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସ ଖେଳ ରେ ଚନ୍ଦ୍ର ମହାନ୍ତି, ପାରସ ରାଉତରାୟ, ଆର୍ଯ୍ୟନ ପ୍ରଧାନ, ବିଶେଷ ସିଂଘଲ, ସନ୍ଦୀପ ଅଗ୍ରୱାଲ, ସିଦ୍ଧାର୍ଥ ସେନ୍ ଏବଂ ପ୍ରିୟ ଗୋବିନ୍ଦ ମହାପାତ୍ର ବିଜୟ ହାସଲ କରିଛନ୍ତି। ଚନ୍ଦ୍ର, ଆର୍ଯ୍ୟନ



ଓ ସିଦ୍ଧାର୍ଥ ଚମତ୍କାର ପ୍ରଦର୍ଶନ କରି ନିଜ ନିଜ ମ୍ୟାଚ୍‌କୁ ୩-୦ ଫ୍ରେମ୍‌ରେ କ୍ଲିନ୍ ସ୍ୱିପ୍ କରିଥିଲେ। ଚନ୍ଦ୍ର ମହାନ୍ତି ଦୁଇଟି ବିଜୟ ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ରିଦ୍ଧିକ ମହାନ୍ତିଙ୍କୁ ୩-୦ରେ ଓ ପରେ ପାରସଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରିଥିଲେ।

# ମୋହସିନ୍ ନକ୍‌ଭି ଏସିଆ କପ୍ 'ଟ୍ରଫି ଚୋର୍'

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଦୁବାଇରେ ଗତକାଲି ଶେଷ ହୋଇଥିବା ମହିଳା ଏସିଆ କପ୍ ସିନିଅର କ୍ରିକେଟରେ ଶ୍ରୀଲଙ୍କାକୁ ୭୨ ରନ୍‌ରେ ହରାଇ ଭାରତ ୮ମଥର ଚାମ୍ପିଅନ ହୋଇଥିଲା। କିନ୍ତୁ ଭାରତ ବିରୋଧରେ କାମ କରୁଥିବା ଏସୀୟ ତଥା ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନାକରିଦେଇଥିଲେ। ଗତବର୍ଷ ମଧ୍ୟ ସମାନ ସ୍ଥିତିରେ ପୁରୁଷ ଚାମ୍ପିଅନ ହେବା ପରେ ଟ୍ରଫି ଗ୍ରହଣ କରି ନ ଥିଲେ। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ଥିବା ନକ୍‌ଭୀ ଫାଇନାଲରେ ମୁଖ୍ୟ ଅତିଥି ହେବେ ବୋଲି ଜାଣିବା ପରେ ଭାରତ ତାଙ୍କଠାରୁ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଆୟୋଜକଙ୍କୁ ଜଣାଇଥିଲେ। ନକ୍‌ଭୀ ଏହାକୁ ଗ୍ରହଣ କରି ନ ଥିଲେ ଓ ଶ୍ରୀଲଙ୍କାକୁ ରନର୍ସ ଅପ୍ ଟ୍ରଫି ଦିଆଯିବା ପରେ ପୁରସ୍କାର ବିତରଣ ଉତ୍ସବ ଶେଷ ହୋଇଥିଲା। ଏହା ଫଳରେ ଦ୍ୱିତୀୟବର୍ଷ ଲାଗି ନକ୍‌ଭୀଙ୍କଠାରୁ ଏସିଆନ୍ ଚାମ୍ପିଅନ ହେବା ପରେ ଟ୍ରଫି ଗ୍ରହଣ କରି ନ ଥିଲେ ଭାରତୀୟ କ୍ରିକେଟ ଦଳ। ଗତକାଲି ନକ୍‌ଭୀ ପୁରସ୍କାର ଦେବା ଲାଗି ଷ୍ଟାଡିୟମ୍‌କୁ ପ୍ରବେଶ କରିବା ପରେ ଦର୍ଶକମାନେ ଟ୍ରଫି ଚୋର, ଟ୍ରଫି ଚୋର ବୋଲି ଜୋରରେ ପାଟି କରିଥିଲେ। ନକ୍‌ଭୀ ଥରେ ସେମାନଙ୍କୁ ଦେଖିବା ପରେ ଆଉ ଅନାଇ ନ ଥିଲେ। ୨୦୨୫ରେ ପୁରୁଷ ଓ ୨୦୨୬ରେ ମହିଳା ଦଳର ଟ୍ରଫି ନେଇଯାଇଛନ୍ତି ନକ୍‌ଭୀ। ଏସିଆନ୍ କ୍ରିକେଟ କାଉନ୍ସିଲର ସଭାପତି ଥିବା ନକ୍‌ଭୀଙ୍କ କାର୍ଯ୍ୟକାଳ ୨୦୨୭ ଏପ୍ରିଲ ୨ରେ ଶେଷ ହେବ।

### ■ କ୍ରାନ୍ତି ଗୌଡ଼ ଦଣ୍ଡିତ

ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଭାରତର ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ଙ୍କୁ ଦଣ୍ଡିତ କରାଯାଇଛି। ଶ୍ରୀଲଙ୍କା ଓପନର ଇମେଶା ଦୁଲାନି ଆଉଟ ହେବା ପରେ କ୍ରାନ୍ତି ଆଚରଣ ସଂହିତା ଉଲ୍ଲଙ୍ଘନ କରି ସେଣ୍ଡ ଅଫ୍ ଆହ୍ୱାନ କରିଥିଲେ। ଏହା ଫଳରେ ସେ ଲେଭଲ-୧ ଅପରାଧ କରିଥିଲେ ଓ ଦଣ୍ଡ ଆକାରରେ ୧୦ ଶତକଡ଼ା ମ୍ୟାଚ୍ ଫି କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଥିଲା।




## ସାମିଙ୍କ ଭାଇ କୈଫଙ୍କ ନାମରେ ଦୁଷ୍କର୍ମ ମାମଲା

ଲକ୍ଷ୍ନୌ, ୧୪।୯ (ଏଜେନ୍ସି): କ୍ରିକେଟର ମହମ୍ମଦ ଶାମିଙ୍କ ଭାଇ ମହମ୍ମଦ କୈଫଙ୍କ ବିରୋଧରେ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ନୌର ଆସିଆନା ପୋଲିସ ଷ୍ଟେସନରେ ଏହି ଏଫଆଇଆର ରୁଜୁ କରାଯାଇଛି। ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ କୈଫ ତାଙ୍କୁ ୨୦୨୩ ଡିସେମ୍ବର ୯ ତାରିଖରେ କୋଲକାତାର ଏକ ହୋଟେଲରେ ଦୁଷ୍କର୍ମ କରିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗ ଦାଖଲ କରିବା ପରେ କୈଫଙ୍କ ଭାଇ ହସିବ ତାଙ୍କୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୀଡିତା ଛାଡପତ୍ରପ୍ରାପ୍ତ ଏବଂ ତାଙ୍କର ଏକ ପୁଅ ରହିଛି। ଏଫଆଇଆର ଅନୁଯାୟୀ, ମହିଳା ଜଣକ ୨୦୨୦ ମସିହାରେ ଜଣେ ପାରସ୍ପରିକ ବନ୍ଧୁଙ୍କ ମାଧ୍ୟମରେ ମହମ୍ମଦ କୈଫଙ୍କୁ ଭେଟିଥିଲେ। ସେତେବେଳେ ମହିଳା ଜଣକ ଗାଜିଆବାଦର ଏକ ପ୍ରସିଦ୍ଧ ସମାଜରେ ରହୁଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS